# ସଂଚାର
THE SANCHAR

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 33 | ISSUE 146 | ଭାଗ ୩୩ | ସଂଖ୍ୟା ୧୪୬
Bhubaneswar | Sunday 17 August 2025 | Page 8 Rs. 5.00
ଭୁବନେଶ୍ୱର ରବିବାର ୧୭ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଆଜି ଭାରତ ଆସୁଛନ୍ତି ଶୁଭାଂଶୁ

ପୃଷ୍ଠା ୬

### ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଲୋଡ଼ିଲେ ତଥ୍ୟ

## ଦାଗୀ ସାଂସଦଙ୍କ ତାଲିକା ମାଗିଲେ ସିଇଓ



**ନୂଆଦିଲ୍ଲୀ,୧୬।୮:** ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଚିଠିକୁ ନେଇ ଚର୍ଚ୍ଚା । କେଉଁ ସାଂସଦଙ୍କ ନାଁରେ କେଉଁ ମାମଲା ରହିଛି ସେ ନେଇ ତଥ୍ୟ ଲୋଡାଯାଇଛି । ବିଭିନ୍ନ ବିଭାଗ ସହ ବିଧାନସଭା ଓ ଭିଜିଲାନ୍ସକୁ ବି ଚିଠି ଲେଖିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ।

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ବିଗୁଲ ବାଜିସାରିଛି । ସେପ୍ଟେମ୍ବର ୯ ତାରିଖରେ ଭୋଟ ପଡିବ । ହେଲେ ତା ପୂର୍ବରୁ ଅନେକ ପ୍ରକ୍ରିୟା ନିର୍ବାଚନ କମିସନଙ୍କ ପକ୍ଷରୁ କରାଯାଉଛି । ସେହି ଆଧାରରେ ମୁଖ୍ୟ ନିର୍ବାଚନ ଅଧିକାରୀ ଚିଠିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ରାଜ୍ୟର ଦାଗୀ ସାଂସଦଙ୍କ ତାଲିକା ମାଗିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ, ସିଇଓ । ଗତ ୧୪ ତାରିଖରେ ସିଇଓଙ୍କ ପକ୍ଷରୁ ଗୃହ ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅନସୂଚିତ ଜାତି ଓ ଜନଜାତି, ସଂସଦୀୟ ବ୍ୟାପାର, ବିଧାନସଭା ସଚିବ ଓ ଭିଜିଲାନ୍ସକୁ ଚିଠି ଲେଖାଯାଇଛି ।

ଏଥିରେ କୁହାଯାଇଛି, ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଓଡିଶାର ଲୋକସଭା ଓ ରାଜ୍ୟସଭାର ଦାଗୀ ସାଂସଦଙ୍କ ତାଲିକା ଦିଅ। ଜନପ୍ରତିନିଧି ଆଇନ ୧୯୫୧, ଧାରା ୮ ଅନୁସାରେ କୌଣସି ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଅବଗତ କରାଅ । ଯଦି କେହି ଅତିକମରେ ୨ ବର୍ଷ କାରାଦଣ୍ଡ ➾ପୃଷ୍ଠା-୬

### ଗାନ୍ଧୀମାର୍ଗରେ ମୁଖ୍ୟମନ୍ତ୍ରୀଙ୍କ ପତାକା ଉତ୍ତୋଳନ

# ମହିଳାଙ୍କ ବିରୋଧରେ ହିଂସା କରୁଥିବା ବ୍ୟକ୍ତିଙ୍କୁ ଛଡ଼ାଯିବନି

- ମହିଳା ସୁରକ୍ଷା ଲାଗି ଶୂନ୍ୟ ସହନଶୀଳ ନୀତି
- ସଙ୍ଗଠିତ ଅପରାଧକୁ ଦମନ କରାଯିବ
- ନିଶା ମାଫିଆଙ୍କୁ ସାବାଡ ଲାଗି ନିର୍ଦ୍ଦେଶ

**ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମାହାତ୍ମା ଗାନ୍ଧୀ ମାର୍ଗରେ ୭୯ତମ ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ସେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେମାନଙ୍କର ଅକଳ୍ପନୀୟ ତ୍ୟାଗ, ସଂଘର୍ଷ ଓ ସଂଗ୍ରାମର ପରାକାଷ୍ଠା, ଓଡିଶାକୁ ଜାତୀୟ ଆନ୍ଦୋଳନର ମୁଖ୍ୟ ସ୍ରୋତରେ ସାମିଲ କରିଥିଲା ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହିଳା ସଶକ୍ତିକରଣ, ମହିଳା ସୁରକ୍ଷାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ମହିଳାଙ୍କ ବିରୋଧରେ ହିଂସା କରୁଥିବା ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ସମାଜର ବିକାଶ ପାଇଁ ଦୁଇଟି ମୁଖ୍ୟ ଅସ୍ତ୍ର ହେଉଛି ଶିକ୍ଷା ଓ ସ୍ୱାସ୍ଥ୍ୟ। ଏହାର ଭିତ୍ତିଭୂମି ବିକାଶ ଜରୁରୀ। ନୂତନ ଜାତୀୟ ଶିକ୍ଷାନୀତି, ପିଏମ୍-ଉଷା, ପିଏମ୍-ଶ୍ରୀ, ନିପୁଣ ଓଡିଶା, ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନ ପରି କାର୍ଯ୍ୟକ୍ରମ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବ।

ସଙ୍ଗଠିତ ଅପରାଧକୁ ଦମନ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ମହିଳା ସୁରକ୍ଷା ପାଇଁ ଆମର ଶୂନ୍ୟ ସହନଶୀଳ ନୀତି । ମହିଳାଙ୍କ ବିରୋଧରେ ହିଂସା କରୁଥିବା ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କ ସ୍ଥାନ ଜେଲ୍ ରେ, ସମାଜରେ ନୁହେଁ। ଏଥିପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ



ପୋଲିସକୁ କ୍ଷମତା ଦିଆଯାଇଛି । ମହିଳାଙ୍କ ସୁରକ୍ଷାରେ ଅବହେଳା କଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୋଟାମୋଟି ରାଜ୍ୟରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣାଧୀନ ରହିଛି । ଏହାକୁ ଅଧିକ ପ୍ରଭାବୀ କରିବାକୁ ପଡ଼ିବ। ଅପରାଧ ବୃଦ୍ଧିର ବଡ଼ କାରଣ ହେଉଛି ନିଶା କାରବାର। ନିଶା ମାଫିଆଙ୍କୁ ଦମନ ପାଇଁ ଦିଆଯାଇଛି ନିର୍ଦ୍ଦେଶ। ଗାଁ ଠାରୁ ରାଜଧାନୀ ପର୍ଯ୍ୟନ୍ତ ଗୁଣ୍ଡାରାଜକୁ ଦମନ କରାଯିବ। ସଙ୍ଗଠିତ ଅପରାଧକୁ ନିୟନ୍ତ୍ରଣ ପାଇଁ ଆଇନ ଆଣିବାକୁ ପଛାଇବୁନି। ଦାଦାବଟି , ଚାନ୍ଦା ଆଦାୟକୁ ସଙ୍ଗଠିତ ଅପରାଧ ଭାବେ ବିଚାର କରାଯିବ। ଶିକ୍ଷାନୁଷ୍ଠାନରେ କ୍ୟାମ୍ପସକୁ ସୁରକ୍ଷିତ ଅଞ୍ଚଳ ଘୋଷଣା କରାଯିବ। କ୍ୟାମ୍ପସରେ ନିଶାସେବନକୁ ସମ୍ପୂର୍ଣ୍ଣ ବାରଣ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

ଏବେ ଆମେ ଦ୍ରୁତ ➾ପୃଷ୍ଠା-୬

### ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ନ ଲଗାଇ ହଟହଟା

## ୨୨୭ ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ

- ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କଡ଼ାକଡ଼ି
- ଜଗତସିଂହପୁର ଆରଟିଓ ଦ୍ୱାରା ସର୍ବାଧିକ ୨୭



**କଟକ/ଭୁବନେଶ୍ୱର,୧୬।୮ (ସଂଚାର ବ୍ୟୁରୋ):** ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ବିରୋଧରେ ରାଜ୍ୟ ପରିବହନ ପ୍ରାଧିକରଣ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଦ୍ୱାରା କଡ଼ାକଡ଼ି ଏନଫୋର୍ସମେଣ୍ଟ ଜାରି ରହିଛି । ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନକୁ ନେଇ ମାରାଥନ୍ ଏନଫୋର୍ସମେଣ୍ଟ ପରେ ଏବେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ନ ଲଗାଉଥିବା ବାଣିଜ୍ୟିକ ଗାଡ଼ି ବିରୋଧରେ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କରାଯାଇଛି । ନିୟମ ଉଲ୍ଲଙ୍ଘନ କରିଥିବା ୨୨୭ ଗାଡ଼ିର ଫିଟନେସ ପ୍ରମାଣପତ୍ର ରଦ୍ଦ କରାଯାଇଛି।

ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଅଗଷ୍ଟ ୧୪ ରାତି ୯ ରୁ ୧୨ ଓ ଅଗଷ୍ଟ ଭୋର୍ ୪ ରୁ ୬ ଯାଏଁ କରାଯାଇଥିଲା । ଆରଟିଓ ମାନଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ବିଭିନ୍ନ ରାଜପଥରେ ଉଭୟ ମାଲବାହୀ ଓ ଯାତ୍ରୀବାହୀ ଗାଡ଼ି ଗୁଡ଼ିକୁ ଯାଞ୍ଚ କରିଥିଲେ। ଯେଉଁ ଗାଡ଼ି ବି ଏହି ନିୟମ ଉଲ୍ଲଙ୍ଘନ କରିଥିଲେ, ସେମାନଙ୍କ ଫିଟନେସ ରଦ୍ଦ କରାଯାଇଛି । ଜଗତସିଂହପୁର ଆରଟିଓ ଦ୍ୱାରା ସର୍ବାଧିକ ୨୭, ଝାରସୁଗୁଡ଼ା ଆରଟିଓରେ ୨୬, ➾ପୃଷ୍ଠା-୬

## ସମ୍ପତ୍ତି ପାଇଁ ପେଟ୍ରୋଲ ଢାଳି ଜାଳିଦେଲେ

### ବନ୍ଧାହେଲେ ବାପା, ସାବତ ମା’ ଓ ସାନ ଭାଇ

**ବାଲିପାଟଣା,୧୬।୮(ସଂଚାର ବ୍ୟୁରୋ):** ବାଲିପାଟଣାରେ ପୋଡ଼ି ହୋଇଥିବା ଗୁରୁତର ଯୁବକଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟଣାରେ ବାପା ସୁରେନ୍ଦ୍ର ନାଥ ମଠିଆ, ସାବତ ମାଆ ପ୍ରଭାତୀ ମଠିଆ ଓ ସାନ ଭାଇ ପ୍ରଶାନ୍ତ ମଠିଆଙ୍କୁ ଗିରଫ କରିଛି ପୁଲିସ। ହତ୍ୟା ମାମଲା ରୁଜୁ କରି ଗିରଫ ଦର୍ଶାଇଛି ପୁଲିସ। ଏନେଇ ସୂଚନା ଦେଇଛନ୍ତି ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ।



ମୃତକ ହେଲେ ଜ୍ୟୋତି ରଞ୍ଜନ ମଠିଆ ( ୪୦ )। ପେଟ୍ରୋଲ ନିଆଁରେ ଶରୀରର ଶହେ ପ୍ରତିଶତ ଜଳି ଯାଇଥିଲା। ସମ୍ପତ୍ତି ପାଇଁ ବାପା, ସାବତ ମାଆ ଓ ସାନ ଭାଇଙ୍କୁ ପେଟ୍ରୋଲ ଢାଳି ମାରିଦେଇଥିବା ଜ୍ୟୋତି ଗୁରୁତର ଅବସ୍ଥାରେ ବୟାନ ଦେଇଥିଲେ। ରାତି ପ୍ରାୟ ୪ ଟାରେ ଏମ୍ସରେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ଜ୍ୟୋତିଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ମୃତ୍ୟୁ ପୂର୍ବରୁ ଜ୍ୟୋତି ନିଜେ କହିଥିଲେ।

ଜୋନ-୪ର ଏସିପି ଅଭିମନ୍ୟୁ ନାୟକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଜମି ବିବାଦ ପାଇଁ ଜ୍ୟୋତିଙ୍କୁ ହତ୍ୟା କରିଛନ୍ତି ପରିବାର। ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି। ଘଟଣାରେ ବାପା ସୁରେନ୍ଦ୍ର ମଠିଆ, ସାବତ ମା ପ୍ରଭାତୀ ମଠିଆ ଓ ସାବତ ଭାଇ ପ୍ରଶାନ୍ତ ମଠିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ବାଲିପାଟଣା ଥାନା ପୁଲିସ। ଅଧିକ ତଦନ୍ତ ପାଇଁ ରିମାଣ୍ଡ ରେ ଆଣାଯିବ। ଅଭିଯୁକ୍ତଙ୍କ ବିରୁଦ୍ଧରେ ବିଏନ୍ଏସ୍ ଦଫା ୧୧୮(୨), ୧୦୯, ➾ପୃଷ୍ଠା-୬

### ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶ

## ପାସ୍ ହାର ୫୬.୨୩ ପ୍ରତିଶତ




**କଟକ,୧୬।୮(ସଂଚାର ବ୍ୟୁରୋ):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ବୋର୍ଡ କାର୍ଯ୍ୟାଳୟରେ ପରୀକ୍ଷା ଫଳ ପ୍ରକାଶ ପାଇଛି । ଅପରାହ୍ନ ୨ଟା ପରେ ୱେବସାଇଟ୍‌ରେ ରେଜଲ୍ଟ ଉପଲବ୍ଧ ହେବ । ସପ୍ଲିମେଣ୍ଟାରୀ ପାସ ହାର ୫୬.୨୩ ଶତକଡା ରହିଛି । ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାରେ ୩୪୫୭ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୧୮୪୪ ଜଣ ଛାତ୍ର ପାସ କରିଛନ୍ତି । ସେହିପରି ଓପନ ସ୍କୁଲ ଦ୍ୱିତୀୟ ପରୀକ୍ଷା ୧୦, ୮୦୯ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୫୯୭୩ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି । ଓପନ ସ୍କୁଲ ଦ୍ୱିତୀୟର ପାସ ହାର ରହିଛି ୫୫.୨୬ ଶତକଡା । ➾ପୃଷ୍ଠା-୬

## ଅଟଳଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ



- ନୂଆଦିଲ୍ଲୀ ଠାରେ ‘ସଦୈବ ଅଟଳ’ ସ୍ମୃତିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ
- ଦେଶ ପ୍ରଗତିରେ ଅଟଳଜୀଙ୍କ ଅବଦାନକୁ ମନେପକାଇଲେ
- ପୋଖରାନ ପରମାଣୁ ପରୀକ୍ଷା ତାଙ୍କ ଦୂରଦର୍ଶିତାର ପ୍ରତୀକ

**ନୂଆଦିଲ୍ଲୀ, ୧୬।୮ (ସଂଚାର ବ୍ୟୁରୋ):** ରାଷ୍ଟ୍ରବାଦୀ, ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ନୂଆଦିଲ୍ଲୀରେ ‘ସଦୈବ ଅଟଳ’ ସ୍ମୃତିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ‘ଏକ୍ସ’ରେ ଉଲ୍ଲେଖ କରିଛନ୍ତି ଯେ, ଦେଶ ସ୍ୱାର୍ଥରେ ଅଟଳଜୀଙ୍କ ନୀତି ଆଦର୍ଶ ସବୁବେଳେ ପ୍ରେରଣା ହୋଇରହିବ। ବିଜେପିର ପ୍ରତିଷ୍ଠାତା ସଦସ୍ୟ ଅଟଳଜୀ ଥିଲେ କୋଟି କୋଟି କାର୍ଯ୍ୟକର୍ତ୍ତାଙ୍କ ପ୍ରେରଣାର ସ୍ରୋତ । ଯେତେବେଳେ ଦେଶର ରାଜନୈତିକ ନୈତିକତା, ରାଷ୍ଟ୍ର କଲ୍ୟାଣ ପ୍ରତି ସଠିକ୍ ନିଷ୍ଠା ଏବଂ ସିଦ୍ଧାନ୍ତ ଉପରେ ଚର୍ଚ୍ଚା ଆଲୋଚନା ହେବ, ସେତେବେଳେ ଶ୍ରଦ୍ଧେୟ ଅଟଳଜୀଙ୍କୁ ସ୍ମରଣ କରାଯିବ । ତାଙ୍କର ବିଚାରରେ, ରାଷ୍ଟ୍ରର ପ୍ରଗତି ଏବଂ ସମୃଦ୍ଧି ସେବେ ସମ୍ଭବ ହେବ, ଯେତେବେଳେ ଆମେ ଆମର ଆଦର୍ଶ ସହ କେବେ ହେଲେ ସାଲିସ୍ କରିବା ନାହିଁ ।

ପୋଖରାନ ପରମାଣୁ ପରୀକ୍ଷା ଏବଂ ସୁଦୃଢ଼ ଆର୍ଥିକ ନୀତି ତାଙ୍କର ଦୂରଦର୍ଶିତା ଏବଂ ସାହସର ପ୍ରତୀକ । ବିଜେପିର ପ୍ରତିଷ୍ଠା ଠାରୁ ପ୍ରଧାନମନ୍ତ୍ରୀ ହେବା ପର୍ଯ୍ୟନ୍ତ ସେ ସବୁବେଳେ ଜାତୀୟ ସ୍ୱାର୍ଥକୁ ସର୍ବୋପରି ରଖୁଥିଲେ । ଆଜି ତାଙ୍କର ପୁଣ୍ୟତିଥିରେ ପୂଜ୍ୟ ଅଟଳଜୀଙ୍କ ସ୍ମୃତିମାନ ଆମ ସମସ୍ତଙ୍କ ମନରେ ଅମର ହୋଇ ରହିବ ବୋଲି ସେ କହିଛନ୍ତି ।

## ମା’ ସମଲେଇଙ୍କ ପାଇଁ ଧାର୍ଯ୍ୟହେଲା ନୂଆଁଖାଇ ଲଗ୍ନ



### ୨୮ ଅଗଷ୍ଟରେ ଲାଗି ହେବ ନବାନ୍ନ

**ସମ୍ବଲପୁର,୧୬।୮(ସଂଚାର ବ୍ୟୁରୋ):** ପ୍ରଚଳିତ ପରମ୍ପରା ଅନୁସାରେ ନନ୍ଦୋତ୍ସବ ତିଥିରେ ସମ୍ବଲପୁର ବ୍ରହ୍ମପୁରା ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ପାଇଁ ଲଗ୍ନଧାର୍ଯ୍ୟ ହୋଇଛି।

ଆସନ୍ତା ଭାଦ୍ରବ ଶୁକ୍ଲପକ୍ଷ ପଞ୍ଚମୀ ତୁଳା ଲଗ୍ନରେ ଅଗଷ୍ଟ ୨୮ (ଗୁରୁବାର) ପୂର୍ବାହ୍ନ ୧୦ଟା ୩୩ରୁ ୧୦ଟା ୫୫ ମଧ୍ୟରେ ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଅର୍ପଣ ନିମନ୍ତେ ଲଗ୍ନଧାର୍ଯ୍ୟ କରାଯାଇଛି।

ରାଜା ରାଜୁଡ଼ା ଅମଳରୁ ଚାଲିଆସୁଥିବା ପରମ୍ପରା ଅନୁସାରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶନିବାର ପଣ୍ଡିତମାନଙ୍କୁ ଲଗ୍ନ ନିର୍ଦ୍ଧାରଣ ନିମନ୍ତେ ନିମନ୍ତ୍ରଣ କରାଯାଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କଠାରେ ପୂଜକ ସନ୍ତୋଷ ପଣ୍ଡା ଓ କୈଳାସ ପଣ୍ଡାଙ୍କ ପୂଜାର୍ଚ୍ଚନା ପରେ ପଣ୍ଡିତମଣ୍ଡଳୀଙ୍କ ଦ୍ୱାରା ଲଗ୍ନ ବାହାର କରାଯାଇଥିଲା। ➾ପୃଷ୍ଠା-୬

## ୧୨ ନୂଆ ଏନ୍‌ଏସି ପାଇଁ ଡ୍ରାଫ୍ଟ ନୋଟିସ୍ ଜାରି

**ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଏନ୍‌ଏସି ସଂଖ୍ୟା ବୃଦ୍ଧି କରିବା ପାଇଁ ଯୋଜନା ଆରମ୍ଭ କରିଦେଇଛନ୍ତି। ଏଥି ପାଇଁ ୧୨ଟି ନୂଆ ଏନ୍‌ଏସି ପାଇଁ ଡ୍ରାଫ୍ଟ ନୋଟିସ୍ ଜାରି କରିଛନ୍ତି। ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏହି ନୋଟିସରେ ଅନୁଗୁଳଜିଲ୍ଲା ପାଲଲହଡ଼ା, ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର, ବାଲେଶ୍ୱର ଜିଲ୍ଲା ବସ୍ତା, ମୟୂରଭଂଜ ଜିଲ୍ଲା ବେତନଟୀ, ବାଙ୍ଗିରିପୋଷି ଓ ଚିତ୍ରଡ଼ା, ରାୟଗଡ଼ା ଜିଲ୍ଲା ବିଶମକଟକ, ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଓ ବାମରା, ଭଦ୍ରକ ଜିଲ୍ଲା ତିହିଡ଼ି ଓ ଧୁଷୁରୀ, ବାଲେଶ୍ୱର ଜିଲ୍ଲା ସିମୁଳିଆ ସାମିଲ ରହିଛି।

ରାଜ୍ୟ ସରକାର ରାଜ୍ୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ ବୃଦ୍ଧି କରିବା ପାଇଁ ➾ପୃଷ୍ଠା-୬



### କାନ ଡେରିଆ

ଗର୍ବ ଅହଙ୍କାରେ ଫାଟି ପଡୁଛନ୍ତି
ଏବେକାର କିଛି ମନ୍ତ୍ରୀ
ଏଇ ଗର୍ବ ଯଦି କିଛି ଦିନ ରୁହେ
ମିଳିବେନି ଆଉ ଯନ୍ତ୍ରୀ
ଟେନସନରେ ଏବେ ଯାତ୍ରୀ...
ମୁଖିଆ ଏବେଠୁ ସଜାଗ ନହେଲେ
ଦେଖୁଥିବ କାଳ ରାତ୍ରୀ ।

■ ଦେବାଶିଷ

# ବିଜେଡି ତଣ୍ଟିରେ ପାଞ୍ଚ ଜିଲ୍ଲା ସଭାପତି କଣ୍ଟା

- ବୈଠକ ପରେ ବୈଠକ
- ହୋଇପାରୁନି ସହମତି

**ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ) :** ବିଜେଡି ତଣ୍ଟିରେ ଏବେ ୫ଟି ଜିଲ୍ଲାର ସଭାପତି ପଦ କଣ୍ଟା ଭଳି ଲାଗିଛି । ଏମାନଙ୍କୁ କିଭଳି ଚୟନ କରାଯିବ ତାହାକୁ ନେଇ ଘନ ଘନ ବୈଠକ ବସୁଥିଲେ ମଧ୍ୟ ନିଷ୍ପତ୍ତି ହୋଇପାରୁ ନାହିଁ । ଅବସ୍ଥା ଏଭଳି ହୋଇଛି ଯେ, ଜିଲ୍ଲା ସଭାପତି ବାଛିବା ପାଇଁ ବୈଠକ ବସିଥିଲେ ମଧ୍ୟ ଗଣମାଧ୍ୟମକୁ ଅଲଗା କଥା କୁହାଯାଉଛି ।

ବର୍ତ୍ତମାନ ସୁଦ୍ଧା ବିଜେଡି ତାହାର କୋରାପୁଟ, ରାୟଗଡା, ବାଲେଶ୍ୱର, ଢେଙ୍କାନାଳ ଓ ଖୋର୍ଦ୍ଧା ସାଂଗଠନିକ ଜିଲ୍ଲାର ସଭାପତି ଚୟନ କରିପାରୁ ନାହିଁ । କାହା ମୁଣ୍ଡରେ ସଭାପତି ଶିରିପା ବନ୍ଧାଯିବ ତାହାକୁ ନେଇ ଘନ ଘନ ବୈଠକ ବସୁଛି । ଆଜି



ମଧ୍ୟ ଏ ନେଇ ନବୀନ ନିବାସରେ ବୈଠକ ବସିଥିଲା । ବୈଠକରେ ସୁଦାମ ମାରାଣ୍ଡି, ଅମର ପଟ୍ଟନାୟକ, ରୋହିତ ଜୋଶେଫ ତିର୍କି, ପ୍ରଫୁଲ ସାମଲ, ଜଗନ୍ନାଥ ସାରକା, ସାଲୁଗା ପ୍ରଧାନ, ବିଧାୟକ ପ୍ରଦୀପ ଦିଶାରୀଙ୍କ ସହ ଅନ୍ୟ କିଛି ନେତା ଉପସ୍ଥିତ ଥିଲେ । ସମସ୍ତେ ଘମାଘୋଟ ଆଲୋଚନା କଲେ । ସହମତି ଭିତ୍ତିରେ ନିଷ୍ପତ୍ତି ନେବାକୁ ଚାହିଁଥିଲେ ମଧ୍ୟ ତାହା ହୋଇନଥିଲା । ବୈଠକ ବିଫଳ ହୋଇଥିବା ବେଳେ ବାହାରେ ଆସି ଗଣମାଧ୍ୟମକୁ ଭିନ୍ନ କଥା କହିଲେ ।

ତେବେ ଏହିସବୁ ଜିଲ୍ଲାର ସଭାପତି ଚୟନ ଦୀର୍ଘଦିନ ଧରି ନହେବା ବିଜେଡି ଭିତରେ ଥିବା ତୀବ୍ର ଅସନ୍ତୋଷକୁ ପ୍ରତିଫଳିତ କରୁଛି । ଏହି ପାଞ୍ଚ ଜିଲ୍ଲାରେ ଏକାଧିକ ଆଶାୟୀ ଥିବା ଏବଂ ନେତାମାନେ ଏକାଧିକ ଦଳରେ ବିଭକ୍ତ ହୋଇ ପରସ୍ପର ବିରୁଦ୍ଧରେ ଲଢୁଥିବାରୁ ଦଳର ମୁଖିଆ କୌଣସି ଠୋସ୍ ନିଷ୍ପତ୍ତିରେ ପହଞ୍ଚି ପାରୁନାହାନ୍ତି। କାଳେ ଅସନ୍ତୁଷ୍ଟମାନେ ପ୍ରତିକ୍ରିୟାଶୀଳ ହୋଇ ଉଠିବେ, ସେଥିପାଇଁ ସମୟ ଗଡାଇ ଚାଲିଛନ୍ତି। ମୁଣ୍ଡ ଉପରେ ଉପରାଷ୍ଟ୍ରପତି ନିର୍ବାଚନ ଥିବାରୁ ଭୟ ବେଶି ଗୋଡାଉଛି ।

ଅନ୍ୟପକ୍ଷରେ ଜିଲ୍ଲା ସଭାପତି ଚୟନ ସରୁନଥିବାରୁ ଦଳରେ ଯୁବ, ମହିଳା ଓ ଛାତ୍ର ସଭାପତି ପଦ ପାଇଁ ନୂଆ ➾ପୃଷ୍ଠା-୬

## ଭୁବନେଶ୍ୱର- ଝାରସୁଗୁଡ଼ା ବିମାନ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱର ବିମାନ ବନ୍ଦର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରୁ ଝାରସୁଗୁଡା ପର୍ଯ୍ୟନ୍ତ ବିମାନସେବାର ଶୁଭାରମ୍ଭ କରିଛନ୍ତି। ୭୬ ସିଟ୍ ବିଶିଷ୍ଟ ଷ୍ଟାର ଏୟାରର ଏହି ବିମାନଟି ଓଡ଼ିଶା ନ୍ୟୁ ଡେଷ୍ଟିନେଶନ ପଲିସି ଅଧୀନରେ ବିମାନ ଯୋଜନାରେ ଭିଜିଏଫ ସହଯୋଗରେ ଚଳାଚଳ ଆରମ୍ଭ କରିଛି। ଏହି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ବିମାନ ବନ୍ଦର ଠାରେ ପ୍ରଥମ ଯାତ୍ରୀଙ୍କୁ ବୋର୍ଡିଂ ପାସ୍ ପ୍ରଦାନ କରିଥିଲେ ।

ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ବିମାନଟି ସପ୍ତାହରେ ୫ ଦିନ - ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର ଓ ଶନିବାର ଚଳାଚଳ କରିବ। ମାତ୍ର ୪୫ ମିନିଟ ➾ପୃଷ୍ଠା-୬

SANCHAR ସଂଚାର

### ଶୌଚ ହେବାକୁ ଯାଇ ଭାସିଗଲେ
## ନଦୀରୁ ନାବାଳକଙ୍କ ମୃତଦେହ ଉଦ୍ଧାର



**ମହାକାଳପଡ଼ା, ୧୬।୮ (ସଂଚାର ବ୍ୟୁରୋ):** ମହାକାଳପଡ଼ା ଥାନା ଅଧୀନ ଦଧିପୁର ଗ୍ରାମର ଦେବେନ୍ଦ୍ର ପାତ୍ରଙ୍କ ସାନପୁଅ ସୂର୍ଯ୍ୟ ପାତ୍ର ଶୁକ୍ର ବାର ରାତ୍ରିଶେଷ ପ୍ରହରରେ ଲୁଣା ନଦୀକୁ ଶୌଚ ହେବାକୁ ଯାଇଥିଲେ । ଅସାବଧାନତା ବଶତଃ ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀର ସ୍ରୋତରେ ଭାସି ଯାଇଥିଲେ । ଝାଡା ଯିବା ବେଳେ ମା କୁ କହି ଯାଇଥିବାରୁ ପୁଅର ଫେରିବା ବାଟକୁ ଚାହିଁ ବସିଥିଲେ ଛବିରାଣୀ। କିନ୍ତୁ ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପଡୋଶୀଙ୍କୁ ଘଟଣା ବିଷୟରେ ଜଣାଇବା ସହିତ ଖୋଜାଖୋଜି କରି ପୁଅକୁ ପାଇନଥିଲେ । ପାଖ ଗାଁ କୁମାରପଡା ଲୋକେ ଶନିବାର ନଦୀରେ ନାବାଳକଙ୍କ ଶବ ଭାସୁଥିବାର ଦେଖିବା ପରେ ପରିବାରକୁ ଖବର ଦେଇଥିଲେ। ଖବର ପାଇ ବିଧବା ମା ଛବିରାଣୀ ଶବ ନିକଟରେ ପହଞ୍ଚି ସାନ ପୁଅ ବୋଲି ଚିହ୍ନିଥିଲେ । ସ୍ୱାମୀ ଙ୍କ ମୃତ୍ୟୁ ର କିଛି ବର୍ଷ ପରେ ସାନ ପୁଅର ଅକାଳ ବିୟୋଗ ନେଇ ବିଧବା ମହିଳା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଏନେଇ ନାବାଳକଙ୍କ ମା ଛବିରାଣୀ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣା ପଡିଛି । ଏତଲା ଆଧାରରେ ମହାକାଳପଡ଼ା ପୋଲିସ ଶବ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ୧୩/୨୫ ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇବା ସହିତ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି । ପତି ଓ ପୁଅ କୁ ହରାଇ ଥିବା ନିଃସହାୟ ବିଧବା ମହିଳା ଙ୍କ ପରିବାର କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ମହିଳା ପୁଲିସକୁ ମାଡ଼, ଅଭିଯୁକ୍ତ ଗିରଫ

**ରାଜନଗର, ୧୬।୮ (ସଂଚାର ବ୍ୟୁରୋ):** ରାଜନଗର ଥାନାର ମହିଳା ପୋଲିସକୁ ଅଭିଯୁକ୍ତ ମାଡ ମାରିଛନ୍ତି। ମହିଳା ନିର୍ଯ୍ୟାତନା ମାମଲାରେ ତଦନ୍ତ ପାଇଁ ଯାଇଥିବା ବେଳେ ଅଭିଯୁକ୍ତ ମହିଳା ଏଏସଆଇଙ୍କୁ ମାଡ ମାରିଛନ୍ତି। ମହିଳା ଏଏସଆଇଙ୍କ ଅଭିଯୋଗ ଆଧାରରେ ରାଜନଗର ଥାନାରେ ୨୭୦/୨୦୨୫ ରେ ମାମଲା ରୁଜୁ ହୋଇଛି। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ରାଜନଗର ଥାନା ଅନ୍ତର୍ଗତ ସାତଭାୟା ପଞ୍ଚାୟତ ବଗପାଟିଆର ନିତ୍ୟାନନ୍ଦ ମଣ୍ଡଳ ଓ ତାଙ୍କ ପତ୍ନୀ କବିତା ମଣ୍ଡଳଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ନିତ୍ୟାନନ୍ଦ କବିତାଙ୍କୁ ମାଡ ମାରିବା ଯୋଗୁଁ କବିତା ବାପ ଘରକୁ ଚାଲି ଆସିଛନ୍ତି। ମାତ୍ର ନିତ୍ୟାନନ୍ଦ ତାଙ୍କର ୩ ବର୍ଷ ଓ ୮ ବର୍ଷର ଦୁଇ ଝିଅଙ୍କୁ ଛାଡି ନଥିଲେ। ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରିବା ପାଇଁ କବିତା ମଣ୍ଡଳ ଆଜି ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରି ମାଆ ପାଖକୁ ଫେରାଇ ଆଣିବା ପାଇଁ ରାଜନଗର ଥାନାର ଏଏସଆଇ ସୁଜାତା ନାୟକ ଆଜି ନିତ୍ୟାନନ୍ଦଙ୍କ ଘରେ ପହଞ୍ଚି ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରିବା ବେଳେ ନିତ୍ୟାନନ୍ଦ ମହିଳା ଏଏସଆଇଙ୍କୁ ଧକ୍କା ମାରିଥିଲେ। ପୋଲିସ ସଙ୍ଗେ ସଙ୍ଗେ ନିତ୍ୟାନନ୍ଦଙ୍କୁ କାବୁ କରି ନେଇଥିଲେ। ଦୁଇ ଝିଅଙ୍କୁ ମଧ ପୋଲିସ ଉଦ୍ଧାର କରି ଥାନାକୁ ଆଣିଥିଲା। ଥାନାରେ ଦୁଇ ଝିଅଙ୍କୁ ତାଙ୍କ ମାଆଙ୍କୁ ଜିମା ଦିଆଯାଇଛି। ପୋଲିସ ଏଏସଆଇଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ଗିରଫ କରାଯାଇ ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

## ବିଶ୍ୱ ଅଙ୍ଗଦାନ ଦିବସରେ ଅଙ୍ଗଦାନ ନିଷ୍ପତ୍ତି
### ସମାଜକୁ ଦେଲେ ନିଆରା ବାର୍ତ୍ତା



**ମହାକାଳପଡ଼ା, ୧୬।୮ (ସଂଚାର ବ୍ୟୁରୋ):** ଆଜି ଥିଲା ବିଶ୍ୱ ଅଙ୍ଗଦାନ ଦିବସ। ଏହି ଦିବସ ଅବସରରେ ପ୍ରତାପ ରଞ୍ଜନ ତ୍ରିପାଠୀ ତାଙ୍କ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଦେହାନ୍ତ ପରେ ହୃତପିଣ୍ଡ, ବୃକକ, ଯକୃତ, ଖାଦ୍ୟ ନଳୀ, ଅସ୍ଥି, ଚର୍ମ ଆଦି ଅଙ୍ଗଗୁଡ଼ିକୁ ଚିକିତ୍ସା ଉଦ୍ଦେଶ୍ୟରେ ସେ ବିନା ଦ୍ୱିଧାରେ ସହମତି ପ୍ରଦାନ କରିଛନ୍ତି। ପ୍ରତାପ ରଞ୍ଜନ ତ୍ରିପାଠୀ ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଦେଉଳ ପଡା ଗ୍ରାମର ସ୍ଥାୟୀ ବାସିନ୍ଦା। ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ ବିଭିନ୍ନ ସାମାଜିକ ସଙ୍ଗଠନ ସହିତ ସାମିଲ ହୋଇ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଆସୁଛନ୍ତି। ତାଙ୍କର ଏହି ମହାନ୍ ଚିନ୍ତାଧାରା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା କରାଯାଇଛି।

# ନାକାବନ୍ଦି କରିଛି ପଡ଼ୋଶୀ, ଘରୁ ବାହାରିପାରୁନି ପରିବାର

- ସରକାରୀ ଜମିରେ ଜବରଦଖଲ, ସବୁ ଜାଣି ନୀରବ ପ୍ରଶାସନ
- ଛଅ ମାସ ପରେ ବି କାର୍ଯ୍ୟକାରୀ ହେଲାନି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ନିରାଶ ପରିବାରର ଏବେ ଆତ୍ମାହୁତି ଦେବାକୁ ଚେତାବନୀ



**କେନ୍ଦ୍ରାପଡ଼ା, ୧୬।୮ (ସଂଚାର ବ୍ୟୁରୋ):** ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଗୋଟେ ପରିବାରର ଘର ସମ୍ମୁଖରେ ପାଖ ପଡ଼ୋଶୀ ଜୋର ଜବରଦସ୍ତ ସରକାରୀ ଜମିକୁ ଜବରଦଖଲ କରି ଘର ସମ୍ମୁଖରେ କଂକ୍ରିଟ ତାର ବାଡ ପୋତି ରାସ୍ତା ଅବରୋଧ କରିଦେଇଛି। ଫଳରେ ଘରୁ ସେହି ପରିବାରଟି ପଦାକୁ ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। ଏହି ଘଟଣା ପାଟକୁରା ସମେତ ପୁରା କେନ୍ଦ୍ରାପଡା ଜିଲ୍ଲାର ସାଧାରଣରେ ଉକ୍ତ ଘଟଣାକୁ ପ୍ରଶାସନର ନିରବତାକୁ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଘଟଣା ପରେ ସମ୍ପୃକ୍ତ ପରିବାର ନ୍ୟାୟ ନପାଇବାରୁ ସମସ୍ତଙ୍କ ମନରେ ନ୍ୟାୟିକ ବ୍ୟବସ୍ଥା ଭୁଷୁଡି ପଡିଥିବା ଆଲୋଚନା ହେଉଛି।

ଅଭିଯୋଗ ଅନୁସାରେ ପାଟକୁରା ଥାନା ଅନ୍ତଗତ ପାଟସୁରା ଗ୍ରାମର ନିହାର ରଞ୍ଜନ ପଟ୍ଟନାୟକ ଗତ ୨୮ ଜୁଲାଇ ୨୦୨୪ ତାରିଖରେ ତାଙ୍କ ଘର ପାଖ ପଡ଼ୋଶୀ ସରକାରୀ ଗୋଚର ଜମିକୁ ଜବରଦଖଲ କରି ସମ୍ପୂର୍ଣ୍ଣ ରାସ୍ତା ଅବରୋଧ କରିଥିବା ନେଇ ଏକ ଅଭିଯୋଗ କରିଥିଲେ। ଅଭିଯୋଗର ସମାଧାନ ନହେବାରୁ ଅବରୋଧ ଶିକାର ହୋଇଥିବା ପରିବାର ଶେଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଉପଜିଲ୍ଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ତୁରନ୍ତ ଜବରଦଖଲ ଉଚ୍ଛେଦ ଲାଗି ନୋଟିସ୍ ମଧ କରିଥିଲେ। ଏହି ନୋଟିସ୍ ପାଇବା ପରେ ସ୍ଥାନୀୟ ପାଟକୁରା ଥାନାର କିଛି ପୁଲିସ୍ କର୍ମଚାରୀଙ୍କୁ ସାଙ୍ଗରେ ଧରି ନିଜେ ତହସିଲଦାର ଯିବା ପରିବର୍ତ୍ତେ ଆର୍‌ଆଇଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଅବରୋଧ କରିଥିବା ବ୍ୟକ୍ତି ଓ ତାଙ୍କ ପରିବାର ମହିଳା ସଦସ୍ୟମାନେ ସରକାରୀ ନୋଟିସକୁ ଗ୍ରହଣ ନକରି ଓଲଟା ଉଚ୍ଛେଦ ପାଇଁ ଯାଇଥିବା ଅଧିକାରୀମାନଙ୍କୁ ଭୟଭୀତ କରାଇବାରୁ ଶେଷରେ ଯାଇଥିବା ପୁଲିସ୍ କର୍ମଚାରୀ ଓ ଗରଦପୁର ଆରଆଇ ସେଠାରୁ ଦୌଡି ପଳାଇ ଆସିଥିଲେ।

ପୁନର୍ବାର ଅବୋରୋଧର ଶିକାର ହୋଇଥିବା ପରିବାର ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି ଏହି ବିଷୟରେ ଜଣାଇଥିଲେ । ଜିଲ୍ଲାପାଳ ତୁରନ୍ତ ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗରଦପୁର ତହସିଲଦାର ତୃପ୍ତି ଦାଶ ଏବଂ ଉପଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚି ସବୁ ଦେଖି ମଧ ଫେରି ଆସିଥିଲେ । ଘଟଣାକୁ ଦୀର୍ଘ ୯ ମାସ ପରେ ପୁରା ପରିବାର ନିରାଶ ହୋଇ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଟରେ ନିହାର ରଞ୍ଜନଙ୍କ ମାଆ ଫୁଲରାଣି ନାୟକ ଗତ ୩ ମାର୍ଚ୍ଚ ୨୦୨୫ରେ ଅଭିଯୋଗ ମାଧ୍ୟମରେ ଜଣାଇଥିଲେ । ଏହି ଅଭିଯୋଗ ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରୁ ମଧ ଉଚ୍ଛେଦ ନିମନ୍ତେ ନିର୍ଦ୍ଦେଶ ଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

ଅନ୍ୟପଟେ ନିଜେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ ଗରଦପୁର ତହସିଲଦାରଙ୍କୁ ଗତ ଜୁଲାଇ ୧୦ ତାରିଖରେ ଫୋନ୍ ଯୋଗେ ଏହି ଘଟଣାରେ ସମ୍ପର୍କରେ ସମ୍ପୂର୍ଣ୍ଣ ରିପୋର୍ଟ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମନ୍ତ୍ରୀଙ୍କ ଫୋନ୍‌କୁ ଆଜିକୁ ଏକ ମାସ ୬ ଦିନ ବିତିଯାଇଥିଲେ ସୁଦ୍ଧା ଅସହାୟ ପରିବାରକୁ ନ୍ୟାୟ ମିଳିପାରି ନାହିଁ । ଯାହାକୁ ନେଇ ଏବେ ନିହାର ଏବଂ ତାଙ୍କ ପୁରା ପରିବାର ନିରାଶ ହେବା ସହିତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ନିଜକୁ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି।

# ତେର ଗାଁ ଘାଟରେ ମଦ୍ୟପଙ୍କ ଉପଦ୍ରବ
### ଅସୁରକ୍ଷିତ ଯାତ୍ରୀ, ତଦନ୍ତ ନିର୍ଦ୍ଦେଶ ଦେଲେ ବିଡିଓ



**ମହାକାଳପଡ଼ା, ୧୬।୮ (ସଂଚାର ବ୍ୟୁରୋ):** ତେର ଗାଁ ଘାଟକୁ ନେଇ ବିବାଦ ପିଛା ଛାଡୁନି। ଗତ ବୁଧବାର ଏକ ଅଭାବନୀୟ ଓ ଛାତିଥରା ଘଟଣା ସାମ୍ନାକୁ ଆସିବା ପରେ ସାରା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଜାଣିବାକୁ ପାଇ ମହାକାଳପଡ଼ା ବିଡ଼ିଓ ପିଇଓଙ୍କୁ ତଦନ୍ତ ସହିତ ସତ୍ୟତା ଥିଲେ ନିଲାମ ନେଇଥିବା ବ୍ୟକ୍ତିଙ୍କୁ ମୋଟା ଅଙ୍କର ଆର୍ଥିକ ଦଣ୍ଡରେ ଦଣ୍ଡିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ ବୁଧବାର ଦିନ ମହାକାଳପଡ଼ା ପଟରୁ ତେର ଗାଁ ଘାଟକୁ ଡଙ୍ଗା ଯାଉଥିବା ସମୟରେ କିଛି ମଦ୍ୟପ ବ୍ୟକ୍ତି ଜଘନ୍ୟ କାଣ୍ଡ ଘଟାଇଥିଲା। ଡଙ୍ଗାରେ ଲୋକଙ୍କ ସହିତ କଲେଜ ଛାତ୍ରଛାତ୍ରୀ ମଧ ଥିଲେ। ମଦ୍ୟପ ଡଙ୍ଗାର ଇଞ୍ଜିନ ନିୟନ୍ତ୍ରଣ କରିବାକୁ ଥିବା ହ୍ୟାଣ୍ଡେଲକୁ ମୋଡ଼ିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ସେମାନଙ୍କ ହରକତ ପାଇଁ ମଝି ନଈରେ ଡଙ୍ଗା ଦୋହଲିବାକୁ ଲାଗିଥିଲା। କିଛି ସମୟ ଲୋକେ ଭୟଭୀତ ହୋଇପଡିଥିଲେ। ଯୁବକଙ୍କୁ ଘାଟିଆଙ୍କ ସହିତ କିଛି ଯାତ୍ରୀ କାବୁ କରିଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେବାରେ ଲାଗିଛି।

ବିନା ଲାଇଫ ଜ୍ୟାକେଟରେ ବିପଦପୂର୍ଣ୍ଣ ନୌକା ଯାତ୍ରା ସହ ଉଛୁଳା ନଈରେ ଜୀବନକୁ ପାଣି ଛଡ଼ାଇ ଲୋକେ ନଦୀ ପାର ହେଉଛନ୍ତି। ନା ପ୍ରଶାସନ, ନା ଲୋକପ୍ରତିନିଧି ସମସ୍ତେ ଯେପରି ଦେଖିକି ନିରବଦ୍ରଷ୍ଟା ପାଲଟିଛନ୍ତି ବୋଲି ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଅବଗତ ହେବା ପରେ ମହାକାଳପଡ଼ା ବିଡ଼ିଓ ତେର ଗାଁ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ତଦନ୍ତ କରି ଫେରି ଘାଟ ନିଲାମ ଆଇନ ଉଲଙ୍ଘନ ଓ ବିନା ଲାଇଫ ଜ୍ୟାକେଟରେ ଘାଟ ଚଲାଇବା ପାଇଁ ନିଲାମକାରୀଙ୍କୁ ମୋଟା ଅଙ୍କର ଆର୍ଥିକ ଦଣ୍ଡରେ ଦଣ୍ଡିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପୂର୍ବରୁ ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ ମହାକାଳପଡ଼ା ପଞ୍ଚାୟତ ସମିତିକୁ ଡଙ୍ଗାର ପଞ୍ଜିକରଣ ଓ ଚାଳକଙ୍କ ଲାଇସେନ୍ସ ସମ୍ପର୍କରେ ସୂଚନା ମାଗିଥିଲେ ସୁଦ୍ଧା କୌଣସି ତଥ୍ୟ ପ୍ରଦାନ କରିନଥିଲେ ପଞ୍ଚାୟତ ସମିତି କାର୍ଯ୍ୟାଳୟ। ଯାହାକୁ ନେଇ ଚାଲିଥିବା ଫେରି ଘାଟ ଉପରେ ଅନେକ ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ପ୍ରଶାସନ ଏହି ଘାଟ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ଲୋକେ ଦାବି କରିଛନ୍ତି।

## ସ୍ୱାଧୀନତା ଦିବସରେ ସ୍ୱାସ୍ଥ୍ୟସେବା ଶିବିର



**ମାର୍ଶାଘାଇ, ୧୬।୮ (ସଂଚାର ବ୍ୟୁରୋ):** ଶ୍ରୀ ଶ୍ରୀ ସଚ୍ଚିଦାନନ୍ଦ ସ୍ୱେଚ୍ଛାସେବୀ ଯୁବକ ସଙ୍ଘ ତରଫରୁ ମାର୍ଶାଘାଇ ବ୍ଲକ ଅଧିନସ୍ଥ ବଟିରା ଗ୍ରାମ ର ସଚ୍ଚିଦାନନ୍ଦ ମହୋତ୍ସବ ପଡିଆ ସମୁଖରେ ୭୯ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବଟିରା ହାଇସ୍କୁଲ ପ୍ରାଙ୍ଗଣରେ ଏକ ଦେୟ ମୁକ୍ତ ସ୍ୱାସ୍ଥ୍ୟ ସେବା ଆଲୋଚନା ଶିବିର ଅନୁଷ୍ଠିତ ହୋଇଯାଇଛି। ଡ଼. ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଏହି କାର୍ଯ୍ୟକ୍ରମକୁ ପ୍ରତିନିଧିତ୍ୱ କରିଥିଲେ।

କୀଡ଼ୀନ ରୋଗ, ପରିଶ୍ରା ରୋଗ, କ୍ୟାନ୍ସର ରୋଗ ଏବଂ ଅନ୍ୟାନ୍ୟ ରୋଗର ସମାଧାନ ଉପରେ ଆଲୋକପାତ କରିଥିଲେ। ଏହି ଶିବିରରେ ବୟସ୍କ, ଯୁବ ପିଢ଼ି ଏବଂ ଛାତ୍ର ଛାତ୍ରୀ ବହୁ ସଂଖ୍ୟାରେ ଯୋଗଦେଇ ରୋଗ ସମ୍ପର୍କିତ ପ୍ରଶ୍ନର ଉତ୍ତର ଜାଣିଥିଲେ । ଠିକ ସମୟରେ ଶୋଇବା, ସୁସ୍ଥ ଖାଦ୍ୟ, ବ୍ୟାୟାମ/ଯୋଗ କରିବା ଦ୍ୱାରା ଏକ ସୁସ୍ଥ ଶରୀର ପାଇହେବ ବୋଲି ଡାକ୍ତର କହିଥିଲେ। ଏହି କାର୍ଯ୍ୟକ୍ରମରେ ପିତାମ୍ବର ସାହୁ, ମିହିର ସାମଲ, ସୁକାନ୍ତ କୁମାର ବେହେରା, ସତ୍ୟବ୍ରତ ଦାସ,ସାଗର କାନ୍ତ ମଲ୍ଲିକ, ତପନ ମଲ୍ଲିକ, ଦିନେଶ କୁମାର ସ୍ୱାଇଁ, ଅସିତ କୁମାର ସ୍ୱାଇଁ, ବିନୋଦ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ମଧୁ ବାରିଷ୍ଟର ସଂଗଠନ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ

**କଟକ, ୧୬।୮ (ସଂଚାର ବ୍ୟୁରୋ):** ମଧୁ ବାରିଷ୍ଟର ସଙ୍ଗଠନ ପକ୍ଷରୁ ସ୍ୱାଧୀନତାର ୭୯ବର୍ଷ ପୂର୍ତ୍ତି ଅବସରରେ କଟକ ଚୌଦ୍ୱାର ନୂଆପାଟଣା ସ୍ଥିତ ଶିଶିର ବିଶ୍ୱାଳଙ୍କ ବାସଭବନ ନିକଟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏଥିରେ ସଙ୍ଗଠନର ସଦସ୍ୟ ତଥା କ୍ରିମିନାଲ କୋର୍ଟସ ବାର ଆସୋସିଏସନ୍ ପୂର୍ବତନ ସମ୍ପାଦକ ପ୍ରଦିପ କୁମାର ପରିଡ଼ା ମୁଖ୍ୟ ଅତିଥି ରୂପେ ପତକା ଉତ୍ତୋଳନ ସହିତ ସଭା ପରିଚାଳନା କରିଥିଲେ। ଏଥିରେ ସମ୍ପାଦକ ସ୍ମୃତି ରଞ୍ଜନ ରାଉତ, ସହ ସମ୍ପାଦକ ରାଜ କିଶୋର ମହାରଣା, କୋଷାଧକ୍ଷ ଓ କ୍ରିମିନାଲ କୋର୍ଟସ ବାର ଆସୋସିଏସନ୍ ର ବର୍ତ୍ତମାନ ଉପସଭାପତି ଶିଶିର ରଞ୍ଜନ ବିଶ୍ୱାଳ, କାର୍ଯ୍ୟକାରୀ କର୍ମକର୍ତ୍ତା ନୀଳାଦ୍ରି ମହାରଣା, ବାସୁଦେବ ସେଠି ଏବଂ ଜଗନ୍ନାଥ ମହାନ୍ତି, ସଞ୍ଜୟ କୁମାର ବେହେରା, , ରବୀନ୍ଦ୍ର ଲେଙ୍କା ତଥା ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇଥିଲେ ।

● ସମ୍ପର୍କୀୟ ଦେଢ଼ଶୁରଙ୍କ ଉନ୍ମୋକ୍ତକାଣ୍ଡ
## ଭାଇବୋହୂ ଆଗରେ ଉଲଗ୍ନ ହୋଇ ନାଚିବା ସହ ପରିବାରକୁ ମାରିଦେବାକୁ ଧମକ

**କେନ୍ଦ୍ରାପଡ଼ା, ୧୬।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ଇଚ୍ଛାପୁର ଗ୍ରାମରେ ବୁଲୁଛି ଖଣ୍ଡା । ଏହି ଅଭିଯୋଗ ଆଣିଛନ୍ତି ଇଚ୍ଛାପୁର ଗ୍ରାମର ବୋହୂ ନିତୁରାଣୀ ଦାସ । ତାଙ୍କର ଅଭିଯୋଗ କିଛିଦିନ ହୋଇଯିବ ତାଙ୍କର ସାନ ବାପାଙ୍କ ପୁଅ ତଥା ଦେଢ଼ଶୁର ଅସଭ୍ୟ ଭାଷାରେ ତାଙ୍କ ପରିବାରକୁ ଗାଳି ଗୁଲଜ କରିବା ସହ ଉଲଗ୍ନ ହୋଇ ଘର ଆଗରେ ନାଚିଛି । ଯାହାକୁ ଅସହ୍ୟ ହୋଇ ଘଟଣା ସମ୍ପର୍କରେ ଗତ ୧୨ ତାରିଖ ଦିନ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଟାଉନ ଥାନା ଅଧିକାରୀ ଉକ୍ତ ଘଟଣାକୁ ୧୬୩/୨୫ରେ ରୁଜୁ କରି ଥିଲା ବେଳେ ଆସାମୀଙ୍କ ବିରୋଧରେ ସଙ୍ଗୀନ ଦଫା ମଧ ଲଗାଇଥିଲେ । କିନ୍ତୁ କିଛିଦିନ ପରେ ଆସାମୀ କଳାକୌଶଳ କ୍ରମେ ଆଇନ ଚକ୍ରରୁ ଉଦ୍ଧାର ହୋଇଯାଇଥିଲା । ରାଗରେ ପୁନର୍ବାର ନିତୁରାଣୀଙ୍କ ଘର ସମ୍ମୁଖକୁ ଯାଇ ଧମକ ଚମକ ଦେଇଥିଲା । ଗତ ଶୁକ୍ରବାର ରାତିରେ ନିତୁରାଣୀଙ୍କ ସ୍ୱାମୀ ରାସ୍ତାରେ ଠିଆ ହୋଇଥିବା ବେଳେ ତାଙ୍କୁ ଗୁଳିକରି ଉଡାଇ ଦେବାକଥା ମଧ କହିଥିଲା ବୋଲି ନିତୁରାଣୀ ଅଭିଯୋଗ କରିଛନ୍ତି । ଏ ଘଟଣାରେ ନିତୁରାଣୀଙ୍କ ପରିବାର ଭୟଭୀତ ଅବସ୍ଥାରେ ଥିବା ବେଳେ ଆଜି ସକାଳୁ ନିଜ ସୁରକ୍ଷା ପାଇଁ ଉପଖଣ୍ଡ ଆରକ୍ଷୀ ଅଧକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଧାନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳିତ



**କେନ୍ଦ୍ରାପଡ଼ା, ୧୬।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଜାତୀୟ ଦିବସରେ ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସେ ତାଙ୍କ ଅଭିଭାଷଣରେ ଆମ ଗଣତନ୍ତ୍ରକୁ ସମୃଦ୍ଧ ଓ ସଶକ୍ତ କରିବା ନିମନ୍ତେ ପ୍ରତ୍ୟେକ ନାଗରିକଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ ।

ଏହି ଜାତୀୟ ଦିବସ ଅବସରରେ ପୁଲିସ ବିଭାଗ ୩ ଜଣ (ସରୋଜ କୁମାର ସାହୁ, ଡିଏସପି, ଦିଲ୍ଲୀପ କୁମାର ସାହୁ ଆଇଆଇସି ଟାଉନ ଥାନା ଏବଂ ଶିଶିର କୁମାର ସାହୁ ଏଏସଆଇ ରାଜନଗର ଥାନା), ୨ ଜଣ ଅଗ୍ନିଶମ ବିଭାଗର (ଶଶୀ ଶେଖର ପଣ୍ଡା ଓ ବିଜୟ କୁମାର ସାହୁ), ଜଣେ ଡାକ୍ତର( ଡ. ରଶ୍ମି ରଞ୍ଜନ ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରାଜନଗର), ଗୋଟିଏ ଉତ୍କଳ ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀ(ଗୋଲାରହାଟ, ଡେରାବିଶ), ଜଣେ କ୍ରୀଡ଼ାବିତ(ସାହଦତ୍ ଖାଁ) ଏବଂ ରାଜ୍ୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର କେନ୍ଦ୍ରାପଡ଼ା ଜିଲ୍ଲାର ତେଜ ତନ୍ମୟଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏହାସହିତ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ ।

ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, କେନ୍ଦ୍ରାପଡ଼ା ପୌରପାଳିକା ଅଧକ୍ଷା ସରିତା ସାହୁ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ୟାରେଡ଼ରେ ମୋଟ ୩୨ ଗୋଟି ଦଳ ଅଂଶଗ୍ରହଣ କରିଥିଲେ ।

## ବହୁଗ୍ରାମ ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା




**ସାଲେପୁର, ୧୬।୮ (ସଂଚାର ବ୍ୟୁରୋ):** ସାଲେପୁର ସ୍ୱାଧୀନତା ଦିବସ ରେ ବହୁଗ୍ରାମ ମଣ୍ଡଳ ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଓ ହର ଘର ତ୍ରିରଙ୍ଗା ମୋଟର ସାଇକେଲ ରାଲି ଜଗତପୁର ଖଇରା ନିକଟରୁ ବାହାରି ପୀରବଜ଼ାର, ପଦ୍ମପୁର, ପାଗା ଦେଇ ଖରଖିଆ ମହାଦେବ ମନ୍ଦିର ନିକଟରେ ପହଞ୍ଚିଥିଲା । କଟକ ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ମହାନ୍ତି ଙ୍କ ନେତୃତ୍ୱରେ ବାହାରି ଥିବା ଏହି ଶୋଭାଯାତ୍ରାରେ ବହୁଗ୍ରାମ ମଣ୍ଡଳ ସଭାପତି ହେମନ୍ତ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଦେବୀପ୍ରସାଦ ଦାଶ, ଗୋବିନ୍ଦ ଚନ୍ଦ୍ର ସାହୁ,ସାଲେପୁର ବିଜେପି ସଂଗଠକ ହିମାଂଶୁ ମହାନ୍ତି,ରାମେଶ୍ୱର ମଣ୍ଡଳ ସଭାପତି ସଂଗୀତା ଜେନା,ସଫା ମଣ୍ଡଳ ସଭାପତି, ବରିଷ୍ଠ କାର୍ଯ୍ୟକର୍ତ୍ତା ସଂଗ୍ରାମ କେଶରୀ ସ୍ୱାଇଁ, ବିବେକାନନ୍ଦ ଜେନା, ତାପସ ଜେନା, ଧନ ମହାନ୍ତି, ମଣ୍ଡଳ ଉପସଭାପତି, ସମ୍ପାଦକ, ପଞ୍ଚାୟତ ସଭାପତି ଙ୍କ ସମେତ ଶତାଧିକ ବିଜେପି କର୍ମୀ ଯୋଗଦେଇ ଏହି ତ୍ରିରଙ୍ଗା ଯାତ୍ରା କୁ ସଫଳ କରିଥିଲେ ।

# ପଟ୍ଟାମୁଣ୍ଡାଇର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ



**ପଟ୍ଟାମୁଣ୍ଡାଇ, ୧୬।୮ (ସଂଚାର ବ୍ୟୁରୋ):** ପବିତ୍ର ସ୍ୱାଧୀନତା ଦିବସ ଅବସରରେ ସମୃଦ୍ଧଶାଳୀ ନୂଆ ପଟ୍ଟାମୁଣ୍ଡାଇ ଗଢିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ସ୍ଥାନୀୟ ପ୍ୟାରେଡ଼ ପଡିଆରେ ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ଅବସରରେ ପ୍ରକାଶ କରିଛନ୍ତି ।

ଜାତୀୟ ଦିବସ ପାଳନ କମିଟି ଅଧକ୍ଷ ସ୍ଥାନୀୟ ତହସିଲଦାର ଦିଲ୍ଲୀପ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ସାହୁ ସ୍ୱାଧୀନତା ଦିବସର ମହତ୍ୱ ପଟ୍ଟାମୁଣ୍ଡାଇ ଅଂଚଳର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଜାତୀୟଦିବସ ପାଳନ କମିଟି କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଏଇ ଅବସରରେ ବିଭିନ୍ନ ପ୍ରତିଯୋଗିତା କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ବିଧାୟକ ମାନପତ୍ର ଓ କପ ପ୍ରଦାନ କରିଥିଲେ ।

ସେହିପରି ପଟ୍ଟାମୁଣ୍ଡାଇ କୋର୍ଟରେ ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି, ବ୍ଲକରେ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦରେ ଅଧକ୍ଷ ହେମନ୍ତ ସାହୁ, ଏସ ଡି ପି ଓ ଅଫିସରେ ଏସ ଡି ପି ଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନାରେ ଆଇଆଇସି ବନ୍ଦନା ପାତ୍ର, ଗ୍ରାମାଞ୍ଚଳ ଥାନାରେ ଆଇଆଇସି ଶ୍ରୀକାନ୍ତ ବାରିକ ପଟ୍ଟାମୁଣ୍ଡାଇ ସବ ରେଜିଷ୍ଟ୍ରସନ ଅଫିସରେ ସବରେଜିଷ୍ଟର ଅଶୋକ ମହାନ୍ତି, ବିଜେଡି ଅଫିସରେ ବିଧାୟକ ଧ୍ରୁବ ସାହୁ, ପତାକା ଉତ୍ତୋଳନ କରିଥିଲେ। ଏଥିସହିତ ପଟ୍ଟାମୁଣ୍ଡାଇର ବିଭିନ୍ନ ସ୍କୁଲ କଲେଜ, ଅଫିସ ଦପ୍ତର ଓ ବ୍ୟବସାୟ ପ୍ରତିଷ୍ଠାନ ଓ ସଂଗଠନ ପକ୍ଷରୁ ସ୍ୱାଧୀନତା ଦିବସ ସମାରୋହରେ ପାଳିତ ହୋଇଯାଇଛି

## ରାଜନଗରର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ



**ରାଜନଗର, ୧୬।୮ (ସଂଚାର ବ୍ୟୁରୋ):** ୭୯ତମ ସ୍ୱାଧୀନତା ଦିବସ ରାଜନଗର ବ୍ଲକର ବିଭିନ୍ନ ସ୍ଥାନରେ ମହାଆଡମ୍ବରରେ ପାଳନ କରାଯାଇଛି। ବ୍ଲକ ପରିସରରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏଥିରେ ବିଡ଼ିଓ ଅନିରୁଦ୍ଧ ବେହେରା, ତହସିଲଦାର ଯୀଶୁ କୃଷ୍ଣ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ମାଝୀ, ସମିତି ସଭ୍ୟା ସୁମିତ୍ରା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବ୍ଲକସ୍ତରୀୟ ପ୍ୟାରେଡ଼ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅବସରପ୍ରାପ୍ତ ସୈନିକ ଓ ବିଭିନ୍ନ ସରକାରୀ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ଏଥିସହିତ ରାଜନଗରର ବିଭିନ୍ନ କଲେଜ, ସ୍କୁଲ ଓ ବିଭିନ୍ନ ସରକାରୀ ଦପ୍ତରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

## ଡେରାବିଶ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



**ଡେରାବିଶ, ୧୬।୮ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୋଲରାହଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ମିନି ଷ୍ଟାଡିୟମରେ ୧୦ ତାରିଖରେ ଆରମ୍ଭ ହୋଇଥିବା ଡେରାବିଶ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଆଜିଥିଲା ତୃତୀୟ ଓ ଚତୁର୍ଥ କ୍ୱାର୍ଟରଫାଇନାଲ। ବଜାର କମିଟି ସଭାପତି ସଞ୍ଜୟ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ତୃତୀୟ କ୍ୱାର୍ଟରଫାଇନାଲ ଜଗତସିଂହପୁର ଆଜାଦ ହିନ୍ଦ ଆଥଲେଟିକ୍ କ୍ଲବ ଓ ଜେସିବି ଆଥଲେଟିକ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ପରେ ପେନାଲ୍ଟିରେ ଆଜାଦହିନ୍ଦ ଦଳ ୬-୫ ଗୋଲରେ ଜିତି ସେମିଫାଇନାଲରେ ପ୍ରବେଶ କରିଥିଲା । ଚତୁର୍ଥ କ୍ୱାର୍ଟରଫାଇନାଲ୍ କ୍ରିଷ୍ଣାନନ୍ଦପୁରର ଥ୍ରିଷ୍ଟାର ଆଥଲେଟିକ୍ କ୍ଲବ ଓ ବରହମପୁରର ଆଜାଦହିନ୍ଦ ଆଥଲେଟିକ୍ କ୍ଲବ ମଧ୍ୟରେ ଖେଳାଯାଇଥୁଲଣା। ଏଥିରେ ଥ୍ରିଷ୍ଟାର ଦଳ ୨-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଥିଲା ।


## କେନ୍ଦ୍ରାପଡ଼ା ପୌର ପରିଷଦ, କେନ୍ଦ୍ରାପଡ଼ା

"୭୯ତମ ସ୍ୱାଧୀନତା ଦିବସ" ପାଳନ ଅବସରରେ କେନ୍ଦ୍ରାପଡ଼ା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।

**ନିବେଦନ**

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚାଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।
୨. ରାସ୍ତା ଅବରୋଧ କରି ଇଟା, ଗୋଡ଼ି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ।
୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ) ଗିନା, ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।
୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି, ସୁପର ଭାଇଜର, ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫିକୁ ପୌରସଂସ୍ଥାର କର୍ମଚାରୀଙ୍କ ନିକଟରେ ପୈଠ କରି ପୌର ପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ ।
୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌର ସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ । ଯଦି ପୂର୍ବରୁ ପୌର ସଂସ୍ଥାର ବିନା ଅନୁମୋଦନରେ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।

ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି, ନିର୍ବାହୀ ଅଧିକାରୀ
ଆକବରୀ ଖାତୁନ, ଉପାଧକ୍ଷା
ଶ୍ରୀମତୀ ସରିତା ସାହୁ, ଅଧକ୍ଷା

# ବିଭାଜନ: ଏକ ଅମର କ୍ଷତ

ଭାରତର ଇତିହାସରେ ବିଭାଜନ ଏକ ଅମର କ୍ଷତ ଭାବରେ ରହିଛି। ୧୯୪୭ ମସିହାରେ ବ୍ରିଟିଶ୍ ଶାସନର ଅନ୍ତ ସହିତ ଭାରତ ଏବଂ ପାକିସ୍ତାନର ସୃଷ୍ଟି ହୋଇଥିଲା, କିନ୍ତୁ ଏହି ବିଭାଜନ କେବଳ ଭୂମିର ବିଭାଗ ନୁହେଁ, ଏହା ଲକ୍ଷାଧିକ ଜୀବନର ବଳିଦାନ, ଅସଂଖ୍ୟ ପରିବାରର ବିଚ୍ଛେଦ ଏବଂ ସାମ୍ପ୍ରଦାୟିକ ବିଦ୍ୱେଷର ଏକ ଅନ୍ତହୀନ ଅଧ୍ୟାୟର ଆରମ୍ଭ ଥିଲା। ଆଜି, ୭୮ ବର୍ଷ ପରେ ମଧ ଏହି କ୍ଷତର ଯନ୍ତ୍ରଣା ଭାରତୀୟ ସମାଜରେ ଅନୁଭୂତ ହେଉଛି। ଏହି ସମ୍ପାଦକୀୟରେ ଆମେ ଏହି ବିଭାଜନର କାରଣ, ପରିଣାମ ଏବଂ ଆଧୁନିକ ପ୍ରସଙ୍ଗରେ ଏହାର ପ୍ରଭାବକୁ ଆଲୋଚନା କରିବୁ।

ବିଭାଜନର ମୂଳ କାରଣ ବ୍ରିଟିଶ୍ ରାଜନୀତିର ବିଭାଜନବାଦୀ ନୀତିରେ ରହିଛି। ବ୍ରିଟିଶ୍ ସାମ୍ରାଜ୍ୟବାଦୀମାନେ ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ। ୧୯୦୫ ମସିହାରେ ବଙ୍ଗ ବିଭାଜନ ଏହାର ପ୍ରଥମ ଉଦାହରଣ ଥିଲା। ପରେ ମୁସଲିମ୍ ଲିଗ୍‌ର ନେତା ମହମ୍ମଦ୍ ଅଲି ଜିନ୍ନାହ୍‌ଙ୍କ ଦ୍ୱାରା ଦ୍ୱି-ରାଷ୍ଟ୍ର ତତ୍ତ୍ୱର ପ୍ରଚାର ହୋଇଥିଲା, ଯାହା ଧର୍ମ ଆଧାରରେ ପୃଥକ୍ ରାଷ୍ଟ୍ରର ଦାବି କରିଥିଲା। କଂଗ୍ରେସ୍ ନେତାମାନେ ଯଥା ମହାତ୍ମା ଗାନ୍ଧୀ ଏବଂ ଜବାହରଲାଲ୍ ନେହେରୁ ଏହାର ବିରୋଧ କରିଥିଲେ, କିନ୍ତୁ ସାମ୍ପ୍ରଦାୟିକ ହିଂସାର ବୃଦ୍ଧି ଏବଂ ବ୍ରିଟିଶ୍‌ଙ୍କ ତ୍ୱରିତ ପ୍ରସ୍ଥାନ ନୀତି ଯୋଗୁଁ ବିଭାଜନ ଅନିବାର୍ଯ୍ୟ ହୋଇପଡ଼ିଥିଲା। ସାର୍ ସିରିଲ୍ ରେଡକ୍ଲିଫ୍‌ଙ୍କ ଦ୍ୱାରା ଆଙ୍କାଯାଇଥିବା ସୀମାରେଖା ଅନେକ ଅଞ୍ଚଳରେ ଅଯୌକ୍ତିକ ଥିଲା, ଯାହା ହିଂସାକୁ ଆହୁରି ବଢ଼ାଇଥିଲା। ବିଭାଜନର ପରିଣାମ ଭୟଙ୍କର ଥିଲା। ଅନୁମାନିକ ୧୫ ନିୟୁତରୁ ଅଧିକ ଲୋକ ବିସ୍ଥାପିତ ହୋଇଥିଲେ, ଏବଂ ୧୦ ଲକ୍ଷରୁ ଅଧିକ ଲୋକ ହିଂସାରେ ପ୍ରାଣ ହରାଇଥିଲେ। ପଞ୍ଜାବ ଏବଂ ବଙ୍ଗରେ ରକ୍ତପାତର ଦୃଶ୍ୟ ଅବର୍ଣ୍ଣନୀୟ ଥିଲା। ମହିଳାମାନେ ଅପହରଣ ଏବଂ ହିଂସାର ଶିକାର ହୋଇଥିଲେ, ପରିବାରଗୁଡ଼ିକ ବିଚ୍ଛିନ୍ନ ହୋଇଯାଇଥିଲେ। ଏହି ଘଟଣା ଭାରତର ସାଂସ୍କୃତିକ ଏବଂ ଆର୍ଥିକ କ୍ଷେତ୍ରରେ ମଧ ଗଭୀର ପ୍ରଭାବ ପକାଇଥିଲା। ଅନେକ ଐତିହ୍ୟବାହୀ ସ୍ଥାନ ଏବଂ ସମ୍ପତ୍ତି ବିଭାଜିତ ହୋଇଥିଲା, ଯାହା ଆଜି ମଧ ବିବାଦର କାରଣ। କାଶ୍ମୀର ସମସ୍ୟା ଏହି ବିଭାଜନର ଏକ ଜ୍ୱଳନ୍ତ ଉଦାହରଣ, ଯାହା ଭାରତ ଏବଂ ପାକିସ୍ତାନ ମଧ୍ୟରେ ତିନୋଟି ଯୁଦ୍ଧର କାରଣ ହୋଇଛି।




ଆଧୁନିକ ଭାରତରେ ଏହି କ୍ଷତର ପ୍ରଭାବ ଅନୁଭୂତ ହେଉଛି ସାମ୍ପ୍ରଦାୟିକ ହିଂସା, ଧର୍ମନିରପେକ୍ଷତାର ଆହ୍ୱାନ ଏବଂ ସୀମାନ୍ତ ବିବାଦ ଏହାର ଅନୁବାଦ। ରାଜନୈତିକ ଦଳଗୁଡ଼ିକ ବିଭାଜନର ସ୍ମୃତିକୁ ନିର୍ବାଚନୀ ଲାଭ ପାଇଁ ବ୍ୟବହାର କରୁଛନ୍ତି, ଯାହା ସମାଜରେ ବିଭେଦକୁ ଆହୁରି ଗଭୀର କରୁଛି। ଯୁବକମାନଙ୍କୁ ଏହି ଇତିହାସ ଶିଖାଇବା ଆବଶ୍ୟକ, ଯାହା ଦ୍ୱାରା ସେମାନେ ଏହି ଭୁଲରୁ ଶିଖି ଏକତାର ପଥରେ ଆଗେଇବେ। ବିଭାଜନର କାହାଣୀ କେବଳ ଦୁଃଖର ନୁହେଁ, ଏହା ଏକତା ଏବଂ ସହନଶୀଳତାର ଶିକ୍ଷା ମଧ।

ବିଭାଜନର କ୍ଷତକୁ ଉପଶମ କରିବା ପାଇଁ ଆମେ କଣ କରିପାରିବା? ପ୍ରଥମେ, ଶିକ୍ଷା ବ୍ୟବସ୍ଥାରେ ଏହି ଅଧ୍ୟାୟକୁ ଅନ୍ତର୍ଭୁକ୍ତ କରି ଯୁବପିଢ଼ିକୁ ସଚେତନ କରାଯାଉ। ଦ୍ୱିତୀୟତଃ, ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କ ସୁଦୃଢ଼ କରାଯାଉ। ତୃତୀୟତଃ, ରାଜନୈତିକ ନେତୃତ୍ୱଗଣ ବିଭେଦକାରୀ ଭାଷଣକୁ ପରିତ୍ୟାଗ କରି ଏକତାର ବାର୍ତ୍ତା ପ୍ରଚାର କରନ୍ତୁ। ଏହି କ୍ଷତ କେବେ ପୂର୍ଣ୍ଣରୂପେ ଉପଶମ ହେବ ନାହିଁ, କିନ୍ତୁ ଏହାକୁ ଏକ ଶିକ୍ଷା ଭାବରେ ଗ୍ରହଣ କରି ଆମେ ଏକ ସଶକ୍ତ ଭାରତ ନିର୍ମାଣ କରିପାରିବା। ବିଭାଜନର ସ୍ମୃତି ଆମକୁ ସ୍ମରଣ କରାଉଛି ଯେ ଧର୍ମ ବା ଜାତିର ନାମରେ ବିଭେଦ କେବଳ ବିନାଶ ଆଣିଥାଏ। ଆସନ୍ତୁ ଏକତାର ପଥରେ ଆଗେଇ ଏହି କ୍ଷତକୁ ଏକ ଅତୀତର କାହାଣୀରେ ପରିଣତ କରିବା।

# ଜାତୀୟତାବାଦ ଏବଂ ସମାଜବାଦ ଉପରେ ରବୀନ୍ଦ୍ରନାଥ ଟାଗୋର!



ଅସିତ ମହାନ୍ତି

ଜାତୀୟତାବାଦ ଏବଂ ସମାଜବାଦ ଉପରେ ପ୍ରତିଫଳନ ତାଙ୍କର ମାନବୀୟ ଦର୍ଶନ, ଆଧାତ୍ମିକ ବିଶ୍ୱଦୃଷ୍ଟିକୋଣ ଏବଂ ଆଧୁନିକତାର ସମାଲୋଚନା ସହିତ ଗଭୀର ଭାବରେ ଜଡିତ। ଟାଗୋରଙ୍କ ଜାତୀୟତାବାଦର ସମାଲୋଚନା ତାଙ୍କ ସମୟ ପାଇଁ ମୌଳିକ ଥିଲା। ଉପନିବେଶ ବିରୋଧୀ ଉତ୍ସାହର ଶୀର୍ଷରେ ଲେଖିବା ସମୟରେ, ସେ ଜାତୀୟତାର ପ୍ରଲୋଭନକାରୀ ଶକ୍ତିକୁ ଏକ ରାଜନୈତିକ ଶକ୍ତି ଭାବରେ ଚେତାବନୀ ଦେଇଥିଲେ ଯାହା ସହଜରେ ଉଗ୍ରବାଦ ଏବଂ ହିଂସାରେ ପରିଣତ ହୋଇପାରେ। ୧୯୧୭ ମସିହାରେ ଜାତୀୟତାବାଦ ନାମରେ ସଂକଳନ ହୋଇଥିବା ତାଙ୍କର ବକ୍ତୃତାରେ, ସେ ଯୁକ୍ତି ଦେଇଥିଲେ ଯେ ରାଷ୍ଟ୍ର-ରାଜ୍ୟର ପାଶ୍ଚାତ୍ୟ ମଡେଲ - ଶିଳ୍ପ ପୁଞ୍ଜିବାଦ, ସାମରିକତା ଏବଂ ଜାତିଗତ ଶ୍ରେଷ୍ଠତାରେ ମୂଳ - ଭାରତର ସଭ୍ୟତାମୂଳକ ନୀତି ସହିତ ମୌଳିକ ଭାବରେ ଅସଙ୍ଗତ। ଟାଗୋରଙ୍କ ପାଇଁ, ପ୍ରକୃତ ସ୍ୱାଧୀନତା କେବଳ ରାଜନୈତିକ ସ୍ୱାଧୀନତା ନୁହେଁ ବରଂ ମାନବ ଆତ୍ମାର ମୁକ୍ତି ଥିଲା। ସେ ଭୟ କରୁଥିଲେ ଯେ ପାଶ୍ଚାତ୍ୟ ଜାତୀୟତାବାଦର ଅନ୍ଧ ଅନୁକରଣ ଭାରତକୁ ପ୍ରଭୁତ୍ୱ ଏବଂ ବାଦ ଦେବାର ଏକ ଚକ୍ରରେ ନେଇଯିବ, ଉପନିବେଶବାଦୀ ଅତ୍ୟାଚାରକୁ ସ୍ୱଦେଶୀ ସ୍ୱେଚ୍ଛାଚାରିତା ସହିତ ବଦଳାଇବ। ଏହା ବଦଳରେ, ସେ ଆଧାତ୍ମିକ ଏକତା, ସାଂସ୍କୃତିକ ବହୁଳତା ଏବଂ ନୈତିକ ଦାୟିତ୍ୱରେ ଆଧାରିତ ଜାତୀୟ ଚେତନାର ଏକ ରୂପ କଳ୍ପନା କରିଥିଲେ। ପ୍ରାଚୀନ ଭାରତୀୟ ଚିନ୍ତାଧାରାରୁ ଆକର୍ଷିତ ବିଶ୍ୱକୁ ଏକକ ବସା ଭାବରେ ତାଙ୍କର ରୂପକ, ଆଞ୍ଚଳିକ ପରିଚୟ ଅପେକ୍ଷା ସାର୍ବଜନୀନ ମାନବବାଦରେ ତାଙ୍କର ବିଶ୍ୱାସକୁ ସ୍ପଷ୍ଟ କରିଥିଲା। ରବୀନ୍ଦ୍ରନାଥ ଟାଗୋରଙ୍କ ଜାତୀୟତାବାଦର ଧାରଣା ଆଧୁନିକ ଜାତୀୟତାବାଦର ଅନେକ ଅଭିବ୍ୟକ୍ତି, ବିଶେଷକରି ଅନନ୍ୟତା, ରାଷ୍ଟ୍ରଶକ୍ତି ଏବଂ ପରିଚୟ ରାଜନୀତିରେ ମୂଳ ଥିବା ପରିପ୍ରକାଶର ସମ୍ପୂର୍ଣ୍ଣ ବିପରୀତ।ଟାଗୋର ଜାତୀୟତାବାଦକୁ ଏକ ରାଜନୈତିକ ସିଦ୍ଧାନ୍ତ ପରିବର୍ତ୍ତେ ଏକ ଆଧାତ୍ମିକ ଏବଂ ନୈତିକ ଚ୍ୟାଲେଞ୍ଜ ଭାବରେ ଦେଖୁଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଜାତୀୟତାର ପାଶ୍ଚାତ୍ୟ ମଡେଲ - ଶିଳ୍ପ ପୁଞ୍ଜିବାଦ ଏବଂ ଉପନିବେଶବାଦୀ ବିସ୍ତାରରୁ ଉଭା - ସ୍ୱତଃ ଯନ୍ତ୍ରବାଦୀ, ଆକ୍ରମଣାତ୍ମକ ଏବଂ ବିଭାଜନକାରୀ। ତାଙ୍କର ୧୯୧୭ ବକ୍ତୃତାରେ, ସେ ଚେତାବନୀ ଦେଇଥିଲେ ଯେ ଜାତୀୟତାବାଦ, ଯେତେବେଳେ ସ୍ୱାର୍ଥ ଏବଂ ଗର୍ବ ଦ୍ୱାରା ପରିଚାଳିତ ହୁଏ, ମାନବତା ପାଇଁ ଏକ 'ବିପଦ' ହୋଇପାରେ। ଟାଗୋରଙ୍କ ପାଇଁ, ଜାତି ଏକ ସର୍ବୋଚ୍ଚ ସତ୍ତା ନଥିଲା ଯାହାର ବ୍ୟକ୍ତିମାନଙ୍କୁ ନିଜକୁ ବଶୀଭୂତ କରିବାକୁ ପଡ଼ିବ; ବରଂ, ସେ ମାନବ ଆତ୍ମାର ପ୍ରାଥମିକତା, ସଂସ୍କୃତିର ଆନ୍ତଃସଂଯୁକ୍ତତା ଏବଂ ସହଯୋଗର ନୈତିକ ଜରୁରୀତା ଉପରେ ଗୁରୁତ୍ୱାରୋପ କରିଥିଲେ।

ବିପରୀତରେ, ଆଧୁନିକ ଜାତୀୟତାବାଦ ପ୍ରାୟତଃ ସାର୍ବଭୌମତ୍ୱ, ଆଞ୍ଚଳିକ ଅଖଣ୍ଡତା ଏବଂ ଏକୀକୃତ ଜାତୀୟ ପରିଚୟର ଦାବି ଉପରେ କେନ୍ଦ୍ରିତ। ଏହା ବ୍ୟକ୍ତି କିମ୍ବା ବିଶ୍ୱ ସମ୍ପ୍ରଦାୟର ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର-ରାଜ୍ୟର ସ୍ୱାର୍ଥକୁ ପ୍ରାଥମିକତା ଦେବାକୁ ପ୍ରବୃତ୍ତ ହୁଏ। ଅନେକ କ୍ଷେତ୍ରରେ, ଏହା ଲୋକପ୍ରିୟ ବାଗ୍ମିକତା, ସାମରିକୀକରଣ ଏବଂ ସାଂସ୍କୃତିକ ସମନ୍ୱୟୀକରଣ ମାଧ୍ୟମରେ ପ୍ରକାଶିତ ହୁଏ। ଯଦିଓ ଏହା ମୁକ୍ତି ଏବଂ ଆତ୍ମନିର୍ଣ୍ଣୟ ପାଇଁ ଏକ ଶକ୍ତି ହୋଇପାରେ - ଯେପରି ଉପନିବେଶ ବିରୋଧୀ ଆନ୍ଦୋଳନଗୁଡ଼ିକରେ, ଏହା ବିଦେଶୀବିଶ୍ୱାସ, ବାଦଦେବା ଏବଂ ସ୍ୱେଚ୍ଛାଚାରିତାକୁ ମଧ ପ୍ରୋତ୍ସାହିତ କରିପାରେ। ଟାଗୋରଙ୍କ ଜାତୀୟତାବାଦ ଭାରତୀୟ ସଭ୍ୟତାଗତ ମୂଲ୍ୟବୋଧ ଯେପରିକି ବସୁଧୈବ କୁଟୁମ୍ବକମ୍ - ବିଶ୍ୱକୁ ଏକ ପରିବାର ଭାବରେ ଗ୍ରହଣ କରିବା ଉପରେ ମୂଳ ଥିଲା। ସେ ଜାତିଗତ ଶୁଦ୍ଧତା, ଜାତି ବିଭାଜନ ଏବଂ ଜାତୀୟ ଶ୍ରେଷ୍ଠତାର ଧାରଣାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହା ପରିବର୍ତ୍ତେ, ସେ ଭାରତକୁ ଏହାର ଆଧାତ୍ମିକ ଏବଂ ସାଂସ୍କୃତିକ ସମୃଦ୍ଧି ମାଧ୍ୟମରେ ବିଶ୍ୱରେ ଅବଦାନ ଦେବାର କଳ୍ପନା କରିଥିଲେ, ପାଶ୍ଚାତ୍ୟ ଶକ୍ତି ଗଠନର ପ୍ରାଧାନ୍ୟ କିମ୍ବା ଅନୁକରଣ ମାଧ୍ୟମରେ ନୁହେଁ। ମୂଳତଃ, ଟାଗୋରଙ୍କ ଜାତୀୟତାବାଦ ବିଶ୍ୱସ୍ତରୀୟ, ସଂଳାପବାଦୀ ଏବଂ ଗଭୀର ମାନବବାଦୀ ଥିଲା। ଏହା ଆଧିପତ୍ୟ ଉପରେ ସମନ୍ୱୟ ଏବଂ ପରିଚୟ ଉପରେ ସହାନୁଭୂତି ଚାହୁଁଥିଲା। ଆଜିର ବଢୁଥିବା ଜାତିଗତ-ଜାତୀୟତାବାଦ ଏବଂ ଧ୍ରୁବୀକରଣ ରାଜନୀତିର ପରିବେଶରେ, ତାଙ୍କର ଦୃଷ୍ଟିକୋଣ ଏକ ଆକର୍ଷଣୀୟ ବିକଳ୍ପ ପ୍ରଦାନ କରେ: ଯେଉଁଠାରେ ନିଜ ଦେଶ ପ୍ରତି ପ୍ରେମ ମାନବତା ପ୍ରତି ପ୍ରେମର ମୂଲ୍ୟରେ ଆସିବ ନାହିଁ। ଟାଗୋରଙ୍କ ଚିନ୍ତାଧାରାରେ ସମାଜବାଦ କେବେବି ଏକ ସିଦ୍ଧାନ୍ତବାଦୀ ବ୍ୟବସ୍ଥା ନଥିଲା ବରଂ ଏକ ନୈତିକ ବାଧ୍ୟତାମୂଳକ ଥିଲା। ସେ ସାମାଜିକ ଅସମାନତା ପ୍ରତି ଗଭୀର ଭାବରେ ଚିନ୍ତିତ ଥିଲେ, ବିଶେଷକରି ଗ୍ରାମୀଣ ଭାରତରେ, ଏବଂ ତାଙ୍କ ଜୀବନର ଅଧିକାଂଶ ସମୟ ସମାଜ ବିକାଶ, ଶିକ୍ଷା ଏବଂ ସହଯୋଗ ଜୀବନଯାପନରେ ପରୀକ୍ଷଣ ପାଇଁ ଉତ୍ସର୍ଗ କରିଥିଲେ। ଶ୍ରୀନିକେତନ ଏବଂ ଶାନ୍ତିନିକେତନରେ ତାଙ୍କର କାର୍ଯ୍ୟ ପୁଞ୍ଜିବାଦୀ ଶୋଷଣ ଏବଂ ଅମଲାତାନ୍ତ୍ରିକ ସମାଜବାଦ ଉଭୟର ଏକ ଜୀବନ୍ତ ସମାଲୋଚନା ଥିଲା। ଟାଗୋର ବିଶ୍ୱାସ କରୁଥିଲେ ଯେ ପ୍ରକୃତ ସାମାଜିକ ସଂସ୍କାର କେବଳ ଆର୍ଥିକ ପୁନଃବଣ୍ଟନ ନୁହେଁ, ସହାନୁଭୂତି, ସୃଜନଶୀଳତା ଏବଂ ମର୍ଯ୍ୟାଦାର ଚାଷ ସହିତ ଆରମ୍ଭ ହେବା ଉଚିତ। ସେ କିଛି ସମାଜବାଦୀ ଚିନ୍ତାନାୟକଙ୍କ ଦ୍ୱାରା ପ୍ରୋତ୍ସାହିତ ସମାଜର ଯାନ୍ତ୍ରିକ ଦୃଷ୍ଟିକୋଣକୁ ପ୍ରତ୍ୟାଖ୍ୟାନ କରିଥିଲେ। ତାଙ୍କର ସମାଜବାଦ ଏହିପରି ଆଧାତ୍ମିକ ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ଥିଲା, ଯାହା ସୌନ୍ଦର୍ଯ୍ୟ, ସ୍ୱାଧୀନତା ଏବଂ ନ୍ୟାୟ ସହାବସ୍ଥାନରେ ରହିବା ଉଚିତ ବୋଲି ଧାରଣାରେ ମୂଳ ଥିଲା। ଟାଗୋରଙ୍କ ଦୃଷ୍ଟିକୋଣକୁ ଏତେ ଆକର୍ଷଣୀୟ କରିଥାଏ ଯେ ସେ ଆଦର୍ଶ ଶିବିରରେ ବକ୍ସିଂ କରିବାକୁ ମନା କରିଥିଲେ। ସେ ସ୍ୱଦେଶୀ ଆନ୍ଦୋଳନକୁ ସମର୍ଥନ କରିଥିଲେ କିନ୍ତୁ ଏହାର ଅତ୍ୟଧିକତାକୁ ସମାଲୋଚନା କରିଥିଲେ। ଜାଲିଆନୱାଲା ବାଗ ହତ୍ୟାକାଣ୍ଡ ପରେ ସେ ତାଙ୍କର ନାଇଟ୍ ଉପାଧି ପରିତ୍ୟାଗ କରିଥିଲେ କିନ୍ତୁ ବିରୋଧୀଙ୍କୁ ଦମନ କରୁଥିବା ଜାତୀୟତାବାଦ ବିରୁଦ୍ଧରେ ସତର୍କ କରିଥିଲେ। ସେ ସମାଜବାଦର ସମାନତାବାଦୀ ଆଦର୍ଶକୁ ପ୍ରଶଂସା କରିଥିଲେ କିନ୍ତୁ ରାଷ୍ଟ୍ରର ସ୍ୱେଚ୍ଛାଚାର ବିରୁଦ୍ଧରେ ଚେତାବନୀ ଦେଇଥିଲେ। ଏସବୁ ଭିତରେ, ଟାଗୋର ଏହି ଧାରଣା ପ୍ରତି ପ୍ରତିବଦ୍ଧ ଥିଲେ ଯେ ସଭ୍ୟତାର ସର୍ବୋଚ୍ଚ ଲକ୍ଷ୍ୟ ଶକ୍ତି ନୁହେଁ, ବରଂ ବ୍ୟକ୍ତି, ସମ୍ପ୍ରଦାୟ ଏବଂ ବିଶ୍ୱ ମଧ୍ୟରେ ସମନ୍ୱୟ। ତାଙ୍କର ଐତିହ୍ୟ ଆମକୁ ଜାତୀୟତାବାଦ ଏବଂ ସମାଜବାଦକୁ ନିଜ ନିଜ ଲକ୍ଷ୍ୟ ଭାବରେ ନୁହେଁ, ବରଂ ଏକ ଅଧିକ ମାନବୀୟ ଏବଂ ଅନ୍ତର୍ଭୁକ୍ତ ବିଶ୍ୱର ଏକ ମାଧ୍ୟମ ଭାବରେ ପୁନର୍ବିଚାର କରିବାକୁ ଆମନ୍ତ୍ରଣ କରେ। ଆଜିର ଧ୍ରୁବୀକରଣ ଏବଂ ପରିଚୟ ରାଜନୀତିର ପରିବେଶରେ, ଟାଗୋରଙ୍କ ସ୍ୱର - କୋମଳ କିନ୍ତୁ ଅଦମ୍ୟ - ଘୃଣା ବିନା ନ୍ୟାୟ ଏବଂ ସମାନତା ବିନା ଏକତା ଖୋଜୁଥିବା ଲୋକଙ୍କ ପାଇଁ ଏକ ଆଲୋକବର୍ତ୍ତିକା ହୋଇ ରହିଛି। କିନ୍ତୁ ଯେତେବେଳେ ସେ ପୂର୍ବତନ ସୋଭିଏତ୍ ରୁଷ ଗସ୍ତ କରିଥିଲେ, ସମାଜବାଦ ଉପରେ ତାଙ୍କର ଚିନ୍ତାଧାରା ପରିବର୍ତ୍ତନ ହୋଇଥିଲା। ୧୯୩୦ ରେ ରବିନ୍ଦ୍ରନାଥ ଟାଗୋରଙ୍କ ସୋଭିଏତ୍ ରୁଷ ଗସ୍ତ ଗଭୀର କୌତୁହଳ, ପ୍ରଶଂସା ର ଏକ ମୁହୂର୍ତ୍ତ ଥିଲା। ସେ ଦୀର୍ଘ ସମୟ ଧରି ବିପ୍ଲବୀ ପରବର୍ତ୍ତୀ ରୁଷରେ ଘଟୁଥିବା ସାମାଜିକ ପରିବର୍ତ୍ତନକୁ ଦେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ, ଏବଂ ଶେଷରେ ସେହି ବର୍ଷ ସେପ୍ଟେମ୍ବରରେ ପହଞ୍ଚିବା ପରେ, ତାଙ୍କର ଛାପ ରୁଷରୁ ଚିଠି (ରୁଷିଆର୍ ଚିଠି) ଶୀର୍ଷକ ପ୍ରତିଫଳିତ ପ୍ରବନ୍ଧର ଏକ ଶୃଙ୍ଖଳାରେ ଲିପିବଦ୍ଧ ହୋଇଥିଲା। ପ୍ରାରମ୍ଭରେ, ଟାଗୋର ଶିକ୍ଷା ଏବଂ ଜନସାଧାରଣଙ୍କ ଉନ୍ନତି ପାଇଁ ସୋଭିଏତ୍ ପ୍ରତିବଦ୍ଧତାର ପରିମାଣ ଏବଂ ଆନ୍ତରିକତା ଦ୍ୱାରା ଆଘାତ ପାଇଥିଲେ। ସେ ନିରକ୍ଷରତା ଦୂର କରିବା ଏବଂ 'ନାମହୀନ ଲୋକଙ୍କୁ' ସଶକ୍ତ କରିବା ପାଇଁ ପ୍ରୟାସ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ, ଯେଉଁମାନେ ଦୀର୍ଘ ସମୟ ଧରି ମର୍ଯ୍ୟାଦା ଏବଂ ଆଶାରୁ ବଞ୍ଚିତ ଥିଲେ। ତାଙ୍କର ପ୍ରଥମ ଚିଠିରେ ସେ ଲେଖିଥିଲେ, 'ଶେଷରେ ରୁଷରେ! ମୁଁ ଯେଉଁ ଦିଗରେ ଦେଖେ, ମୁଁ ଆଶ୍ଚର୍ଯ୍ୟରେ ପରିପୂର୍ଣ୍ଣ।' ଏହି ବିସ୍ମୟର ଭାବନା କେବଳ ଭିତ୍ତିଭୂମି କିମ୍ବା ନୀତି ବିଷୟରେ ନଥିଲା - ଏହା ଏକ ସମାଜର ନୈତିକ ମହତ୍ତ୍ୱାକାଂକ୍ଷା ବିଷୟରେ ଥିଲା ଯିଏ ନିଜକୁ ମୂଳରୁ ପୁନଃକଳ୍ପନା କରିବାକୁ ଚେଷ୍ଟା କରୁଛି। ସେ ସୋଭିଏତ୍ ରୁଷର ସଫଳତାକୁ ସ୍ୱୀକାର କରିଥିଲେ କିନ୍ତୁ ସେ ବ୍ୟକ୍ତିଗତ ସ୍ୱାଧୀନତାର କ୍ଷତି ଏବଂ ବୈଚାରିକ କଠୋରତାର ବିପଦ ବିରୁଦ୍ଧରେ ମଧ ସତର୍କ କରାଇଥିଲେ।

ସୁଜନପୁର, ଯାଜପୁର, ମୋବାଇଲ୍: ୯୪୩୭୨୮୮୦୨୮

# 'ବିକାଶ ପଥରେ କାନ୍ଧରେ କାନ୍ଧ ମିଶାଇ ଏକତା ମନ୍ତ୍ରରେ କାର୍ଯ୍ୟ କରିବା'



ହୃଷିକେଶ ପୁହାଣ

ସ୍ୱାଧୀନତାର ୭୯ ବର୍ଷ ପରିପ୍ରେକ୍ଷୀରେ ଦେଶବ୍ୟାପୀ ମହମବତୀ ସ୍ୱାଧୀନତା ପଦଯାତ୍ରା, ମନ୍ତ୍ରୀ, ଲୋକପ୍ରତିନିଧିମାନଙ୍କ ଦ୍ୱାରା ସ୍ୱାଧୀନତା ଆନ୍ଦୋଳନର ସ୍ମାରକୀସ୍ଥଳୀ ଏବଂ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ସ୍ଥଳୀର ପରିଦର୍ଶନ, ଶହୀଦ, ସ୍ୱାଧୀନତା ସଂଗ୍ରାମୀ ଜ୍ଞାତି ପରିଜନକୁ ସମ୍ବର୍ଦ୍ଧନା ଆୟୋଜିତ ହେବ। ସ୍ୱାଧୀନତାର ମୂଲ୍ୟ ଆଜି ଭାରତୀୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ଛତ୍ରେ ଛତ୍ରେ ଅନୁଭୂତ। ସହର ଠାରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନତା, ବିଗତ ୭୮ବର୍ଷ ମଧ୍ୟରେ ସ୍ୱାଧୀନତାର ସୁଫଳକୁ ଉପଲବ୍ଧ କରିଛନ୍ତି। ଭାରତ, ୧୯୪୭ ମସିହାରେ ଯେଉଁ ସ୍ଥିତିରେ ଥିଲା, ସେହି ସ୍ଥିତିରେ ଆଜି ବିରାଟ ପରିବର୍ତ୍ତନ ଘଟିଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ଭାରତ ଆଜି 'ବିଶ୍ୱ ଗୁରୁ'ର ଗୌରବ, ପ୍ରତିଷ୍ଠା, ସମ୍ମାନ ପାଇପାରିଛି। ଭାରତ ମାତାର କୃତୀ ସନ୍ତାନ ଭାବେ ମୋଦିଜୀ ତାଙ୍କ ଦେଶବାସୀଙ୍କ ପ୍ରତି ପ୍ରତିଟି ସେବାକୁ ଜଣେ ସେବକ ଭାବେ ନିଜକୁ ପ୍ରତୀୟମାନ କରିବାରେ ସଫଳ ହୋଇଛନ୍ତି। ନିରନ୍ତର ଭାରତର ବିକାଶ ପାଇଁ ତାଙ୍କ ପ୍ରଚେଷ୍ଟା ଆଜି ଭାରତକୁ ବିଶ୍ୱର ଏକ ସର୍ବବୃହତ୍ ମଜଭୁତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପ୍ରତିଷ୍ଠା କରିପାରିଛି। ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ୨୦୩୦ ସୁଦ୍ଧା, ଭାରତ ବିଶ୍ୱର ସମୃଦ୍ଧ ରାଷ୍ଟ୍ରମାନଙ୍କ ମଧ୍ୟରେ ସ୍ଥାନ ପାଇବ। ଲୋକସଂଖ୍ୟା ଦୃଷ୍ଟିରୁ ଦେଶର ପ୍ରାୟ ୫୦ ପ୍ରତିଶତ ଜନସଂଖ୍ୟାଙ୍କ ବୟସ ୨୫ ବର୍ଷରୁ ୩୦ ବର୍ଷ ମଧ୍ୟରେ। ୬୫ ପ୍ରତିଶତ ଜନସଂଖ୍ୟା ବୟସ ୪୫ ବର୍ଷ ମଧ୍ୟରେ। ଏତେ ସଂଖ୍ୟକ ଯୁବ ମାନବ ସମ୍ବଳ, ବିଶ୍ୱର କୌଣସି ଦେଶରେ ଦେଖାଯାଏ ନାହିଁ। ଭାରତ ଯଦି ତାର ମାନବ ସମ୍ବଳକୁ ଉପଯୁକ୍ତ ଭାବେ ଆଗାମୀ ଦିନରେ ନିୟୋଜିତ କରିପାରିବ, ତେବେ ସବୁ ଦିଗରେ ଭାରତ ଏକ ସମୃଦ୍ଧ ତଥା ଅତ୍ୟାଧୁନିକ ଦେଶ। ଆଜି ପ୍ରତିରକ୍ଷା କ୍ଷେତ୍ରରେ କାହାକୁ ଭୟ କରିବା ନାହିଁ। ଆଣବିକ ଅସ୍ତ୍ରଶସ୍ତ୍ରରେ ଆଜି ଆମେ ସୁସଜ୍ଜିତ। ଅପରେସନ ସିନ୍ଦୂରକୁ ଏକ ବଡ଼ ଉଦାହରଣ ଭାବେ ନିଆଯାଇପାରେ। ଭାରତ ବର୍ଷରେ ମୋଦିଜୀଙ୍କ ସରକାର ସେନାବାହିନୀକୁ ଦେଶର ସୁରକ୍ଷା, ଶତ୍ରୁ ମୁକାବିଲା ସହ ଆତଙ୍କବାଦୀ ଓ ମାଓବାଦୀଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି। ସେନାବାହିନୀକୁ ନିଷ୍ପତ୍ତି ଓ ଜବାବ ଦେବା କ୍ଷେତ୍ରରେ ଅଖଣ୍ଡ, ଖୋଲା ହାତ ପ୍ରଦାନ କରାଯାଇଛି। ସେନା ଆଜି ନିଜେ ନିଜର ନିଷ୍ପତ୍ତି



ନେଇ ଶେର ସୁରକ୍ଷାକୁ ଅତ୍ୟନ୍ତ କଡ଼ାକଡ଼ି କରିପାରୁଛି। ଯାହାପାଇଁ ମୋଦିଜୀଙ୍କ ନେତୃତ୍ୱରେ ଭାରତବାସୀ ଆଜି ଶାନ୍ତିରେ ନିଶ୍ୱାସ ନେଇପାରୁଛନ୍ତି।

ଭାରତର ସ୍ୱାଧୀନତା ଦିବସ ଅବସରରେ ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ, ସ୍ୱାଧୀନତା ଦିବସ ଅବସରରେ, ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଛନ୍ତି 'ବିକାଶ ପଥରେ ଆଗେଇ ନେବା ଲାଗି, ଆମକୁ କାନ୍ଧରେ କାନ୍ଧ ମିଶାଇ, ଏକତା ବଜାୟ ରଖି କାର୍ଯ୍ୟ କରିବା ଆବଶ୍ୟକ।' ଆମ ରାଜ୍ୟ ଓଡ଼ିଶା ମଧ ପ୍ରଗତି ପଥରେ, ପଛରେ ପଡ଼ିନାହିଁ। ଓଡ଼ିଶାରେ ନବଗଠିତ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ଲୋକଙ୍କ ସରକାର' ବାସ୍ତବରେ ଡବଲ ଇଞ୍ଜିନର ପ୍ରଗତି କ୍ଷେତ୍ରରେ ଓଡ଼ିଶା ଆଜି ସ୍ୱତନ୍ତ୍ର ଓ ଅନନ୍ୟ ହୋଇପାରିଛି। ସଡ଼କ ଠାରୁ ଯାଗାଯୋଗ, କୃଷି ଠାରୁ ଶିକ୍ଷା, ପାନୀୟଜଳ ଠାରୁ ଜଙ୍ଗଲ ଓ ପରିବେଶ, ଶିଶୁ ବିକାଶ ଠାରୁ ପାନୀୟ ଜଳ, ଭିତ୍ତିଭୂମି, ଶିଳ୍ପାୟନ ସବୁ କ୍ଷେତ୍ରରେ ଓଡ଼ିଶା ଆଜି ଭାରତର ଏକ ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟର ମାନ୍ୟତା ପାଇଛି। ରାଜ୍ୟବାସୀ ପାଇଛନ୍ତି ମୋହନ ଚରଣ ମାଝୀଙ୍କ ପରି ଏକ ସରଳ ମଣିଷ ମନ ବୁଝିପାରୁଥିବା ଜନନେତାଙ୍କୁ।

ସାଧାରଣରେ ଏକ ସ୍ୱାଧୀନ ଦେଶର ନାଗରିକମାନଙ୍କ ସମ୍ମାନର ସହ ବଞ୍ଚିବା ପାଇଁ ଏ ସମସ୍ତ ଅତ୍ୟାବଶ୍ୟକୀୟ ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆଜି ଲୋକଙ୍କ ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି ରାଜ୍ୟରେ ସବୁ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରାଯାଉଛି। ରାଜ୍ୟର ବିକାଶ ପାଇଁ କେନ୍ଦ୍ରର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଓଡ଼ିଶାକୁ ପୂର୍ବ ଭାରତର ବିକାଶର ମୁଖ୍ୟ କେନ୍ଦ୍ର ଭାବେ ଯେଉଁ ଯୋଜନା ରଖିଛନ୍ତି ସେଥିରେ ଅନେକ ପ୍ରକଳ୍ପ ପାଇଁ ବ୍ୟାପକ କେନ୍ଦ୍ରୀୟ ପାଣ୍ଠି ଓ ଅନୁଦାନ ଆସୁଛି। ରାଜ୍ୟର ବିକାଶ ଓ ଦେଶର ବିକାଶ କ୍ଷେତ୍ରରେ ସରକାର ଓ ପ୍ରଶାସନକୁ ନିର୍ମଳ ସ୍ୱଚ୍ଛ ଶାସନ ନିମିତ୍ତ ଆମ ମାନଙ୍କର ସହଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁସ୍ଥ, ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ସମାଜ ସ୍ୱାଧୀନତା ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ହେଉ। ଆମ ଅଖଣ୍ଡ, ସେହି ବିଶ୍ୱ ଗୁରୁର ଭାରତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସେବା ଭାବନାରେ ଯେଉଁ ଗୁରୁ ଦାୟିତ୍ୱ ନିର୍ବାହ କରୁଛନ୍ତି ବିକାଶର ରାସ୍ତାରେ ଆହୁରି ଆଗେଇ ଚାଲୁ ଏବଂ ଦେଶ ନିମିତ୍ତ, ଭାରତ ମାଆର ସମ୍ମାନ ନିମିତ୍ତ ସବୁ କ୍ଷେତ୍ରରେ ସରକାର ପ୍ରଶାସନ ବ୍ୟବସ୍ଥା, ସେନା ବାହିନୀଙ୍କୁ ଆମର ସମର୍ଥନ, ଶ୍ରଦ୍ଧା, ସମ୍ମାନ ରହିଆସିଛି। ଏବଂ ପ୍ରତିଟି ଭାରତୀୟଙ୍କ ରକ୍ତବିନ୍ଦୁରେ ଭାରତର ବୀର ଯବାନଙ୍କ ପ୍ରତି ଭଲ ପାଇବା ଓ ଶ୍ରଦ୍ଧା ଆବେଗ ଚିର ଅତୁଟ।

ଥାଇଲୋ, ଅଲିକଣ୍ଟା, ବାଲିକୁଦା, ଜଗତସିଂହପୁର-୭୫୪୧୦୮
ମୋବାଇଲ୍: ୭୦୦୮୪୩୮୯୫୯

# ସଂସ୍କୃତ ଭାଷା ପ୍ରତି ସମ୍ମାନବୋଧର ସମୟ



ଡକ୍ଟର ଲକ୍ଷ୍ମଣ ସାହୁ

ଭାଷା ହେଉଛି ଜ୍ଞାନ ଓ ସଂସ୍କୃତିର ଶକ୍ତି। ଏହା ବିନା ଆମେ କୌଣସି ଜାତିର ସଂସ୍କୃତି କିମ୍ବା ପରିଚୟ କଳ୍ପନା ମଧ କରିପାରିବା ନାହିଁ। ଯେ କୌଣସି ସଭ୍ୟତାର ବିକାଶ ଯାତ୍ରାରେ ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଭାଷା ମାଧ୍ୟମରେ ଯେ କୌଣସି ଜାତି ନିଜର ଚିନ୍ତାଧାରା, ମୂଲ୍ୟବୋଧ, ଆଦର୍ଶ, ସ୍ମୃତି ଓ ପରମ୍ପରା ଇତ୍ୟାଦି ପ୍ରକାଶ କରେ। ଭାରତର ଆତ୍ମା ବା ମନର ଅଭିବ୍ୟକ୍ତି ଦେବନାଗରୀ ସଂସ୍କୃତ ମାଧ୍ୟମରେ କରାଯାଇଛି। ଆମେ ଏହାକୁ କେବଳ ସଂସ୍କୃତ ଭାଷା ଓ ଏହାର ସମୃଦ୍ଧ ସାହିତ୍ୟରେ ଦେଖିପାରିବା। ସଂସ୍କୃତ ହେଉଛି ଭାରତ ଦୃଷ୍ଟିକୋଣରୁ ଭାରତକୁ ଦେଖିବା ଓ ଜାଣିବା-ବୁଝିବାର ଭାଷା। କିନ୍ତୁ ଏଥିରେ ଲୋକ ବିଶ୍ୱାସ ଓ ସାଂସ୍କୃତିକ ଚେତନାର ପ୍ରତିଧ୍ୱନୀ ଶୁଣାଯାଏ। ସେତେବେଳେ ଅନ୍ୟ ଏକ ଗଭୀର ବିଶ୍ୱ ଦୃଶ୍ୟ ମଧ ଦୃଶ୍ୟମାନ ହୁଏ। ଏଥିରେ ସମସ୍ତ ମାନବ ଜାତିର ମୌଳିକ ଭାବନା ଅଭିବ୍ୟକ୍ତି ପାଇଛି। ଏହାହିଁ ହେଉଛି ଭାଷା , ଯାହା ବ୍ୟକ୍ତିଙ୍କୁ ଜନସଂଖ୍ୟା ସହିତ ଯୋଡିଥାଏ। ସଂସ୍କୃତ ଭାଷା ମାନବର ସୂକ୍ଷ୍ମ ଶରୀରରୁ ପ୍ରାଣ ପର୍ଯ୍ୟନ୍ତ ଯାତ୍ରା କରିଛି। ଅଥାର୍ଥ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ହିନ୍ଦୁ ଧର୍ମର ସକଳ କାର୍ଯ୍ୟରେ ସଂସ୍କୃତ ମନ୍ତ୍ର ପାଠ କରାଯାଏ। ହିନ୍ଦୁ ମାନଙ୍କର ପ୍ରତ୍ୟେକ ପର୍ବପର୍ବାଣୀ, ଶୁଦ୍ଧି ଅଶୁଦ୍ଧି, ମାଙ୍ଗଳିକ କାର୍ଯ୍ୟରେ ସଂସ୍କୃତ ମନ୍ତ୍ର ଉଚ୍ଚାରଣ ଅନ୍ୟ କୌଣସି ଭାଷାରେ ନାହିଁ। ବେଦ, ବେଦାନ୍ତ, ଉପନିଷଦ ଏସବୁ କେବଳ ସଂସ୍କୃତର ଭାଷା। ସଂସ୍କୃତ ସବୁ ଭାଷାର ଜନନୀ ବୋଲି ଧରାଯାଏ। ଅପରପକ୍ଷରେ ସଂସ୍କୃତକୁ ଦେବ ଭାଷା ଭାବରେ ସ୍ୱୀକୃତ ମଧ ଦିଆଯାଇଛି।

ଏକଦା ସଂସ୍କୃତ ଭାଷା ବିଶ୍ୱର ଏକ ପୁରାତନ ତଥା ଭାରତରେ ପ୍ରଚଳିତ ଏକ ଶାସ୍ତ୍ରୀୟ ଭାଷା ଭାବରେ ସ୍ୱୀକୃତ ଥିଲା ଓ ଅଛି। ଏହା ୟୁରୋପୀୟ ଭାଷା ପରିବାରର ଏକ ଆର୍ଯ୍ୟ ଭାଷା। ଏହାର ପୂର୍ବବର୍ତ୍ତୀ ଭାଷାଗୁଡ଼ିକ ପ୍ରାକ୍ତନ ତାମ୍ର ଯୁଗରେ ଉତ୍ତର-ପଶ୍ଚିମରୁ ବିସ୍ତାର ଲାଭ କଲାପରେ ଏହା ଦକ୍ଷିଣ ଏସିଆରେ ବ୍ୟାପିଥିଲା। ପ୍ରଥମେ ସଂସ୍କୃତ ହିନ୍ଦୁ ଧର୍ମର ପବିତ୍ର ଭାଷା ଓ ଶାସ୍ତ୍ରୀୟ ହିନ୍ଦୁ ଦର୍ଶନ ଶାସ୍ତ୍ରରେ, ବୌଦ୍ଧ ଓ ଜୈନ ଧର୍ମର ଐତିହାସିକ ପାଠ୍ୟରେ ବ୍ୟବହାର ହୋଇଥିଲା। ଏହା ପ୍ରାଚୀନ ଓ ମଧ୍ୟଯୁଗୀୟ ଦକ୍ଷିଣ ଏସିଆରେ ଏକ ସଂଯୋଗ ଭାଷା ଥିଲା। ପ୍ରାରମ୍ଭିକ ମଧ୍ୟଯୁଗୀୟ ଯୁଗରେ ଦକ୍ଷିଣ ପୂର୍ବ ଏସିଆ, ପୂର୍ବ ଏସିଆ ଓ ମଧ୍ୟ ଏସିଆକୁ ହିନ୍ଦୁ ଏପରିକି ବୌଦ୍ଧ ସଂସ୍କୃତି ବ୍ୟାପିଥିଲା । ପରେ ପରେ ଏହା ଧର୍ମ ଓ ଉଚ୍ଚ ସଂସ୍କୃତିର ଭାଷା ଭାବରେ ସ୍ୱୀକୃତ ଲାଭ କରିଛି । ଏହି କ୍ଷେତ୍ରରେ ରାଜନୈତିକ ଉଚ୍ଚବର୍ଗଙ୍କ ଭାଷାରେ ପରିଣତ ହୋଇଥିଲା ବୋଲି ଗବେଷକମାନେ କୁହନ୍ତି। ଯାହା ଫଳରେ ବିଶେଷ କରି ବିଭିନ୍ନ ଦକ୍ଷିଣ ଏସିଆ, ଦକ୍ଷିଣ-ପୂର୍ବ ଏସିଆ ଓ ପୂର୍ବ ଏସିଆର ଭାଷାଗୁଡ଼ିକର ଔପଚାରିକ ଭାଷା ଭାବରେ ସ୍ଥାନ ପାଇଥିଲା। ଏପରିକି ପରିବର୍ତ୍ତିତ ଶବ୍ଦାବଳୀ ଉପରେ ସଂସ୍କୃତ ସ୍ଥାୟୀ ପ୍ରଭାବ ପକାଇଥିଲା।

ସମଗ୍ର ଭାରତର ରାଜ୍ୟଗୁଡ଼ିକ ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶ ଭାରତର ୨୨ ଗୋଟି ଅନୁସୂଚିତ ଭାଷାଗୁଡ଼ିକ ଭିତରୁ ଗୋଟିଏ। ଦେଖିବାକୁ ଗଲେ ସଂସ୍କୃତ ସାଧାରଣତଃ ଅନେକ ପୁରୁଣା ଇଣ୍ଡୋ-ଆର୍ଯ୍ୟ ଭାଷା ପ୍ରକାରକୁ ସୂଚାଏ। ଋକବେଦରେ ମିଳୁଥିବା ବୈଦିକ ସଂସ୍କୃତ ସବୁଠାରୁ ପୁରୁଣା ଅଟେ। ଏହା ଖ୍ରୀ. ପୂ. ୧୫୦୦ ମସିହାରୁ ଖ୍ରୀ.ପୂ. ୧୨୦୦ ମସିହା ମଧ୍ୟରେ ରଚନା କରାଯାଇଥିବା ୧,୦୨୮ଟି ଶ୍ଳୋକକୁ ନେଇ ରଚିତ ଓ ଏସବୁକୁ ବର୍ତ୍ତମାନର ଉତ୍ତର ପାକିସ୍ତାନ ଓ ଆଫଗାନିସ୍ତାନରୁ ଉତ୍ତର ଭାରତର ଆଡ଼କୁ ପୂର୍ବମୁଖୀ ହୋଇ ପ୍ରବାସ କରୁଥିବା ଇଣ୍ଡୋ-ଆର୍ଯ୍ୟ ଜନଜାତିମାନେ ରଚନା କରିଥିଲେ। ବୈଦିକ ସଂସ୍କୃତ ଭାରତୀୟ ଉପମହାଦେଶର ପୂର୍ବବର୍ତ୍ତୀ ପ୍ରାଚୀନ ଭାଷାମାନଙ୍କ ସହ ଆଦାନ ପ୍ରଦାନ କରିବା ବେଳେ ପ୍ରଥମ କରି ଭେଟିଥିବା ଗଛ ଓ ପଶୁମାନଙ୍କ ନାମ ମଧ ଆହରଣ କରିଥିଲା। ଏହା ବ୍ୟତୀତ ପ୍ରାଚୀନ ଦ୍ରାବିଡ଼ ଭାଷାଗୋଷ୍ଠୀ ସଂସ୍କୃତର ଧ୍ୱନି ବିଜ୍ଞାନ ଓ ଗଠନକୁ ପ୍ରଭାବିତ କରିଥିବା ଜଣାପଡିଛି। "ସଂସ୍କୃତ" ଅତି ସାଧାରଣ ଭାବେ ଶାସ୍ତ୍ରୀୟ ସଂସ୍କୃତକୁ ସୂଚାଇଥାଏ।

ଶାସ୍ତ୍ରୀୟ ସଂସ୍କୃତ ଏକ ପ୍ରଥମ ମସିହାର ମଧଭାଗରେ ଉତ୍ପନ୍ନ ହୋଇଥିଲା । ପ୍ରାଚୀନ ବ୍ୟାକରଣଗୁଡ଼ିକ ମଧ୍ୟରେ ସବୁଠାରୁ ବ୍ୟାପକ ଭାବେ ପାଣିନୀଙ୍କ ଅଷ୍ଟାଧ୍ୟାୟୀଦ୍ୱାରା ("ଆଠଟି ଅଧ୍ୟାୟ") ମାନକୀକରଣ ହୋଇଥିଲା। ବିଶେଷ କରି କାଳିଦାସ ସଂସ୍କୃତ ଭାଷାର ସର୍ବଶ୍ରେଷ୍ଠ ନାଟ୍ୟକାର ପରିଚିତ। ସେ ତାଙ୍କର ରଚନା ଗୁଡିକ ଶାସ୍ତ୍ରୀୟ ସଂସ୍କୃତରେ ଲେଖୁଥିଲେ। ଆଧୁନିକ ଗଣିତର ମୂଳଦୁଆ ପ୍ରଥମେ ଶାସ୍ତ୍ରୀୟ ସଂସ୍କୃତରେ ବର୍ଣ୍ଣନା ହୋଇଥିଲା। ତେବେ ସଂସ୍କୃତରେ ରଚିତ ଦୁଇ ପ୍ରମୁଖ ମହାକାବ୍ୟ ମହାଭାରତ ଓ ରାମୟଣ ବିଭିନ୍ନ ମୌଖିକ କାହାଣୀ ବର୍ଣ୍ଣନା ଶୈଳୀରେ ରଚିତ। ଏହି ଏହି ଦୁଇ ମହାକାବ୍ୟକୁ ସଂସ୍କୃତ ମହାକାବ୍ୟ କୁହାଯାଉଥିଲା। ଏହା ଉତ୍ତର ଭାରତରେ ଖ୍ରୀ.ପୂ. ୪୦୦ରୁ ଖ୍ରୀ.ପୂ. ୩୦୦ ମଧ୍ୟରେ ରଚିତ ହୋଇଥିଲା। ସେ ସମୟରେ ଶାସ୍ତ୍ରୀୟ ସଂସ୍କୃତର ପ୍ରାୟ ସମସାମୟିକ ଥିଲା। ଏହା ପର ଶତାବ୍ଦୀ ମଧ୍ୟରେ ସଂସ୍କୃତ ପରମ୍ପରାବଦ୍ଧ ହୋଇ ପ୍ରଥମ ଭାଷା ଭାବରେ ଶିଖାଯିବା ବନ୍ଦ ହେଲା ଓ ଶେଷରେ ଏକ ଜୀବନ୍ତ ଭାଷା ଭାବରେ ବିକଶିତ ହେବା ମଧ ବନ୍ଦ ହେଲା।

ବାସ୍ତବ ପକ୍ଷରେ ସଂସ୍କୃତ ଭାଷା ହେଉଛି ଚେତନା ଓ ଆତ୍ମାର ଭାଷା। ଏହା ହେଉଛି ଭାଷା ଯାହା ବ୍ୟକ୍ତି, ସମାଜ ଓ ରାଷ୍ଟ୍ରକୁ 'ଆତ୍ମା' ସହିତ ଯୋଡିଥାଏ, 'ଆତ୍ମ'କୁ ଚିହ୍ନଟ କରିଥାଏ। କିନ୍ତୁ ' ଆତ୍ମ ' କେବେ ସୀମିତ ନୁହେଁ, ସେ ସମଗ୍ର ବିଶ୍ୱ-ବ୍ରହ୍ମାଣ୍ଡ ସହିତ ସଂଯୁକ୍ତ, ତେଣୁ ଏହାର ଦୃଷ୍ଟିକୋଣରେ ସମଗ୍ର ବିଶ୍ୱକୁ ଏହା ଏକ ପରିବାର ମଧ୍ୟରେ ବାନ୍ଧି ରଖିଛି। ଏହା କେବେ ବଜାରୀ ଭାଷା ନୁହେଁ, ଏହା ପ୍ରେମ ଓ ସହଯୋଗର ଭାଷା। ଏହା ଗୁଣ ଓ ବ୍ୟବସାୟର ଭାଷା ନୁହେଁ, ଏହା ପ୍ରବୃତ୍ତି ସଂସ୍କୃତିର ଭାଷା ଓ ସ୍ୱାର୍ଥର ପରିଶୋଧନ। ସଂସ୍କୃତ ଭାଷା ହେଉଛି ଲୋକ ମଙ୍ଗଳର ଆତ୍ମା ଓ ସମନ୍ୱୟର ଆଧାତ୍ମିକ ଅଭ୍ୟାସ। ବହୁ ବିବିଧତା ମଧ୍ୟରେ ସୌନ୍ଦର୍ଯ୍ୟ ଓ ଏକତା ଦେଖିବାର ଭାଷା। ଏହା ହେଉଛି ଭାଷା ଯାହା କେବଳ ମଣିଷ ସହିତ ନୁହେଁ ବରଂ ପାଳକବାଦ ସହିତ ମନୁଷ୍ୟର ପରିଚୟ ପ୍ରତିଷ୍ଠା କରେ। ଏହା ଦୁର୍ଭାଗ୍ୟଜନକ ଯେ ଅନେକ ବିରଳ ବୈଶିଷ୍ଟ୍ୟ ପ୍ରଦାନ କରାଯାଇଥିଲେ ମଧ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉପଯୁକ୍ତ। ସଂସ୍କୃତକୁ ଘରେ ଅବହେଳା କରାଯାଇଥିଲା। ଏହାକୁ ପୁରୁଣା, ଅଦରକାରୀ, ଅପ୍ରାସଙ୍ଗିକ ପ୍ରମାଣ କରିବାକୁ ଚେଷ୍ଟା କରାଯାଇଥିଲା। ସର୍ବ ପୁରାତନ ଜ୍ଞାନର ଭାଷା ଭାବରେ ବିଶ୍ୱ ଏଥିରୁ ଏହାର ଆଭିମୁଖ୍ୟ ଗ୍ରହଣ କଲାବେଳେ ଭାରତ ସ୍ୱାଧୀନତା ହାସଲ କରିବା ପରେ ମଧ ଉପନିବେଶିକ ମାନସିକତାରେ ପୀଡିତ ହେଉଛି।

ପ୍ରକୃତ କଥା ହେଉଛି ବାରମ୍ବାର ଗବେଷଣା ଓ ଅନୁସନ୍ଧାନରେ କମ୍ପ୍ୟୁଟର ସହ କୃତ୍ରିମ ବୁଦ୍ଧି ପାଇଁ ସଂସ୍କୃତକୁ ସବୁଠାରୁ ଉପଯୁକ୍ତ ଭାଷା ଭାବରେ ବର୍ଣ୍ଣନା କରାଯାଇଛି। ସିକ୍ୱେନ୍ସ ପ୍ୟାଡ୍ - ଯେପରି ଲେଖା ହୋଇଛି ଠିକ୍ ସେହିପରି ପଢିବା ଓ କହିବା ପାଇଁ ସୌଭାଗ୍ୟ , ଯେଉଁ କାରଣରୁ ସଂସ୍କୃତକୁ ଟ୍ୟାକିଂ କମ୍ପ୍ୟୁଟର ପାଇଁ ସବୁଠାରୁ ସଠିକ ଓ ବୈଜ୍ଞାନିକ ଭାଷା ଭାବରେ ବିବେଚନା କରାଯାଏ। ବୈଜ୍ଞାନିକ ରଚନା, ଶବ୍ଦ-ଗଠନ, ଗ୍ରେଡେସନ୍, ଭିଜୁଆଲ୍ ଅର୍ଥ-ବିସ୍ତାର ଇତ୍ୟାଦି ଦୃଷ୍ଟିକୋଣରୁ ଏହା ସ୍ୱତନ୍ତ୍ର ଓ ଅନନ୍ୟ ଭାଷା, ସ୍ୱତନ୍ତ୍ର ଇତିହାସ, ନିଶ୍ୱାସ-ମୁଖ ଇତ୍ୟାଦି ଆଧାରରେ କରାଯାଉଛି। ଦୁନିଆର ସର୍ବ ପୁରାତନ ଭାଷା ହୋଇଥିବାରୁ ଏହାର ଚମତ୍କାର ସମନ୍ୱୟ ଦେଶ ତଥା ବିଦେଶରେ ବ୍ୟବହୃତ ତଥା ପ୍ରଚଳିତ ଅଧିକାଂଶ ଭାଷା ସହିତ ଦେଖାଯାଏ। ଭାରତର ଅଧିକାଂଶ ଉପଭାଷା ଓ ଭାଷାର ମାତା ହୋଇଥିବାରୁ ଏହା ଜାତୀୟ ଏକତା ଓ ଅଖଣ୍ଡତା ପାଇଁ ଅତ୍ୟନ୍ତ ସହାୟକ ହୋଇଥାଏ। ଆସନ୍ତାକାଲି ସଂଗୀତ, ସାହିତ୍ୟ, ସଂସ୍କୃତି, ଯୋଗ, ଆୟୁର୍ବେଦ, ଧର୍ମ ଦର୍ଶନ, ନୀତି ଓ ଇତିହାସରୁ ଗଣିତ, ବିଜ୍ଞାନ, ଭୂଗୋଳ, ଭୌଗୋଳିକ ଇତିହାସ, ଜ୍ୟୋତିଷ ଶାସ୍ତ୍ର ଇତ୍ୟାଦି ପର୍ଯ୍ୟନ୍ତ ପରିବ୍ୟାପ୍ତ।

ଏଭଳି ଏକ ଦୁନିଆରେ କୌଣସି କ୍ଷେତ୍ର ନାହିଁ ଯେଉଁଠାରେ ସଂସ୍କୃତ ଗ୍ରନ୍ଥ ଉପଲବ୍ଧ ନାହିଁ। ଦୁନିଆର ଅନ୍ୟ ଏକ ଭିନ୍ନ ଭାଷାରେ, ଯେଉଁଠାରେ ଏକ ନିର୍ଦ୍ଦିଷ୍ଟ ବସ୍ତୁ ପାଇଁ ଲୋକପ୍ରିୟ । ଶବ୍ଦଗୁଡ଼ିକର ଉଦ୍ଦେଶ୍ୟ ଓ କାରଣ ହେଉଛି ଶରୀର, ଯେତେବେଳେ ସଂସ୍କୃତରେ ଗୁଣ-ଧର୍ମ-ଅର୍ଥ ଇତ୍ୟାଦି ଜିନିଷ ଗୁଡ଼ିକର ନାମକରଣ ପ୍ରମାଣିତ ହୋଇପାରେ ସେତେବେଳେ ଏହାକୁ ଉତ୍ସାହର ଉତ୍ସ ବୋଲି କୁହାଯାଇପାରେ। ଏଠାରେ ସଂସ୍କୃତ ମନ୍ତ୍ର ଜପ କରିବାକୁ ପରାମର୍ଶ ଦିଆଯାଇଛି, ନା, ଏହା ହେଉଛି ଗୀତ-ସୁର-ତାଳର ଭାଷା। ତେଣୁ ସଂସ୍କୃତ ହେଉଛି ମାନବ ଜୀବନର ମହାମନ୍ତ୍ର। ପୁଣେର ଡେକାନ୍ କଲେଜ ଅଫ୍ ସଂସ୍କୃତ ଓ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଏକ ପ୍ରସ୍ତୁତି କରୁଛି।

ବର୍ତ୍ତମାନ ସୁଦ୍ଧା ୨୨ ଟି ଗବେଷଣା ଅନୁସନ୍ଧାନକାରୀଙ୍କ ଏକ ଟିମ୍ ଏହା ଉପରେ କାର୍ଯ୍ୟ କରୁଛନ୍ତି। ସେଥିରେ ବେଦ ବେଦାଙ୍ଗ, ବ୍ୟାକରଣ, ଦର୍ଶନ, ସାହିତ୍ୟ, ଧର୍ମ, ମହାକାଶ, ଗଣିତ, ସ୍ଥାପତ୍ୟ, ଔଷଧ, ଚିକିତ୍ସା ବିଜ୍ଞାନ, କୃଷି ଲେଖା, ରାଜନୀତି, ନାଟକ ଭଳି ବିଷୟଗୁଡ଼ିକ ସମ୍ବନ୍ଧୀୟ ଶବ୍ଦଗୁଡ଼ିକ କରାଯାଇଛି। ୧୯୭୬ ମସିହାରେ ଏହି ପାଶୁ ପୁଡ୍ ଅଭିଧାନର ପ୍ରଥମ ଭଲ୍ୟୁମ୍ ପ୍ରକାଶିତ ହେଲା। ଏପର୍ଯ୍ୟନ୍ତ ଏହାର ୩୫ ଭଲ୍ୟୁମ୍ ପ୍ରକାଶିତ ହୋଇଛି। ଏପର୍ଯ୍ୟନ୍ତ ୧.୨୫ ଲକ୍ଷ ଶବ୍ଦ ଏଥିରେ ଅନ୍ତର୍ଭୁକ୍ତ ହୋଇଛି। ଅନୁମାନ କରାଯାଏ ଯେ ଅଭିଧାନ ସମାପ୍ତ ହେବା ବେଳକୁ ଏଥିରେ ଦୁଇ ଲକ୍ଷରୁ ଅଧିକ ଶବ୍ଦ ସଂକଳିତ ହୋଇଥିବ। ଯାହା ଅକ୍ସଫୋର୍ଡ ଇଂରାଜୀ ମିଶନାରୀ ଠାରୁ ବଡ଼ ଓ ଉନ୍ନତ ଧରଣର ହେବ। ସଂସ୍କୃତ ଭାଷା ହେଉଛି ଜ୍ଞାନ ଓ ଭାବନାର ଏକ ନିରନ୍ତର ସ୍ରୋତ' ବୋଲି ପ୍ରଧାନମନ୍ତ୍ରୀ ଜୋର ଦେଇଛନ୍ତି।

ଏବେ ସଂସ୍କୃତି ସପ୍ତାହ ପାଳନ ଉପଲକ୍ଷେ ଉଚ୍ଚଶିକ୍ଷା ବିଭାଗ ଓ ପକ୍ଷରୁ ରାଜ୍ୟ ସାରା ଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପାଳନ ଚାଲିଛି। ବାସ୍ତବରେ ସଂସ୍କୃତର ପୁନଃ ନିର୍ମାଣ ଓ ସମ୍ମାନ ପାଇଁ କଲେଜର ଏହି ପ୍ରୟାସ ପ୍ରଶଂସନୀୟ ଓ ଆଦର୍ଶରେ ଅନୁପ୍ରାଣିତ। ମନେରଖିବା ଉଚିତ୍ ଯେ ଯେତେବେଳେ ଏକ ସମାଜ ଏହାର ଭାଷା-ପରମ୍ପରାକୁ ସଂରକ୍ଷଣ ଓ ସମ୍ପର୍କ ରଖିବା ପାଇଁ ଅଣ୍ଟା ଭିଡି ଠିଆ ହୁଏ , ସେତେବେଳେ ଦୁନିଆର କୌଣସି ପ୍ରତିବନ୍ଧକ ଓ ଶକ୍ତି ଏହାର ଗତିଶୀଳ ରାସ୍ତାକୁ ଅଟକାଇ ପାରିବ ନାହିଁ , କିମ୍ବା ଏହାର ମନୋବଳକୁ କଦାପି ଭାଙ୍ଗି ପାରିବ ନାହିଁ..!!!

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

# ଆଜି ଭାରତ ଆସୁଛନ୍ତି ଶୁଭାଂଶୁ





**ନୂଆଦିଲ୍ଲୀ,୧୬।୮:** ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ତାଙ୍କର ଐତିହାସିକ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସ୍ଏସ୍) ଯାତ୍ରା ପରେ ପରେ ଆସନ୍ତାକାଲି ପ୍ରଥମ ଥର ପାଇଁ ଭାରତ ଆସୁଛନ୍ତି। ଭାରତରେ ପହଞ୍ଚିବା ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବେ। ଏହାପରେ ସେ ତାଙ୍କ ଜନ୍ମସ୍ଥାନ ଲକ୍ଷ୍ନୌ ଯିବାର ସମ୍ଭାବନା ରହିଛି। ସେ ଆସନ୍ତା ୨୨-୨୩ରେ ଜାତୀୟ ମହାକାଶ ଦିବସ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ଆମେରିକାରୁ ଭାରତ ଅଭିମୁଖେ ଯାତ୍ରା ସମୟର ଏକ ଫଟୋ ମଧ୍ୟ ଶୁଭାଂଶୁ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଉକ୍ତ ବିମାନରେ ବସିଥିବା ଉକ୍ତ ଫଟୋରେ ଶୁଭାଂଶୁ ବେଶ୍ ଖୁସି ଥିବା ଜଣାପଡ଼ିଛି। ଶୁକ୍ଲା ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଭାରତ ଫେରିବା ପାଇଁ ବିମାନରେ ଚଢ଼ିବା ସମୟରେ ମୋ ହୃଦୟରେ ଅନେକ କିଛି ଭାବନା ଉଙ୍କିମାରୁଛି। ଏହି ମିଶନ ସମୟରେ ଗତ ବର୍ଷେ ଧରି ମୋର ବନ୍ଧୁ ଓ ପରିବାରଠାରୁ ଦୂରେଇ ରହି ମୁଁ ବେଶ୍ ଦୁଃଖିତ। ଐତିହାସିକ ମିଶନ ପରେ ପ୍ରଥମ ଥର ପାଇଁ ମୋର ସମସ୍ତ ବନ୍ଧୁ, ପରିବାର ଓ ଦେଶବାସୀଙ୍କୁ ଭେଟିବା ନେଇ ମୁଁ ଯଥେଷ୍ଟ ଉତ୍ସାହିତ ରହିଛି। ମୁଁ ଭାବୁଛି ଏହା ହିଁ ଜୀବନ। ମିଶନ ସମୟରେ ଓ ପରେ ସମସ୍ତଙ୍କଠାରୁ ଅବିଶ୍ୱସନୀୟ ପ୍ରେମ ଓ ସମର୍ଥନ ପାଉଛି। ମୁଁ ଭାରତ ଫେରିବା ପରେ ଆପଣମାନଙ୍କ ସହ ମୋର ଅଭିଜ୍ଞତା ବାଣ୍ଟିବାର ମୁହୂର୍ତ୍ତକୁ ଅପେକ୍ଷା କରିଛି। ବିଦାୟ କହିବା କଷ୍ଟକର, କିନ୍ତୁ ଆମକୁ ଜୀବନରେ ଆଗକୁ ବଢ଼ିବାକୁ ହିଁ ପଡିବ ବୋଲି ଶୁଭାଂଶୁ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଶୁଭାଂଶୁ ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନକୁ ଯାତ୍ରା କରିଥିଲେ। ଗତ ଜୁନ ୨୫ ତାରିଖରେ ଆକ୍ସିଅମ୍-୪ ମିଶନ ମାଧ୍ୟମରେ ସେ ଆଇଏସଏସ୍‌ରେ ପହଞ୍ଚିଥିଲେ। ସେଠାରୁ ସେ ଗତ ମାସ ୧୫ ତାରିଖରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ମିଶନ ଲାଗି ଶୁଭାଂଶୁ ଆମେରିକାରେ ବର୍ଷେ ରହିବା ପରେ ଶେଷରେ ସେ ଭାରତ ଫେରିବେ।

# ଅଷ୍ଟ୍ରେଲିଆରେ ଭୂକମ୍ପ ଝଟକା




**କାନବେରା,୧୬।୮:** ଅଷ୍ଟ୍ରେଲିଆର କ୍ୱିନ୍ସଲାଣ୍ଡ ନିକଟବର୍ତ୍ତୀ ଓ୍ୱାଡ଼ ଅଞ୍ଚଳରେ ଆଜି ୫.୪ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଛି। ୟୁରୋପୀୟ ଭୂମଧ୍ୟସାଗରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଇଏମ୍ଏସ୍‌ସି) ଅନୁଯାୟୀ, ଏହି ଭୂମିକମ୍ପ ଶନିବାର ସ୍ଥାନୀୟ ସମୟ ପ୍ରାତଃ ୦୯:୪୯ରେ ହୋଇଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂମିଠାରୁ ୧୭ କିମି ତଳେ ଥିଲା। ଏହାପରେ ଆଖପାଖ ଅଞ୍ଚଳରେ ଏକାଧିକ ବାର ଭୂମିକମ୍ପ ଝଟ୍‌କା ମଧ୍ୟ ଅନୁଭୂତ ହୋଇଥିଲା। ଇଏମ୍ଏସ୍‌ସି ଅନୁଯାୟୀ, ୫ ମିନିଟ୍ ମଧ୍ୟରେ ଆଖପାଖ ଅଞ୍ଚଳରେ ୩ରୁ ୪ଟି ଭୂମିକମ୍ପ ଅନୁଭୂତ ହୋଇଛି। ଏହି ଭୂମିକମ୍ପ ଯୋଗୁଁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଲୋକମାନେ ଘରୁ ବାହାରକୁ ବାହାରିବାକୁ ବି ଭୟ କରିଥିଲେ। କିନ୍ତୁ ଏହି ଭୂମିକମ୍ପରେ ନିକଟବର୍ତ୍ତୀ ବ୍ରିସବେନ୍ କିମ୍ବା ସନସାଇନ୍ କୋଷ୍ଟରେ କୌଣସି ପ୍ରକାର କ୍ଷୟକ୍ଷତି ହୋଇଥିବା ନେଇ ସୂଚନା ନାହିଁ। ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖରେ ଇଣ୍ଡୋନେସିଆର ପାପୁଆ ଅଞ୍ଚଳରେ ୬.୩ ତୀବ୍ରତା ବିଶିଷ୍ଟ ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ଆବେପୁରା ସହରରୁ ପ୍ରାୟ ୧୯୩ କିମି ଉତ୍ତର-ପଶ୍ଚିମରେ ଥିଲା। ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ଅନୁଯାୟୀ, ଏହି ଭୂମିକମ୍ପ ସ୍ଥାନୀୟ ସମୟ ସନ୍ଧ୍ୟା ୫.୨୪ମିନିଟ୍‌ରେ ହୋଇଥିଲା।

## ୭୯ତମ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# 'ଅପରେସନ୍ ସିନ୍ଦୂର'ରେ 'ମେଡ୍ ଇନ୍ ଇଣ୍ଡିଆ' ଚମତ୍କାରିତା

- ୨୦୪୭ ସୁଦ୍ଧା ଦେଶର ପରମାଣୁ ଉର୍ଜା ୧୦ ଗୁଣ ବଢ଼ିବ
- ଚଳିତ ବର୍ଷ ଶେଷ ସୁଦ୍ଧା ଉପଲବ୍ଧ ହେବ ସ୍ୱଦେଶୀ ଚିପ୍ସ
- ଦୀପାବଳିରେ ଆସିବ ଖୁସି ଖବର



**ନୂଆଦିଲ୍ଲୀ,୧୬।୮:** ଆଜି ୧୪୦ କୋଟି ଭାରତୀୟ ତ୍ରିରଙ୍ଗା ରଙ୍ଗରେ ରଙ୍ଗାୟିତ। ଘରେ ଘରେ ତ୍ରିରଙ୍ଗା, ଭାରତର ପ୍ରତ୍ୟେକ କୋଣରୁ, ମରୁଭୂମି ହେଉ ଅବା ହିମାଳୟର ଶିଖର, ସମୁଦ୍ର କୂଳ ହେଉ ଅବା ଘନ ଜନବସତି, ସବୁଠି ସମାନ ପ୍ରତିଧ୍ୱନି ଓ ସମାନ ଜୟଗାନ ଶୁଭୁଛି। ଆଜି ଲାଲକିଲ୍ଲାରେ ଦେଶର କୋଣ ଅନୁକୋଣରୁ ଆସିଥିବା ଗ୍ରାମ ପଞ୍ଚାୟତର ସଦସ୍ୟ, 'ଡ୍ରୋନ୍ ଦିଦି', 'ଲକ୍ଷପତି ଦିଦି', କ୍ରୀଡ଼ାବିତ ଏବଂ ସମାଜ ଜୀବନରେ ଅବଦାନ ଦେଇଥିବା ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଅଛନ୍ତି। ତେଣୁ ମୁଁ ଏଠାରେ ଏକ ଲଘୁ ଭାରତକୁ ଦର୍ଶନ କରୁଛି। ଆଜି ୧୫ ଅଗଷ୍ଟର ଏକ ବିଶେଷ ଗୁରୁତ୍ୱ ରହିଛି। ଆଜି ଲାଲକିଲ୍ଲାର ପ୍ରାଚୀରରୁ 'ଅପରେସନ ସିନ୍ଦୂର'ର ସାହସୀ ଯୋଦ୍ଧାମାନଙ୍କୁ ସଲାମ କରିବାର ସୁଯୋଗ ପାଉଛି। ଆମର ସାହସୀ ସୈନିକମାନେ ଶତ୍ରୁ ପକ୍ଷକୁ ଏପରି ଶାସ୍ତି ଦେଇଛନ୍ତି ଯାହାର ସେମାନେ କେବେ କଳ୍ପନା ସୁଦ୍ଧା କରିନଥିଲେ। ୨୨ ଏପ୍ରିଲରେ ଆତଙ୍କୀ ହମଲା ସମଗ୍ର ଦେଶରେ ଆକ୍ରୋଶର ଏକ ବାତାବରଣ ଭୋଳାଇଦେଇଥିଲା। ସମଗ୍ର ବିଶ୍ୱ ଏପରି ଏକ ନରସଂହାରରେ ଆଚମ୍ବିତ ହୋଇଯାଇଥିଲା। ଉକ୍ତ ଆକ୍ରୋଶର ପରିପ୍ରକାଶ ଥିଲା 'ଅପରେସନ୍ ସିନ୍ଦୂର'। ପୂର୍ଣ୍ଣ ସ୍ୱାଧୀନତା ପାଇଥିବା ଆମ ସେନା ଶତ୍ରୁ ମାଟିରେ ଶହ ଶହ କିମି ଭିତରକୁ ପ୍ରବେଶ କରି ଆତଙ୍କୀ ମୁଖ୍ୟାଳୟକୁ ଧୂଳିସାତ୍ କରିବା ସହ ଆତଙ୍କୀ ଅଖାଡ଼ାକୁ ଧ୍ୱଂସସ୍ତୂପରେ ପରିଣତ କରିଦେଇଥିଲେ। ଏହି ଅପରେସନ୍‌ରେ ପାକିସ୍ତାନର ନିଦ ହଜିଯାଇଛି। ଯେଉଁମାନେ ଆତଙ୍କବାଦକୁ ପ୍ରୋତ୍ସାହନ ଓ ଆଶ୍ରୟ ଦେଉଛନ୍ତି, ସେମାନେ ମାନବତାର ଶତ୍ରୁ। ଭାରତ ଏବେ ଆଉ ପରମାଣୁ ଧମକକୁ ବରଦାସ୍ତ କରିବ ନାହିଁ। ଏଥିସହ ଆଉ ରକ୍ତ ଓ ପାଣି ଏକାଠି ପ୍ରବାହିତ ହେବ ନାହିଁ ବୋଲି ଭାରତ ନିଷ୍ପତ୍ତି ନେଇଛି। ଆମର କୃଷକମାନଙ୍କ ହିତ ଓ ରାଷ୍ଟ୍ରର ହିତ ପାଇଁ ସିନ୍ଧୁ ଚୁକ୍ତିନାମା ଗ୍ରହଣୀୟ ନୁହେଁ। ଆତ୍ମନିର୍ଭରଶୀଳତା କେବଳ ଆମଦାନୀ ଏବଂ ରପ୍ତାନି, କିମ୍ବା ଟଙ୍କା, ପାଉଣ୍ଡ ଓ ଡଲାର ପର୍ଯ୍ୟନ୍ତ ସୀମିତ ନୁହେଁ। ଆତ୍ମନିର୍ଭରଶୀଳତା ଆମ କ୍ଷମତା ସହ ଜଡ଼ିତ। ଆତ୍ମନିର୍ଭରଶୀଳତା ହ୍ରାସ ପାଇଲେ କ୍ଷମତା ମଧ୍ୟ ହ୍ରାସ ପାଏ। 'ଅପରେସନ ସିନ୍ଦୂର'ରେ 'ମେଡ୍ ଇନ୍ ଇଣ୍ଡିଆ'ର ଚମତ୍କାର ଦେଖିବାକୁ ମିଳିଲା। ଏକବିଂଶ ଶତାବ୍ଦୀ ଏକ ପ୍ରଯୁକ୍ତି-ଚାଳିତ ଶତାବ୍ଦୀ ହୋଇଥିବା ବେଳେ ଏଥିରେ ପାରଙ୍ଗମ ଥିବା ପ୍ରତି ରାଷ୍ଟ୍ର ବିକାଶ ଶୀର୍ଷରେ ପହଞ୍ଚିପାରିଛନ୍ତି। ଏଥିରେ ସେମିକଣ୍ଡକ୍ଟରର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଦେଶର ଯୁବପିଢ଼ି ଏ ସମ୍ପର୍କରେ ଜାଣିବା ଅତି ଜରୁରୀ। ଦେଶରେ ଏବେ ୬ଟି ଭିନ୍ନ ଭିନ୍ନ ସେମିକଣ୍ଡକ୍ଟର ୟୁନିଟ୍ ଉପରେ କାମ ଆରମ୍ଭ ହୋଇଛି। ୪ଟି ନୂଆ ୟୁନିଟକୁ ମଞ୍ଜୁରୀ ମଧ୍ୟ ମିଳିସାରିଛି। ଚଳିତ ବର୍ଷ ଶେଷ ସୁଦ୍ଧା ମେଡ୍ ଇନ୍ ଇଣ୍ଡିଆ ଚିପ୍ସ ବଜାରରେ ଉପଲବ୍ଧ ହେବ। ମିଶନ ଗ୍ରୀନ୍ ହାଇଡ୍ରୋଜେନ ପ୍ରକଳ୍ପରେ ଆଜି ହଜାର ହଜାର କୋଟି ଟଙ୍କା ନିବେଶ କରାଯାଉଛି। ଆସନ୍ତା ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରମାଣୁ ଉର୍ଜା କ୍ଷମତା ୧୦ ଗୁଣ ବଢ଼ାଇବାର ସଂକଳ୍ପ ନେଇଛୁ। ଆତ୍ମନିର୍ଭରଶୀଳ ହେବା ପାଇଁ ଆମେ 'ସମୁଦ୍ର ମନ୍ଥନ' ଦିଗରେ ଅଗ୍ରସର ହେଉଛୁ। ସମୁଦ୍ର ମନ୍ଥନକୁ ଆଗକୁ ବଢ଼ାଇ ଆମେ ସମୁଦ୍ର ତଳେ ତୈଳ ଭଣ୍ଡାର, ଗ୍ୟାସ୍ ଭଣ୍ଡାର ଖୋଜିବା ପାଇଁ ଏକ ମିଶନ ମୋଡରେ କାମ କରିବାକୁ ଚାହୁଁଛୁ। ସେଥିପାଇଁ ଭାରତ ଜାତୀୟ ଗଭୀର ଜଳ ଅନୁସନ୍ଧାନ ମିଶନ୍ ଆରମ୍ଭ କରିବାକୁ ଯାଉଛି। ସେହିପରି ଭବିଷ୍ୟତର ଯୁଗ ଇଭି (ବୈଦ୍ୟୁତିକ ଯାନ)ର ଯୁଗ ହେବାକୁ ଥିବାରୁ ଇଭି ବ୍ୟାଟେରୀ ସହ ସୌର ପ୍ୟାନେଲ କିମ୍ବା ଇଲେକ୍ଟ୍ରୋନିକ୍ ଯାନ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ଭାରତରେ ଉତ୍ପାଦିତ ହେବା ଜରୁରୀ। ସେହିପରି ଗତ ୧୦ ବର୍ଷ ମଧ୍ୟରେ ମହିଳା ଏସ୍ଏଚ୍‌ଜିଗୁଡ଼ିକ ଆଶ୍ଚର୍ଯ୍ୟଜନକ ସଫଳତା ପାଇଛନ୍ତି। ସେମାନଙ୍କର ଉତ୍ପାଦ ବିଶ୍ୱ ବଜାରରେ ପହଞ୍ଚିଛି। ଏସ୍ଏଚ୍‌ଜିଗୁଡ଼ିକରେ ଲକ୍ଷ ଲକ୍ଷ କୋଟି ଟଙ୍କାର ବ୍ୟବସାୟ କରୁଛନ୍ତି। 'ମନ୍ କୀ ବାତ୍'ରେ ଦେଇଥିବା ପରାମର୍ଶ କ୍ରମେ ଆମେ ଏବେ ଖେଳଣା ରପ୍ତାନି ଧାରା ଆରମ୍ଭ କରିଛୁ। 'ଭୋକାଲ୍ ଫର ଲୋକାଲ୍'କୁ ପ୍ରତ୍ୟେକ ନାଗରିକ ସେମାନଙ୍କ ଜୀବନର ମୂଳମନ୍ତ୍ର କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗାମୀ ଦୀପାବଳିରେ ଜିଏସଟିର ସମୀକ୍ଷା କରାଯିବ। ଏଥିପାଇଁ ଏକ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଗଠନ ପାଇଁ ସମୀକ୍ଷା ଆରମ୍ଭ ହୋଇଛି। ଏନେଇ ରାଜ୍ୟଗୁଡ଼ିକ ସହ ଆଲୋଚନା ମଧ୍ୟ କରାଯିବ। ଏହାର ଫାଇଦା ଏମ୍ଏସ୍ଏମ୍‌ଇଗୁଡ଼ିକୁ ମଧ୍ୟ ମିଳିବ। ଦୈନନ୍ଦିନ ଜୀବନର ଜିନିଷ ଶସ୍ତା ହେବ,ଯାହାକି ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବ। ଖୁବ୍‌ଶୀଘ୍ର ଦେଶ ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ। ୩ କୋଟି ମହିଳାଙ୍କୁ ଲକ୍ଷପତି ଦିଦି ପାଇଁ ପ୍ରତିଶ୍ରୁତି ଦେଇଥିଲୁ। ଇତିମଧ୍ୟରେ ୨ କୋଟି ମହିଳା ଖୁବ୍ କମ୍ ଦିନ ଭିତରେ ଲକ୍ଷପତି ଦିଦି ହୋଇପାରିଛନ୍ତି।

ଦେଶର କୃଷକଙ୍କ ଆର୍ଥିକ ମାନଦଣ୍ଡ ଦିନକୁ ସଶକ୍ତ ହେଉଥିବା ବେଳେ ଆଜି ଭାରତ କ୍ଷୀର, ଡାଲି ଏବଂ ପାଟ ଉତ୍ପାଦନରେ ବିଶ୍ୱରେ ଏକ ନମ୍ବର ସ୍ଥାନରେ ରହିଛି। ଏଥିସହ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଛ ଉତ୍ପାଦନକାରୀ ଦେଶ ହୋଇଥିବା ବେଳେ ଚାଉଳ, ଗହମ, ଫଳ ଓ ପନିପରିବା ଉତ୍ପାଦନରେ ମଧ୍ୟ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। ୪ ଲକ୍ଷ କୋଟି ଟଙ୍କାର କୃଷି ଉତ୍ପାଦ ରପ୍ତାନୀ ହୋଇଛି। ସେହିପରି ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ଏକ କ୍ରାନ୍ତିକାରୀ ପଦକ୍ଷେପ ହୋଇଛି। ଗତ ୧୦ ବର୍ଷରେ ଦେଶର ୨୫ କୋଟି ଲୋକ ଦାରିଦ୍ର୍ୟକୁ ପରାସ୍ତ କରି ଏକ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ପୂର୍ବ ଭାରତର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି।

# ଆସିଲେନି ରାହୁଲ୍ ଓ ଖଡଗେ

**ନୂଆଦିଲ୍ଲୀ,୧୬।୮:** ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ଲାଲକିଲ୍ଲାରେ ପତାକା ଉତ୍ତୋଳନ କରିଥିଲେ ହେଁ ଏହି ଉତ୍ସବରେ ବିରୋଧୀ ଦଳର ଦୁଇ ଜଣ ପ୍ରମୁଖ ନେତା ଉପସ୍ଥିତ ନଥିଲେ। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ୍ ଓ ଗାନ୍ଧି ଓ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଉକ୍ତ ଉତ୍ସବରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଉଭୟଙ୍କ ଅନୁପସ୍ଥିତି ନେଇ କଂଗ୍ରେସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନଥିବା ବେଳେ ଏହାକୁ ନେଇ ନାନାଦି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଗତ ବର୍ଷ ଏହି ଉତ୍ସବରେ ଆସନ ବ୍ୟବସ୍ଥାରେ ରାହୁଲ୍ ଯଥେଷ୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ତାଙ୍କ ପଦବୀ କ୍ୟାବିନେଟ୍ ପାହ୍ୟାର ହୋଇଥିଲେ ମଧ୍ୟ ତାଙ୍କୁ ପଞ୍ଚମ ଧାଡ଼ିରେ ବସିବା ସକାଶେ ଦିଆଯାଇଥିଲା। ଏହା ତାଙ୍କ ପଦର ଅପମାନ ବୋଲି ସେତେବେଳେ ରାହୁଲ୍ ମତ ବ୍ୟକ୍ତ କରିବା ସହ ତାଙ୍କର ଅସନ୍ତୋଷ ପ୍ରକାଶ କରିଥିଲେ। ଅବଶ୍ୟ ଅଲିମ୍ପିକ୍ ପଦକ ବିଜେତାଙ୍କୁ ଆଗ ସିଟ୍‌ରେ ବସିବାର ସୁଯୋଗ ଦିଆଯାଇଥିବାରୁ କେତେକ କ୍ୟାବିନେଟ୍ ମନ୍ତ୍ରୀ ମଧ୍ୟ ପଛରେ ବସିଥିବା ସେତେବେଳେ ଏହି ଦାୟିତ୍ୱରେ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଥିଲା। ତେବେ ଚଳିତ ବର୍ଷ ଦୁଇ ନେତାଙ୍କ ଅନୁପସ୍ଥିତିକୁ ବିଜେପି ପକ୍ଷରୁ ଏହାକୁ କଡ଼ା ସମାଲୋଚନା କରାଯାଇଛି। ସ୍ୱାଧୀନତା ସଂକ୍ରାନ୍ତ କୌଣସି ଜାତୀୟ ସ୍ତରର କାର୍ଯ୍ୟକ୍ରମଠାରୁ ନିଜକୁ ଦୂରେଇ ରଖି ରାହୁଲ୍ ତାଙ୍କର ପାକିସ୍ତାନ ପ୍ରତି ରହିଥିବା ଭଲ ପାଇବାକୁ ପ୍ରମାଣିତ କରିଛନ୍ତି। ମୋଦିଙ୍କୁ ବିରୋଧ କରିବାକୁ ଯାଇ ଉଭୟ ରାହୁଲ୍ ଓ ଖଡ଼୍‌ଗେ ଦେଶ ଓ ସେନାକୁ ବିରୋଧ କରିଥିବା ଶେହଜାଦ୍ ପୁନାୱାଲା ମତ ଦେଇଛନ୍ତି।




# ସୁପ୍ରିମକୋର୍ଟରେ ଖୋଲାଗଲା ଇଭିଏମ୍
## ପୁନଃଗଣନାରେ ଜିତିଲେ ପରାଜିତ ପ୍ରାର୍ଥୀ

**ନୂଆଦିଲ୍ଲୀ,୧୬।୮:** ପ୍ରଥମ ଥର ପାଇଁ ସୁପ୍ରିମ୍‌କୋର୍ଟରେ ଇଭିଏମ୍ ଖୋଲାଯାଇଥିବା ବେଳେ ଏଥିରେ ହୋଇଥିବା ପୁନଃଗଣତିରେ ପରାଜିତ ପ୍ରାର୍ଥୀ ବିଜୟୀ ହେବା ଭଳି ଘଟଣା ଦେଖିବାକୁ ମିଳିଛି। ହରିୟାଣାର ପାନିପତର ବୁଆନା ଲଖୁ ଗାଁରେ ସରପଞ୍ଚ ପଦବୀ ବିବାଦକୁ ନେଇ ସୁପ୍ରିମ୍‌କୋର୍ଟରେ ଏକ ମାମଲା ଦାଏର୍ ହୋଇଥିଲା। ଏହି ମାମଲାରେ, ସୁପ୍ରିମକୋର୍ଟ ଇଭିଏମ୍ ଓ ନିର୍ବାଚନରେ ବ୍ୟବହୃତ ଅନ୍ୟାନ୍ୟ ରେକର୍ଡ ଦାଖଲ କରିବା ସକାଶେ ସମନ କରିଥିଲେ। ପରେ ଇଭିଏମ୍‌ରେ ଥିବା ଭୋଟ୍‌ର ମଧ୍ୟ ପୁନଃଗଣନା କରାଯାଇଥିଲା। ଏହି ଗଣତି ସମୟରେ ଉଭୟ ପକ୍ଷ ଉପସ୍ଥିତ ଥିଲେ। ଏଥିସହ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓଗ୍ରାଫି ମଧ୍ୟ କରାଯାଇଥିଲା। ଏହାପରେ ଫଳାଫଳ ଘୋଷଣା କରାଯାଇଥିଲା। ଶେଷରେ ପରାଜିତ ପ୍ରାର୍ଥୀ ମୋହିତ କୁମାରଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଏପରି ଏକ ଫଳାଫଳ ବାହାରିବା ପରେ ଇଭିଏମ୍‌ର ଫଳାଫଳ ଉପରେ ରାଜନୈତିକ ଦଳ ଓ ନେତାମାନେ ସନ୍ଦେହ ପ୍ରକାଶ କରିବା ଏହି ମାମଲାରେ ବିଜେପିକୁ ଟାର୍ଗେଟ କରିଛନ୍ତି । ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ ହରିୟାଣାର ଏକ ପଞ୍ଚାୟତ ନିର୍ବାଚନରେ ଇଭିଏମ୍ ଗଣନା ସମୟରେ ଜଣେ ପ୍ରାର୍ଥୀଙ୍କୁ ଏକ ବୁଥରେ ବଳପୂର୍ବକ ହରାଇ ଦିଆଯାଇଥିଲା। କିନ୍ତୁ ପରାଜିତ ପ୍ରାର୍ଥୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ତ ବୁଥର ଇଭିଏମ୍‌ଗୁଡ଼ିକର ପୁନଃଗଣନା ହୋଇଥିଲା। ଏଥିରେ ପରାଜିତ ପ୍ରାର୍ଥୀ ବିଜୟୀ ହୋଇଥିଲେ। କିନ୍ତୁ ଇଭିଏମ୍ କୃପାରୁ ଅନ୍ୟ କିଛି ନକଲି ସରପଞ୍ଚଙ୍କୁ ସରପଞ୍ଚ ଭାବେ ନିର୍ବାଚିତ କରାଯାଇଥିଲା। ଏହା ହେଉଛି ଗୋଟିଏ ବୁଥର ଇଭିଏମ୍ ଅବସ୍ଥା।

● ପାକିସ୍ତାନରେ ବନ୍ୟାର ତାଣ୍ଡବ

# ୩୦୭ ମୃତ; ୭୪ ଘର କ୍ଷତିଗ୍ରସ୍ତ

**ଇସଲାମାବାଦ,୧୬।୮:** ପାକିସ୍ତାନର ଅନ୍ୟତମ ପ୍ରମୁଖ ରାଜ୍ୟ ଖାଇବର୍ ପଖ୍‌ତୁନ୍‌ଖ୍ୱାରେ ଗତକାଲି ଭୀଷଣ ବର୍ଷା ଓ ତଜ୍ଜନିତ ବନ୍ୟାରେ ଅଦ୍ୟାବଧି ମୋଟ ୩୦୭ ଜଣଙ୍କର ମୃତ୍ୟୁ ହୋଇସାରିଛି। ବନ୍ୟାର କରାଳ ରୂପରେ ସମଗ୍ର ରାଜ୍ୟର ୭ଟି ଜିଲ୍ଲା ବିଶେଷଭାବେ ପ୍ରଭାବିତ ହୋଇଥିବା ବେଳେ ବୁନେର୍ ଜିଲ୍ଲାରେ ସର୍ବାଧିକ ୧୮୪ ଜଣଙ୍କର ପ୍ରାଣହାନି ଘଟିଛି। ଅନ୍ୟ ପ୍ରଭାବିତ ଜିଲ୍ଲାଗୁଡ଼ିକ ହେଲା ବଜାଉର୍, ବୁନେର୍, ସ୍ୱାତ୍, ମାନସେରା, ତୋର୍‌ଘର, ବାତାଗ୍ରାମ୍। ସେହିପରି ମୃତକଙ୍କ ମଧ୍ୟରେ ୧୩ ଶିଶୁ ଥିବା ପ୍ରାଦେଶିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ପିଡିଏମ୍ଏ) ପକ୍ଷରୁ କୁହାଯାଇଛି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଲଗାଣ ବର୍ଷା ଜାରି ରହିବା ନେଇ ପୂର୍ବାନୁମାନ କରାଯାଇଥିବାରୁ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସ୍ଥିତି ଆହୁରି ସଙ୍ଗିନ ହେବା ଆଶଙ୍କା କରାଯାଉଛି। ପିଡିଏମ୍ଏ ପକ୍ଷରୁ ଜାରି ଏକ ପ୍ରାଥମିକ ରିପୋର୍ଟ ଅନୁସାରେ, ବନ୍ୟାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ୨୭୯ ଜଣ ପୁରୁଷ ଓ ୧୫ ଜଣ ମହିଳା ଅଛନ୍ତି। ଏହାଛଡ଼ା ଆହତ ହୋଇଥଇବା ୨୩ ଜଣଙ୍କ ମଧ୍ୟରେ ୧୭ ଜଣ ପୁରୁଷ, ୪ ଜଣ ମହିଳା ଓ ୨ ଜଣ ଶିଶୁ ଥିବା ମୁଖପାତ୍ର ଫୈଜି କହିଛନ୍ତି। ସେହିପରି ଦ୍ୱିତୀୟ ସର୍ବାଧିକ ପ୍ରଭାବିତ ଶାଙ୍ଗ୍‌ଲା ଜିଲ୍ଲାରେ ୩୬ ଜଣ, ମାନସେରାରେ ୨୩, ସ୍ୱାତ୍‌ରେ ୨୨, ବଜାଉରରେ ୨୧, ବାତାଗ୍ରାମ୍‌ରେ ୧୫, ଲୋୟର୍ ଡିର୍‌ରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆବୋଟାବାଦ୍‌ରେ ଗୋଟିଏ ଶିଶୁ ବୁଡ଼ିଯାଇ ପ୍ରାଣ ହରାଇଥିବା ଘଟଣା ସାମ୍ନାକୁ ଆସିଛି। ଏହାଛଡ଼ା ୭୪ଟି ଘର ପ୍ରଭାବିତ ହୋଇଥବା ବେଳେ ସେଥି ମଧ୍ୟରୁ ୧୧ଟି ମାଟିରେ ମିଶିଯାଇଛି। ଖାଇବର୍ ପଖ୍‌ତୁନ୍‌ଖ୍ୱା ମୁଖ୍ୟମନ୍ତ୍ରୀ ଅଲୀ ଅମିନ୍ ଗଣ୍ଡପୁରଙ୍କ ନିର୍ଦ୍ଦେଶ କ୍ରମେ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ରିଲିଫ୍ ଯୋଗାଣ ପାଇଁ ପାଣ୍ଠି ଯୋଗାଇ ଦିଆଯାଇଛି।

# ସୋମବାର ଭାରତ ଆସିବେ ଚୀନ୍ ବୈଦେଶିକ ମନ୍ତ୍ରୀ
## ଜୟଶଙ୍କର ଓ ଡୋଭାଲଙ୍କ ସହ କରିବେ ଆଲୋଚନା



**ନୂଆଦିଲ୍ଲୀ,୧୬।୮:** ଚୀନ୍‌ର ବୈଦେଶିକ ମନ୍ତ୍ରୀ ଓ୍ୱାଙ୍ଗ ୟି ଆସନ୍ତା ସୋମବାର ଭାରତ ଗସ୍ତରେ ଆସିବେ। ଏହି ଗସ୍ତ ସମୟରେ ସେ ସ୍ୱତନ୍ତ୍ର ପ୍ରତିନିଧି ମେକାନିଜିମ୍ ଅଧୀନରେ ସୀମା ପ୍ରସଙ୍ଗରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲଙ୍କ ସହ ଆଲୋଚନା କରିବେ। ଏନେଇ ଆଜି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ଏନ୍ଏସ୍ଏ ଶ୍ରୀ ଡୋଭାଲଙ୍କ ନିମନ୍ତ୍ରଣ କ୍ରମେ ଚୀନ୍ କମ୍ୟୁନିଷ୍ଟ ପାର୍ଟିର ପଲିଟ୍‌ବ୍ୟୁରୋ ସଦସ୍ୟ ଓ ଚୀନ୍ ବୈଦେଶିକ ମନ୍ତ୍ରୀ ଓ୍ୱାଙ୍ଗ ୟି ଆସନ୍ତା ୧୮ ଓ ୧୯ରେ ଭାରତ ଗସ୍ତରେ ରହିବେ। ଓ୍ୱାଙ୍ଗ ୟି ଭାରତ-ଚୀନ୍ ସୀମା ପ୍ରସଙ୍ଗରେ ଶ୍ରୀ ଡୋଭାଲଙ୍କ ସହ ଆଲୋଚନା କରିବେ। ଉଭୟଙ୍କୁ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନା ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ଓ୍ୱାଙ୍ଗ ୟି ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ ସୂଚନା ଜାରି କରାଯାଇଛି।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀରେ ଯୋଗଦେବା ସକାଶେ ଚୀନର ତିଆନଜିନ୍ ଗସ୍ତ କରିବେ। ଏହା ପୂର୍ବରୁ ଚୀନ୍ ବୈଦେଶିକ ମନ୍ତ୍ରୀ ଭାରତ ଗସ୍ତରେ ଆସୁଥିବାରୁ ଏହି ଗସ୍ତକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଏହା ପୂର୍ବରୁ ଶ୍ରୀ ଡୋଭାଲ ମଧ୍ୟ ଗତବର୍ଷ ଡିସେମ୍ବରରେ ଚୀନ୍ ଗସ୍ତ କରି ସେଠାରେ ଓ୍ୱାଙ୍ଗ ୟିଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ରୁଷିଆର କାଜାନରେ ଦୁଇ ଦେଶ ମଧ୍ୟରେ ଆଲୋଚନା ପୁଣି ଥରେ ଆରମ୍ଭ କରିବା ସକାଶେ ନିଷ୍ପତ୍ତି ନେବା ପରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ୨୦୨୦ ଜୁନ୍‌ରେ ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତ ଓ ଚୀନ୍ ସୈନିକଙ୍କ ମଧ୍ୟରେ ସଂଘର୍ଷ ଘଟିଥିବା ବେଳେ ଏହା ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ତିକ୍ତ କରିଥିଲା। କିନ୍ତୁ ଗତ କିଛି ମାସ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଯଥେଷ୍ଟ ସୁଧାର ଆସିଛି। ଗୋଟିଏ ପଟେ ଭାରତ ପୁଣିଥରେ ଚୀନ୍ ନାଗରିକଙ୍କୁ ପର୍ଯ୍ୟଟନ ଭିସା ପ୍ରଦାନ ଆରମ୍ଭ କରିଥିବା ବେଳେ ପୂର୍ବରୁ ମୋଦି ୨୦୧୮ରେ ଏସ୍‌ସିଓ ଶିଖର ସମ୍ମିଳନୀରେ ଯୋଗଦେବା ସକାଶେ ଚୀନ୍ ଗସ୍ତ କରିଥିଲେ। ସେହିପରି ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗ ମଧ୍ୟ ୨୦୧୯ ଅକ୍ଟୋବରରେ ଭାରତ ଗସ୍ତରେ ଆସିଥିଲେ।

● ଉପରାଷ୍ଟ୍ରପତି ନିର୍ବାଚନ

# ଆଜି ବିଜେପି ବୈଠକ, ଚୂଡ଼ାନ୍ତ ହେବେ ଏନ୍‌ଡିଏ ପ୍ରାର୍ଥୀ



**ନୂଆଦିଲ୍ଲୀ,୧୬।୮:** ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଉପରାଷ୍ଟ୍ରପତି ପଦକୁ ନେଇ ରାଜନୈତିକ ଚର୍ଚ୍ଚା ଜାରି ରହିଛି। ଶାସକ ମେଣ୍ଟ ଏନଡିଏ ଖୁବ୍‌ଶୀଘ୍ର ଏହି ପଦବୀରେ ସକାଶେ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାର ସମ୍ଭାବନା ରହିଛି। ତେବେ ଏହି ପ୍ରାର୍ଥୀ ଚୂଡ଼ାନ୍ତ କରିବା ପାଇଁ ଆସନ୍ତାକାଲି ବିଜେପି ସଂସଦୀୟ ବୋର୍ଡର ଏକ ବୈଠକ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ବିଜେଡି ଜାତୀୟ ସଭାପତି ଜେପି ନଡ୍ଡା ବୈଠକରେ ଯୋଗଦେବେ। ସେପଟେ ଆସନ୍ତା ୧୮ ତାରିଖରେ ଇଣ୍ଡି ମେଣ୍ଟର ମଧ୍ୟ ବୈଠକ ବସିବ। ଶ୍ରୀ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନ କିଏ ନେବେ, ତାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ଏଥିପାଇଁ ଆସନ୍ତା ସେପ୍ଟେମ୍ବର ୯ରେ ନିର୍ବାଚନ ଅନୁଷ୍ଠିତ ହେବ। ସୂତ୍ର ଅନୁଯାୟୀ ଖୁବଶୀଘ୍ର ଉପରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ଚୂଡ଼ାନ୍ତ କରିପାରେ ଏନ୍‌ଡିଏ। ଆସନ୍ତାକାଲି ସଂସଦୀୟ ଦଳ ବୈଠକ ବସିବ। ଉପରାଷ୍ଟ୍ରପତି ପଦ ପାଇଁ ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରେ ଏନ୍‌ଡିଏ ମେଣ୍ଟ। ବିଜେପି ସଂସଦୀୟ ବୋର୍ଡର ଏକ ବୈଠକ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହେବ। ବିଜେପି ପାଖରେ ସଂଖ୍ୟାଗରିଷ୍ଠତା ଅଧିକ ଥିବାରୁ ଦଳର ପ୍ରାର୍ଥୀ ହିଁ ଏକପ୍ରକାର ଉପରାଷ୍ଟ୍ରପତି ହେବା ନିଶ୍ଚିତ। ମୋଦି-ନଡ୍ଡା ବାଛିବେ ପ୍ରାର୍ଥୀ। ଏନ୍‌ଡିଏ ସଂସଦୀୟ ଦଳକୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି। ଏନଡିଏ ମେଣ୍ଟର ଅଂଶୀଦାର ଦଳଗୁଡ଼ିକ ଉପରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ବାଛିବାର ଅଧିକାର ପ୍ରଧାନମନ୍ତ୍ରୀ ଓ ବିଜେପି ଜାତୀୟ ସଭାପତିଙ୍କୁ ଦେଇଛନ୍ତି। ଉପରାଷ୍ଟ୍ରପତି ପଦ ପାଇଁ ଆସନ୍ତା ୨୧ ତାରିଖ ନାମାଙ୍କନ ଦାଖଲର ଶେଷ ତାରିଖ ରହିଛି।

# ବିମାନରେ ଯାନ୍ତ୍ରିକ ତ୍ରୁଟି, ବର୍ତ୍ତିଲେ ୪୮ ଯାତ୍ରୀ




**ମୁମ୍ବାଇ,୧୬।୮:** କର୍ଣ୍ଣାଟକର ବେଲଗାବୀରୁ ମୁମ୍ବାଇ ଆସୁଥିବା ଏକ ବିମାନ ଇଞ୍ଜିନରେ ଅଚାନକ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଏଥିରେ ଯାତ୍ରା କରୁଥିବା ୪୮ ଜଣ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। କିନ୍ତୁ ଉକ୍ତ ବିମାନର ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଯାତ୍ରୀମାନଙ୍କ ଜୀବନ ରକ୍ଷା ପାଇଯାଇଛି। ସେ ସୁରକ୍ଷିତ ଭାବେ ଉକ୍ତ ବିମାନଟିକୁ ବିମାନବନ୍ଦରରେ ଅବତରଣ କରାଇବାରେ ସକ୍ଷମ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ଆଜି ଉକ୍ତ ବିମାନଟି ପ୍ରାତଃ ପ୍ରାୟ ୭.୫୦ରେ ଉଡ଼ାଣ ଆରମ୍ଭ କରିଥିଲା। ଏହା ସକାଳ ୮.୫୦ରେ ମୁମ୍ବାଇରେ ପହଞ୍ଚିବାର ଥିଲା। କିନ୍ତୁ ବିମାନଟି ଅଘଟଣର ଶିକାର ହେବା ଫଳରେ ସମସ୍ତ ଯାତ୍ରୀ ଫସିଯାଇଥିଲେ। ତେବେ ଉଡ଼ାଣ ପରିଚାଳନା କରୁଥିବା କମ୍ପାନୀ ଷ୍ଟାର ଏୟାର ଅପରାହ୍ନ ସାଢ଼େ ୨ଟା ସୁଦ୍ଧା ଫସିରହିଥିବା ଯାତ୍ରୀଙ୍କ ପାଇଁ ବିକଳ୍ପ ବିମାନ ବ୍ୟବସ୍ଥା କରିଥିଲା। ଏହାପରେ ବିମାନ କମ୍ପାନୀ ପକ୍ଷରୁ କେଉଁ କାରଣ ପାଇଁ ଇଞ୍ଜିନ ବିଫଳ ହେଲା, ସେନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ପୂର୍ବରୁ ଗୁଜରାଟର ଅହମ୍ମଦାବାଦରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏହି ଦୁର୍ଘଟଣାରେ ଅତି କମରେ ୨୬୦ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଦେଶରେ ବିମାନ ଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା ଉପରେ ଅନେକ ପ୍ରଶ୍ନ ଉଠିଥିଲା।

# ଆଲୋଚନାରୁ ବାହାରିଲାନି ଯୁଦ୍ଧ ନିଷ୍କର୍ସ

- ନାଟୋ ନେତାଙ୍କ ସହ ଆଲୋଚନା କରିବେ ଟ୍ରମ୍ପ୍
- ମସ୍କୋରେ ପରବର୍ତ୍ତୀ ବୈଠକ ପାଇଁ ପୁଟିନ୍‌ଙ୍କ ପ୍ରସ୍ତାବ
- ସୋମବାର ଜେଲେନ୍‌ସ୍କିଙ୍କ ସହ ଟ୍ରମ୍ପ୍‌ଙ୍କ ଆଲୋଚନା




**ଆଲାସ୍କା,୧୬।୮:** ଦୀର୍ଘ ଅଢ଼େଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ଯେଉଁମାନେ ଭାବୁଥିଲେ, ସେମାନେ ଏବେ ନିରାଶ ହୋଇଛନ୍ତି। କାରଣ ଆଜି ଆଲାସ୍କାଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମୀର୍ ପୁଟିନଙ୍କ ମଧ୍ୟରେ ମହାବୈଠକ ଅନୁଷ୍ଠିତ ହୋଇଥିଲେ ହେଁ ଏଥିରେ ଯୁଦ୍ଧବିରତି ନେଇ କୌଣସି ନିଷ୍କର୍ସ ବାହାରିପାରିନାହିଁ। ଏହି ଦୁଇ ସୁପରପାୱାର ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ପାଖାପାଖି ଅଢ଼େଇ ଘଣ୍ଟା ଧରି ଆଲୋଚନା ହୋଇଥିଲା। ବୈଠକ ଶେଷ ହେବା ପରେ ଉଭୟ ନେତା ମିଳିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ସମୟରେ ଡିଲ ନହେବା ଯାଏ କୌଣସି ବୁଝାମଣା ହୋଇପାରିବ ନାହିଁ ବୋଲି ଶ୍ରୀ ଟ୍ରମ୍ପ ସ୍ପଷ୍ଟ କରିଥିଲେ। କିନ୍ତୁ ଆଲୋଚନା ବେଶ ଗଠନମୂଳକ ଥିଲା ଓ ଏଥିରେ ଅନେକ ପ୍ରସଙ୍ଗ ଉପରେ ସାରଗର୍ଭକ ଆଲୋଚନା ହୋଇଥିଲେ ହେଁ କୌଣସି ପୂର୍ଣ୍ଣ ବୁଝାମଣାରେ ଉଭୟ ରାଷ୍ଟ୍ରମୁଖ୍ୟ ପହଞ୍ଚିପାରିନଥିବା ଟ୍ରମ୍ପ୍ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଏହି ବୈଠକ ଅବସରରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଶାନ୍ତି ଫେରାଇ ଆଣିବା ପାଇଁ ଏକ ଉପଯୁକ୍ତ ସୁଯୋଗ ମିଳିଛି। କିନ୍ତୁ ଏଯାଏ ତାହା ହାସଲ କରାଯାଇପାରିନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଏ ସମ୍ପର୍କରେ ସେ ନାଟୋ ନେତାଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିବେ। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ମଧ୍ୟ ଫୋନରେ ବୈଠକ ବିଷୟରେ ଜଣାଇବେ ବୋଲି ମଧ୍ୟ ଟ୍ରମ୍ପ୍ କହିଛନ୍ତି।

ଅନ୍ୟପକ୍ଷରେ ପୁଟିନ କହିଛନ୍ତି ଯେ ଯୁଦ୍ଧର ଅବସାନ ହେଉ ବୋଲି ରୁଷିଆ ବି ଚାହେଁ। ୟୁକ୍ରେନ ଜନସାଧାରଣ ଆମର ଭାଇ ଭଳି। ୟୁକ୍ରେନରେ ସୁରକ୍ଷା ସୁନିଶ୍ଚିତ ହେବା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା। ଆମେ ଏହା ଉପରେ କାମ କରିବାକୁ ପ୍ରସ୍ତୁତ। ସଙ୍କଟର ସମସ୍ତ ମୂଳ କାରଣକୁ ନିଶ୍ଚିତ ଭାବେ ଦୂର କରାଯିବା ଉଚିତ୍ । ଯଦି ୨୦୨୨ରେ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହୋଇଥାନ୍ତେ, ତେବେ ରୁଷ-ୟୁକ୍ରେନ ଯୁଦ୍ଧ ହୋଇନଥାନ୍ତା ବୋଲି ପୁଟିନ କହିଛନ୍ତି। ଏଥିସହ ପରବର୍ତ୍ତୀ ବୈଠକ ମସ୍କୋରେ କରିବାକୁ ପୁଟିନ୍ ପ୍ରସ୍ତାବ ଦେଇଛନ୍ତି। ପୁଟିନ୍‌ଙ୍କ ଏପରି ପ୍ରସ୍ତାବକୁ ଯଦିଓ ଟ୍ରମ୍ପ୍ ଖାରଜ କରିନାହାନ୍ତି, କିନ୍ତୁ ଏହା ଉପରେ ଖୁବଶୀଘ୍ର ଆଲୋଚନା ହେବ ଓ ଆବଶ୍ୟକ ସ୍ଥଳେ ପୁଣିଥରେ ଉଭୟ ନେତା ପରସ୍ପର ସହ ଆଲୋଚନା ଟେବୁଲ୍‌ରେ ପହଞ୍ଚିପାରନ୍ତି ବୋଲି ମଧ୍ୟ ଟ୍ରମ୍ପ୍ କହିଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ସୋମବାର ଅପରାହ୍ନରେ ୱାଶିଂଟନ୍ ଡିସିଠାରେ ଟ୍ରମ୍ପ୍‌ଙ୍କ ସହ ଆଲୋଚନା କରିବେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି। ଏନେଇ ସେ ସୋସିଆଲ୍ ମିଡିଆରେ ସୂଚନା ଦେଇଛନ୍ତି। ଉକ୍ତ ବୈଠକରେ ସବୁକିଛି ଯୋଜନା ମୁତାବକ ହେଲେ, ପରବର୍ତ୍ତୀ ସମୟରେ ପୁଟିନ୍‌ଙ୍କ ସହ ଏକ ବୈଠକର ଆୟୋଜନ କରାଯିବ। ଉଭୟ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ବିଭୀଷିକାରେ ପୂର୍ଣ୍ଣଚ୍ଛେଦ ପକାଇବାର ଆବଶ୍ୟକତା ରହିଛି। ଏହା କେବଳ ଏକ ଶାନ୍ତି ରାଜିନାମା ମାଧ୍ୟମରେ ସମ୍ଭବ ହୋଇପାରିବ। ଦୁଇ ଦେଶ ମଧ୍ୟରେ ସାମୟିକ ଯୁଦ୍ଧବିରତି ସେତେଟା ଫାଇଦା ଦେବ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ପୂର୍ବରୁ ୱାଶିଂଟନ୍ ଡିସି ବୈଠକ ସମ୍ପର୍କରେ ଜେଲେନ୍‌ସ୍କି ମତ ଦେବା ସହ ଏଥିପାଇଁ ଟ୍ରମ୍ପ୍‌ଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିସହ ଏହି ବୈଠକ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇବାରେ ସକ୍ଷମ ହେବ ବୋଲି ମଧ୍ୟ ସେ ଆଶ କରିଛନ୍ତି।

### ସପ୍ତମ ପୁଣ୍ୟତିଥିରେ ବାଜପେୟୀଙ୍କୁ ବିଜେପିର ଶ୍ରଦ୍ଧାଞ୍ଜଳି

# ଅଟଳଜୀ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ: ମନମୋହନ

**ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ):** ମହାନ୍ ରାଷ୍ଟ୍ରପୁରୁଷ, ଦୂରଦ୍ରଷ୍ଟା, ଭାରତରତ୍ନ ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଆଜି ୭ମ ତମ ବାର୍ଷିକ ପୂଣ୍ୟତିଥିରେ ରାଜ୍ୟ ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତାଙ୍କ ସମେତ ସାରା ଓଡ଼ିଶାବାସୀ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ଭୁବନେଶ୍ୱରରେ ଏମ୍ସ ହସ୍ପିଟାଲ ପରିସରସ୍ଥିତ ବାଜପେୟୀଜିଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି।

ରାଜନୀତିର ରଣବୀର, ଶବ୍ଦର ଶିଳ୍ପୀ ଭାରତରତ୍ନ ଅଟଳଜୀ "ସଡକ କ୍ରାନ୍ତିର ଜନକ" ଭାବେ ପରିଚିତ। ଅଟଳଜୀଙ୍କ ଶାସନ କାଳରେ ଦେଶରେ ଗମନାଗମନ କ୍ଷେତ୍ରରେ ହୋଇଥିଲା ଯୁଗାନ୍ତକାରୀ ପରିବର୍ତନ। ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ହେଉ କି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଭାରତକୁ ନୂଆ ଦିଶା ଦେଇଛନ୍ତି ଅଟଳଜୀ।

ଓଡ଼ିଶାକୁ ଜାତୀୟ ରାଜପଥରେ ୧୫୦୦ କିଲୋମିଟରରୁ ୩୪୦୦ କିଲୋମିଟରରେ ପହଁଚାଇଥିଲେ। ଅଟଳଜୀ ଭାରତବର୍ଷର ଐତିହାସିକ ପରିବର୍ତନ କରିଥିଲେ। ଭାରତର ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଜୀ କେବଳ ଜଣେ ରାଜନୀତିଜ୍ଞ ନଥିଲେ ସେ ଜଣେ ଯୁଗଜନ୍ମା ଓ ରାଷ୍ଟ୍ରନୀତିଜ୍ଞ ଥିଲେ।

ଭାରତର ବିକାଶ ଅଗ୍ରଗତିକୁ ପ୍ରୋତ୍ସାହିତ କରି ବ୍ୟାପକ କ୍ଷେତ୍ରରେ ଦେଶକୁ ଏକବିଂଶ ଶତାବ୍ଦୀକୁ ଘେନି ଯିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୧୯୯୯ ମହାବାତ୍ୟା ପରେ ଓଡ଼ିଶାବାସୀଙ୍କ ଦୁର୍ଦ୍ଦୀନରେ ବାଜପେୟୀଜୀଙ୍କ ସାହାଯ୍ୟ ଓ ସମର୍ଥନ ଅବିସ୍ମରଣୀୟ।

ଗ୍ରାମ ସଡକ ଯୋଜନା, ଗାଁ ଗାଁରେ ମୋବାଇଲ ସଂଯୋଗ କରାଇବା, ଅନ୍ତୋଦୟ ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଗରୀବଙ୍କ ପାଖରେ ଅନ୍ନ ପହଞ୍ଚାଇବାରେ ସ୍ୱର୍ଗତଃ ବାଜପେୟୀଙ୍କ ଯୋଗଦାନ ଅତୁଳନୀୟ। ଭାରତବର୍ଷର ଯୁବପିଢ଼ୀ ସ୍ୱର୍ଗତଃ ଅଟଳଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ୍। ଅଟଳଜୀ ଚିର ନମସ୍ୟ ଓ ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି।



# ନୌବାଣିଜ୍ୟ ସଂଗ୍ରହାଳୟରେ ନବୀକୃତ ଇଣ୍ଡୋନେସିଆନ୍ ଗ୍ୟାଲେରୀ ଉଦ୍‌ଘାଟିତ

**ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ):** ଭାରତରେ ଇଣ୍ଡୋନେସିଆ ଗଣତନ୍ତ୍ରର ରାଷ୍ଟ୍ରଦୂତ ଇନା ହାଗ୍ନିନିଙ୍ଗଟିୟାସ କୃଷ୍ଣମୂର୍ତି ଏବଂ ଓଡ଼ିଶା ରାଜ୍ୟ ଉନ୍ନୟନ କମିଶନରତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନୁଗର୍ଗ କଟକ ମହାନଦୀ ତଟ ଯୋବ୍ରା ସ୍ଥିତ ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ ଠାରେ ନବୀକରଣ କରାଯାଇଥିବା ଇଣ୍ଡୋନେସିଆନ୍ ଗ୍ୟାଲେରୀକୁ ଗତ ଗୁରୁବାର ଉଦଘାଟନ କରିଛନ୍ତି।

ପୁନଃସଜ୍ଜିତ ଏହି ଗ୍ୟାଲେରୀରେ ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ସମୁଦ୍ର ପଥରେ ବର୍ଷ ବର୍ଷ ଧରି ପ୍ରାଚୀନ ନୌବାଣିଜ୍ୟିକ ଯାତ୍ରା ଏବଂ ସାଂସ୍କୃତିକ ସମ୍ପର୍କକୁଉପସ୍ଥାପିତ କରାଯାଇଛି ଯେଉଁଥିରେ କି ବହୁ ମୂଲ୍ୟବାନ ଆବିଷ୍କାରଗୁଡ଼ିକୁ ସ୍ଥାନିତ ହୋଇଛି। ଏହି ଗ୍ୟାଲେରୀକୁ ଅଧିକ ବିକଶିତ କରାଯାଇ ଏଥିରେ ଉତମ ଆଲୋକ ବ୍ୟବସ୍ଥା, ଉନ୍ନତ ସୂଚକ(ସାଇନେଜ) ସହ ଆକର୍ଷଣୀୟ କଳାକୃତି ସହିତ ସଂରକ୍ଷଣ ବ୍ୟବସ୍ଥା ଆଦିରେ ଅଧିକ ଉନ୍ନତିଅଣାଯାଇଛି।

ଏହି ପରିଦର୍ଶନ ସମୟରେ ଇଣ୍ଡୋନେସିଆର ମହାମହିମରାଷ୍ଟ୍ରଦୂତ ଓଡ଼ିଶାରେ ତାଙ୍କୁ ମିଳିଥିବା ସମ୍ମାନ ପ୍ରତି ଅତ୍ୟନ୍ତ ଆନନ୍ଦ ପ୍ରକାଶ କରି ନବୀକୃତ ଇଣ୍ଡୋନେସିଆ ଗ୍ୟାଲେରୀ ଓଡ଼ିଶା ଏବଂ ଇଣ୍ଡୋନେସିଆ ମଧ୍ୟରେ ଗଭୀର ସମ୍ପର୍କ ଏବଂ ଓଡ଼ିଶାର ସମୃଦ୍ଧ ଇତିହାସକୁ ଉଜ୍ଜୀବିତ କରିଛି ବୋଲି କହିଥିଲେ। ଓଡ଼ିଶା ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ, ଇଣ୍ଡୋନେସିଆ ଦୂତାବାସ ତରଫରୁ ନିରନ୍ତର ସମର୍ଥନ ପାଇଁ ପ୍ରଶଂସା କରିବା ସହିତ ଏହି ସହଯୋଗ ଓଡ଼ିଶା ଏବଂ ଇଣ୍ଡୋନେସିଆର ସାଂସ୍କୃତିକ ସମ୍ପର୍କକୁ ସୁଦୃଢ କରିଛି ବୋଲି ପ୍ରକାଶ କରିଥିଲେ। ଇଣ୍ଡୋନେସିଆ ଏବଂ ଅନ୍ୟ ଏସିଆନ୍ ଦେଶମାନଙ୍କ ସହିତ ଏଭଳି ସହଯୋଗୀ ପ୍ରୟାସରେ ମ୍ୟୁଜିୟମର ଅଧିକ ଉନ୍ନୟନମୂଳକ କାର୍ଯ୍ୟ ଓ ଆଧୁନିକୀକରଣ କରାଗଲେ ସଂଗ୍ରହାଳୟକୁ ଆସୁଥିବା ଦର୍ଶକମାନଙ୍କର ଅଭିଜ୍ଞତା ବୃଦ୍ଧି ପାଇବ ବୋଲି ଉନ୍ନୟନ ଆୟୁକ୍ତ ଆଶାବ୍ୟକ୍ତ କରିଛନ୍ତି।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ୍ ବେକାର ଯିବନାହିଁ:ବିଜେପି

**ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ):** ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଥିଲେ ସମାଜ ସଂସ୍କାରକ ତଥା ଯୋଗଜନ୍ମା। ସେ କେବଳ ବ୍ୟକ୍ତି ନଥିଲେ ଅନୁଷ୍ଠାନ ଥିଲେ। ତାଙ୍କ ବିଚାର ଧାରା ଓ କଠିନ ପରିଶ୍ରମ ସାଧାରଣ ଲୋକଙ୍କୁ ପ୍ରଭାବିତ କରିଥିଲା। ପ୍ରତିକୂଳ ପରିସ୍ଥିତି ରେ ନୂଆ ରାସ୍ତା ତିଆରି କରିପାରୁଥିଲେ। ତାଙ୍କ ବଳିଦାନ୍ ବେକାର ଯିବନାହିଁ। ହିନ୍ଦୁ ସନାତାନି ମାନେ ତାଙ୍କ ହତ୍ୟାରେ ମର୍ମାହତ, ବିଚଳିତ। ଆଜି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଙ୍କ ୧୮ ତମ ବଳିଦାନ ଦିବସ ଅବସରରେ ଗଣଦୌଡ ଅବସରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ଭୁବନେଶ୍ୱର ୟୁନିଟ ୩ ପ୍ରଦର୍ଶନୀ ପଡ଼ିଆରୁ ଗଣ ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବହୁ ସାଧୁ ସନ୍ଥ ସାମିଲ ହୋଇଥିଲେ। ସ୍ୱାମୀ ଲକ୍ଷ୍ମଣାନନ୍ଦ ନିଜ ଜୀବନ କୁ ସମାଜ ସେବା ପାଇଁ ଉତ୍ସର୍ଗ କରିଥିଲେ ତେଣୁ ତାଙ୍କରି ପଥ ଅନୁସରଣ କରି ସମସ୍ତେ ଚାଲିବା ପାଇଁ ଆହ୍ୱାନ ଦେଇଛନ୍ତି। ସମସ୍ତେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛନ୍ତି। ଗୋ ହତ୍ୟା ରୋକିବା, ଗୋ ମାତା ରକ୍ଷା କରିବା। ଶିକ୍ଷା- ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଧାରିବା। ପାନୀୟ ଜଳ ଯୋଗାଣ ଓ ଅନୁସୂଚିତ ଜାତି ଙ୍କ ଆତ୍ମ ବିଶ୍ୱାସ ଜାଗ୍ରତ କରିବା ଦିଗରେ ସେ କାମ କରୁଥିଲେ ବୋଲି କହିଛନ୍ତି ମନମୋହନ ସାମଲ।

# ଯୁବତୀଙ୍କୁ ଘରେ ରଖି ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ

**ବାରିପଦା,୧୬।୮(ସଂଚାର ବ୍ୟୁରୋ):** ଯୁବତୀଙ୍କୁ ଦୀର୍ଘ ଦିନ ଧରି ନିଜ ଘରେ ରଖି ଯୌନ ନିର୍ଯାତନା ଦେଇ ଆସୁଥିବା ନେଇ ଅଭିଯୋଗ ହୋଇଛି। ସରକାରୀ ବାବୁଙ୍କ କଳା କାରନାମା ପଦାରେ ପଡ଼ିଯିବ ସେଥିପାଇଁ ତାଙ୍କ ସ୍ତ୍ରୀ ଯୁବତୀଙ୍କୁ ଘରୁ କୁଆଡେ ଛାଡୁନଥିଲେ। ଏନେଇ ପୀଡିତା ଯୁବତୀଙ୍କ ଭଞ୍ଜପୁର ଥାନାରେ ଅଭିଯୋଗକ୍ରମେ ମାମଲା ରୁଜୁ କରାଯାଇଛି। ଏଭଳି ସାଙ୍ଘାତିକ ଅଭିଯୋଗ ଆସିଛି ବାରିପଦା ରେଡ଼ିଓ ଷ୍ଟେସନରେ ଟେକ୍ନିସିଆନ ଭାବେ କାର୍ଯ୍ୟରତ ଜଣେ ବ୍ୟକ୍ତିଙ୍କ ନାଁରେ। ଅଭିଯୋଗ ଅନୁଯାୟୀ, ଗତ ୩ ବର୍ଷ ତଳେ ମୋରଡା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଘରେ ରଖି ପାଠ ପଢ଼ାଇବା ଓ ବଡ଼ ହେବା ପରେ ଉପଯୁକ୍ତ ପାତ୍ର ଦେଖି ବିବାହ କରାଇଦେବାର ମିଛ ପ୍ରତିଶ୍ରୁତି ଦେଇ ବାବୁ ଜଣକ ପିଡ଼ିତାଙ୍କୁ ତାଙ୍କ ଘରୁ ନେଇ ଆସିଥିଲେ। ହେଲେ ନାବାଳିକାକୁ ପାଠ ପଢ଼ାଇବା ବଦଳରେ ଘରେ ଚାକରାଣୀ କରି ରଖିଥିଲେ। ଏଥିସହିତ ତାଙ୍କୁ ଯୌନ ଶୋଷଣ ମଧ୍ୟ କରୁଥିଲେ। ଏବେ ନାବାଳିକାଙ୍କୁ ୧୮ବର୍ଷ ପୁରି ସାବାଳିକା ହେଲେଣି। ଯୁବତୀ ଜଣଙ୍କ ନିର୍ଯ୍ୟାତନା ସହି ନପାରି ସେଠାରୁ ପଳାଇ ଆସି ନିଜ ଘରେ ସବୁ କଥା ପ୍ରକାଶ କରିଥିଲେ। ଯାହାକୁ ନେଇ ପରିବାର ଲୋକେ ଯୁବତୀଙ୍କୁ ନେଇ ମୋରୋଡା ଥାନାରେ ପ୍ରଥମେ ଏତଲା ଦେଇଥିଲେ। ମୋରୋଡା ପୋଲିସ ଘଟଣା ଘଟିଥିବା ବାରିପଦାର ଭଞ୍ଜପୁର ଥାନାକୁ ପଠାଇ ଦେଇଥିଲେ। ଏନେଇ ଜନୈକା ଯୁବତୀଙ୍କ ବାପାଙ୍କର ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଭଞ୍ଜପୁର ଥାନା ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଶିକ୍ଷକଙ୍କୁ ମୋହନ ସରକାର ପ୍ରତାରଣା କରନ୍ତୁ ନାହିଁ: ଭକ୍ତ

**ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ):** ବିଜେପି ସରକାର ଗଠନ କରିବା ୧୪ ମାସ ମଧ୍ୟରେ ନାରୀ ନିର୍ଯାତନା, ଅପରାଧ, ଲୋକଙ୍କ ଦୁର୍ଦ୍ଦଶା, ମିଥ୍ୟା ପ୍ରତିଶ୍ରୁତି ଆଦି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ବର୍ତମାନ ମୋହନ ସରକାରଙ୍କ ଦ୍ୱାରା ପ୍ରତାରିତ ଶିକ୍ଷକ ରାଜରାସ୍ତାରେ। ଆଜି ଦୁଇଗୋଟି ଭିନ୍ନ ଅନୁଷ୍ଠାନ ତାଙ୍କ ଦାବି ନେଇ ସଚିବାଳୟ ସମ୍ମୁଖ ମହାତ୍ମା ଗାନ୍ଧୀ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରତାରିତ ଶିକ୍ଷକ ଓ ଅଧ୍ୟାପକଙ୍କ ଦାବିମାନ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ସରକାର କର୍ପୋରେଟ ହାଉସ ଦ୍ୱାରା ପରିଚାଳିତ ସ୍କୁଲ ଓ ଶିକ୍ଷାନୁଷ୍ଠାନ ମାନଙ୍କୁ ଅଗ୍ରାଧିକାର ଦେଉଥିବା ବେଳେ ନିଜ ଶିକ୍ଷାନୁଷ୍ଠାନ ମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି। ଶିକ୍ଷକଙ୍କୁ ପେନସନ, ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡିକର ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି କରିବା ସହ ୨୦୪ ରୁ ୨୦୨୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ଛଅ ଗୋଟି ନେସନାଲ ଇନକ୍ରିମେଣ୍ଟ, ବରିଷ୍ଠତା ପ୍ରଦାନ, ନୂତନ ପେନସନ ବଦଳରେ ପୁରାତନ ପେନସନ ସ୍କିମର ପ୍ରଚଳନ, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି ଓ ଗ୍ରେଡ଼ ପେରେ ଥିବା ଅସଙ୍ଗତିକୁ ଦୂରୀକରଣ ଆଦି ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ, ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୧ ଜୁନ ୨୦୦୮ ରୁ ୧ ଜୁନ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ଅନୁଦାନ ପରିସରଭୁକ୍ତ କରନ୍ତୁ ବୋଲି ଏକମାତ୍ର ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ପ୍ରସିଦ୍ଧ ଦହିବରା ବ୍ୟବସାୟୀ ରଘୁନାଥ ସାସମଲଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ):** କଟକର ପ୍ରସିଦ୍ଧ ଦହିବରା ବ୍ୟବସାୟୀ ରଘୁନାଥ ସାସମଲଙ୍କ ବିୟୋଗ ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

ଏକ୍ସରେ କେନ୍ଦ୍ରମନ୍ତ୍ରୀ ଲେଖିଛନ୍ତି କଟକର ସୁପରିଚିତ ଚେହେରା ତଥା ପ୍ରସିଦ୍ଧ ଦହିବରା ବ୍ୟବସାୟୀ ରଘୁନାଥ ସାସମଲଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ସେ 'ରଘୁ ଦହିବରା' ନାମରେ ଲୋକପ୍ରିୟ ଥିଲେ। କଟକ ଦହିବରାକୁ ଏକ ବିଶେଷ ପରିଚୟ ଦେବାରେ ତାଙ୍କର ଭୂମିକା ଥିଲା ସ୍ୱତନ୍ତ୍ର। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି।

# ବିଜେପି ନେତ୍ରୀ ଓ ସହଯୋଗୀଙ୍କୁ ସଂଘବଦ୍ଧ ଆକ୍ରମଣ, ଜୀବନରୁ ମାରିଦେବାକୁ ଧମକ

**ଭଦ୍ରକ,୧୬।୮(ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ବାଂଶଡା ଥାନା ଅନ୍ତର୍ଗତ ଘେଂଟଶ୍ୱର ଅଞ୍ଚଳ ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି। ଅନ୍ୟ ପକ୍ଷରେ ପୁଲିସ ପ୍ରଶାସନ ଦିନକୁ ଦିନ ସ୍ଥାଣୁ ପାଲଟି ଯାଇଛି।

ଫଳରେ ଘଟଣା ଘଟିବାର ୨୪ଘଣ୍ଟା ବିତିଯାଇଥିଲେ ମଧ୍ୟ ଆସାମୀ ମାନଙ୍କୁ ଧରିବାରେ ପୁଲିସ ବିଫଳ ମଧ୍ୟ ହୋଇଛି। ପ୍ରାପ୍ତ ଖବର ରୁ ପ୍ରକାଶ ବାଲିପଦା ଗ୍ରାମର ବିଜେପି ନେତ୍ରୀ ମାଳତୀ ଲତା ସାହୁ ନିଜର ୩ ସହଯୋଗୀ ମାନଙ୍କ ସହ ଘେଂଟଶ୍ୱର ଆସୁଥିବା ବେଳେ ସେହି ଗ୍ରାମର ୪-୫ଜଣ ଅସାମାଜିକ ବ୍ୟକ୍ତି ମାନେ ସଂଘବଧ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ ମାଳତୀ ଲତା ସାହୁ ଏବଂ ତାଙ୍କ ସହଯୋଗୀ ମାନଙ୍କୁ ପ୍ରବଳ ମାଡ଼ ମାରି ଥିଲେ।

ଘଟଣା ସ୍ଥଳ ରେ ସମସ୍ତେ ମାଡ଼ ଖାଇ ତଳେ ପଡ଼ିଥିବା ବେଳେ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତି ମାନେ ଖଣ୍ଡା, ଭୁଜାଲି ବନ୍ଧୁକ ବ୍ୟବହାର କରି ଆକ୍ରମଣ କରିବା ସହ ବ୍ଲେଡ ରେ ମଧ୍ୟ ଆକ୍ରମଣ କରିବାକୁ ପଛାଇ ନଥିଲେ।

ଏହି ଆକ୍ରମଣ ରେ ମାଳତି ଲତା ସାହୁ, ପ୍ରକାଶ ବାରିକ, ଶରତ ସେନାପତି, ଭରତ ସେନାପତି ପ୍ରମୁଖ ଆକ୍ରମଣ ର ଶିକାର ହୋଇଥିଲେ। ପରେ ଏହି ଘଟଣା ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳ ବାସି ଆସି ଏମାନଙ୍କୁ ଉଦ୍ଧାର କରି ପ୍ରଥମେ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠା ଯାଇଛି। ଏ ନେଇ ବାଂଶଡା ଥାନା ରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ ପ୍ରଶାସନ ଦୀର୍ଘ ୨୪ଘଣ୍ଟା ବିତି ଯାଇଥିଲେ ମଧ୍ୟ କୌଣସି ଆସାମୀ କୁ ଗିରଫ କରିବାରେ ସଫଳ ହୋଇନାହାନ୍ତି।

# ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ ମାମଲା : ଅନ୍ୟ ୨ ଅଭିଯୁକ୍ତ ଗିରଫ

**ଜୟପୁର,୧୬।୮(ସଂଚାର ବ୍ୟୁରୋ):** ଗଞ୍ଜେଇ ଚାଲାଣ ମାମଲାରେ ଅନ୍ୟ ୨ ଅଭିଯୁକ୍ତ କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଅନକାଡେଲିର ବିରୋଜ ଲାମା ଏସିୟ, ବିରଜୁ (୨୪) ଓ ଏକଟାଗୁଡାର ଆକାଶ ଏଲିୟସ ବର୍ଷି ନାୟକ। ସୁଚନା ଅନୁଯାଇ ଗଞ୍ଜେଇ ଚାଲାଣ ହେଉଥିବା ସୁଚନା ପାଇ ଜୟପୁର ଟାଉନ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ କରି ୬ ଅଭିଯୁକ୍ତ କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇ ଚଢ଼ାଉ କରିଥିବା ସମୟରେ ଗିରଫ ଦୁଇ ଅଭିଯୁକ୍ତ ଗଞ୍ଜେଇ ମାଫିଆ ମାନଙ୍କୁ ଭୁବନେଶ୍ୱରରେ ଲୁଚାଇ ରଖିଥିଲେ। ପୋଲିସ ଚଢ଼ାଉ ସୁଚନା ପାଇ ସେ ମାନଙ୍କୁ ଖସେଇବାରେ ସହୟତା କରିଥିଲେ। ଏନେଇ ପୋଲିସ ୨ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ଇଲ୍ଲାସ ଚନ୍ଦ୍ର ରାଉତ ସୁଚନା ଦେଇଛନ୍ତି। ସୁଚନା ଅନୁଯାଇ ଅନୁଯାଇ ଗତ ମେ ୨୯ ତାରିଖ ରେ ଜୟପୁର ଟାଉନ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ହାଟପଦା ନିକଟ ହୁଣ୍ଡାଇ ସୋରୁମ ଓ ମାରୁତି ସୁଜୁକି ସୋରୁମ ପଛ ପଟେ ଏକ କାବାଡି ଦୋକାନ ନିକଟରେ ୧୦ରୁ ୧୨ ଜଣ ଦୁର୍ବୃତ ଗାଡିରେ ଗଞ୍ଜେଇ ଲୋଡ କରୁଥିଲେ। କୁଣ୍ଡା ଓ ଖୁଦ ପ୍ୟାକେଟ ସହ ଗଞ୍ଜେଇ ଲୋଡ କରୁଥିଲେ। ଚଢ଼ାଉ କରି ପୋଲିସ ୨୫୯ ପ୍ୟାକେଟରେ ୧୩୧୮ କେଜି ଗଞ୍ଜେଇ, ୧୨୦ ପ୍ୟାକେଟ କୁଣ୍ଡା ଓ ଖୁଦ, ୩ଟି ମୋବାଇଲ, ୪ ଚକିଆ ମିନି ଟ୍ରକ ଓ ୬ ଚକିଆ ଟ୍ରକକୁ ଜବତ କରିଛି। ଚଢ଼ାଉ ଦରରେ ବିକ୍ରୟ କରିବା ପାଇ ଗଞ୍ଜେଇକୁ ଟ୍ରକରେ ହାରିୟାନା କୁ ଚାଲାଣ କରୁଥିବା ପୋଲିସ ତଦନ୍ତ ଜାଣିବାକୁ ପାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦାଗୀ...

ପାଇଥିବେ, ସେମାନଙ୍କ ତାଲିକା ଅଗଷ୍ଟ ୨୫ ସୁଦ୍ଧା ପ୍ରଦାନ କରିବାକୁ କୁହାଯାଇଛି । ନିର୍ବାଚନ କମିସନଙ୍କ ଚିଠିକୁ ଆଧାର କରି ମୁଖ୍ୟ ନିର୍ବାଚନ ଅଧିକାରୀ, ସିଇଓ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି । ଯଦି କାହା ନାଁରେ କିଛି ଆପତ୍ତି ଥିବ ସେ ନେଇ କମିଶନଙ୍କୁ ଅବଗତ କରାଯାଇପାରିବ । ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ କମିସନଙ୍କ ଏହି ଚିଠି ଅନେକ ଗୁରୁତ୍ୱ ବହନ କରୁଛି ।

### ମହିଳାଙ୍କ...

ବିକାଶ ଆଡ଼କୁ ମୁହାଁଉଛେ। ହେଲେ ଆତଙ୍କବାଦ ଦେଶ ବିକାଶରେ ବାଧକ ସାଜିଛି। ଶତ୍ରୁଦେଶ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ମାତିଥିବା ବେଳେ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୁଗାନ୍ତକାରୀ ପଦକ୍ଷେପ ଶତ୍ରୁଙ୍କୁ ମୁହଁତୋଡ଼ ଜବାବ ଦେଇପାରିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ଦିଗଦର୍ଶନରେ ରାଜ୍ୟର ଚାରି ମୁଖ୍ୟ ବର୍ଗଙ୍କ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏମାନେ ହେଲେ, ମହିଳା, ଅନ୍ନଦାତା, ଗରିବ ଏବଂ ଯୁବ ବର୍ଗ। ଏହାର ରୂପାୟନ କରିବା ପାଇଁ ସରକାର ଚାରିଗୋଟି ମୁଖ୍ୟ କ୍ଷେତ୍ରକୁ ପ୍ରାଧାନ୍ୟ ଦେଇଛନ୍ତି, ଜୀବନ ଜୀବିକା, ଭିତ୍ତିଭୂମି, ସାମାଜିକ ବିକାଶ ଓ ସଶକ୍ତି କରଣ ଏବଂ ଓଡିଆ ଅସ୍ମିତା। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବା ବେଳେ କୃଷି ସହିତ ମତ୍ସ୍ୟ, ପ୍ରାଣୀପାଳନ, ଗୋ ପାଳନକୁ ଗୁରୁତ୍ୱ ଦିଆଯାଉଛି। ଏଥିସହ ବିଶାଳ ଯୁବବର୍ଗଙ୍କ ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି। ପିଏମ୍ ଓ ସିଏମ କିଷାନ ଯୋଜନାରେ ଓଡିଶାର ୫୦ ଲକ୍ଷରୁ ଅଧିକ ଚାଷୀ ଭାଇ ଭଉଣୀଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ସହାୟତା ମିଳୁଛି। ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫ କାର୍ଯ୍ୟକ୍ରମ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଏକ ନୂଆ ଇତିହାସ ସୃଷ୍ଟି କରିଛି। ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଏବଂ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସହିତ, ଏହି କାର୍ଯ୍ୟକ୍ରମ ପୂର୍ବର ସବୁ ରେକର୍ଡକୁ ଭାଙ୍ଗି ଦେଇଛି। ଆମେ ଅଧିକରୁ ଅଧିକ ସତର୍କ ରହି ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

### ୨୨୭...

ଭୁବନେଶ୍ୱର-୧ ଆରଟିଓ ୧୫, ରାଉରକେଲା ଆରଟିଓ ୧୩, କେନ୍ଦୁଝର ଆରଟିଓ ୧୨, କଟକ ଓ ଚଣ୍ଡିଖୋଲ ଆରଟିଓରେ ୯ ଲେଖାଏଁ, ଭୁବନେଶ୍ୱର-୨ ଆରଟିଓ ୮, ଗଞ୍ଜାମ ଆରଟିଓ ୭, ବଲାଙ୍ଗିର, ତାଳଚେର ଓ କେନ୍ଦ୍ରାପଡ଼ା ଆରଟିଓରେ ୬ ଲେଖାଏଁ, ଭଦ୍ରକ ଓ ସୋନପୁରରେ ୫ ଲେଖାଏଁ ଗାଡ଼ିର ଫିଟନେସ ରଦ୍ଦ କରାଯାଇଛି । ସେହିଭଳି ଢେଙ୍କାନାଳ, ଫୁଲବାଣୀ, ନୂଆପଡ଼ା, ବୌଦ୍ଧ, ଯାଜପୁର, ରାୟଗଡ଼ା ଆରଟିଓ ଓ ଖୋର୍ଦ୍ଧା ଏଆରଟିଓରେ ୪ ଲେଖାଏଁ ଗାଡ଼ିର ଫିଟନେସ ରଦ୍ଦ କରାଯାଇଛି । ଫିଟନେସ ପ୍ରମାଣପତ୍ର ରଦ୍ଦ ହୋଇଥିବା ଗାଡ଼ି ଗୁଡ଼ିକରୁ ଅନେକ ଆଦୌ ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଇ ନ ଥିଲେ ଏବଂ କିଛି ଏହାକୁ ଠିକ୍ ଭାବେ ଲଗାଇ ନ ଥିଲେ । ସେହି ଗାଡ଼ିଗୁଡ଼ିକ ପୁଣି ଫିଟନେସ ପାଇବାକୁ ନିୟମ ଅନୁଯାୟୀ ଟେପ୍ ଲଗାଇ ଆବେଦନ କରିବାକୁ କୁହାଯାଇଛି।

ମୋଟର ଯାନ ଆଇନ ଅନୁଯାୟୀ ସମସ୍ତ ବାଣିଜ୍ୟିକ ଯାନ ଗାଡ଼ିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଇବା ବାଧ୍ୟତାମୂଳକ । ଗାଡ଼ିର ପଛପଟେ ନାଲି, ଉଭୟ ପାର୍ଶ୍ୱରେ ହଳଦିଆ ଏବଂ ଆଗରେ ଧଳା ଟେପ୍ ଲଗାଯାଏ । ଏହାଦ୍ୱାରା ଅନ୍ୟ ସଡ଼କ ବ୍ୟବହାରକାରୀ ଗାଡ଼ିକୁ ଅନ୍ଧାର କିମ୍ବା କମ୍ ଆଲୁଅରେ ଦେଖିପାରନ୍ତି । ଯାହା ଦୁର୍ଘଟଣାକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ବିଶେଷକରି, ଜାତୀୟ ରାଜପଥରେ ରାତି ଓ ଭୋର୍ ସମୟରେ ଭାରୀଯାନ ଚଳାଉଥିବା ଚାଳକଙ୍କ ପାଇଁ ଅନ୍ୟ ଗାଡ଼ିର ସ୍ଥିତିକୁ ଜାଣିବାରେ ସହାୟକ ହୋଇଥାଏ। ଏହି ନିୟମକୁ କିଭଳି ସମସ୍ତ ଗାଡ଼ି ଠିକ୍ ଭାବରେ ପାଳନ କରିବେ ଏହା ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ଗୁରୁତ୍ୱ ଦେଇଛି । ଏହାସହ ସଡ଼କ ସୁରକ୍ଷାର ଅନ୍ୟ ନିୟମ ପାଳନ ଯେଭଳି ସୁନିଶ୍ଚିତ ହେବ ଏବଂ ନିୟମ ଉଲ୍ଲଙ୍ଘନ କରୁଥିବା ଗାଡ଼ି ଗୁଡ଼ିକୁ ନିୟନ୍ତ୍ରଣ କରିହେବ, ସେଥିପାଇଁ ଏଭଳି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ନିୟମିତ ଭାବରେ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

### ସମ୍ପତ୍ତି...

୧୦୩/୩(୫)ରେ ମାମଲା ରୁଜୁ ହୋଇଛି। ମୃତକଙ୍କ ମୃତ୍ୟୁକାଳୀନ ବୟାନ ରେକର୍ଡ କରାଯାଇଛି। ଦୀର୍ଘ ବର୍ଷର ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିଲା। ତେବେ ପୂର୍ବରୁ ବା ନିକଟ ଅତୀତରେ ଥାନାରେ ଏନେଇ କୌଣସି ଅଭିଯୋଗ ହୋଇନାହିଁ।

### ପାସ୍...

ଏହା ସହ ଛାତ୍ରଛାତ୍ରୀମାନେ ମୋବାଇଲ ମାଧ୍ୟମରେ ଏସଏମଏସ କରି ରେଜଲ୍ଟ ଜାଣି ପାରିବେ । ଆସନ୍ତା ସୋମବାର ଦିନ ଛାତ୍ରଛାତ୍ରୀ ମାନେ ସେମାନଙ୍କର ଡିଜିଟାଲ ସାର୍ଟିଫିକେଟ ନେଟରୁ ଡାଉନ ଲୋଡ କରିପାରିବେ । ଏକ ମାସ ପରେ ବିଦ୍ୟାଳୟରୁ ସାର୍ଟିଫିକେଟର ହାର୍ଡ କପି ଛାତ୍ରଛାତ୍ରୀମାନେ ସଂଗ୍ରହ କରିପାରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବୋର୍ଡର ସଭାପତି ଶ୍ରୀକାନ୍ତ ତାରାଇ । ଉଲ୍ଲେଖଯୋଗ୍ୟ ଯେ, ଗତ ଜୁନ ୩୦ ତାରିଖରୁ ଆରମ୍ଭ ହୋଇଥିବା ମାଟ୍ରିକ ସପ୍ଲିମେଣ୍ଟାରୀ ଓ ଓପନ ସ୍କୁଲ ପରୀକ୍ଷା ଜୁଲାଇ ୧୦ ତାରିଖରେ ଶେଷ ହୋଇଥିଲା । ଜୁଲାଇ ୧୪ ତାରିଖରୁ ଖାତା ଦେଖା ହୋଇ ୨୦ ତାରିଖ ସୁଦ୍ଧା ଖାତା ଦେଖା ଶେଷ କରିବା ସହିତ ଦୁଇ ସପ୍ତାହ ମଧ୍ୟରେ ରେଜଲ୍ଟ ପ୍ରୋସେସିଂ ହୋଇଥିଲା ।

### ୧୨ ନୂଆ...

ପଦକ୍ଷେପ ନେଇଛନ୍ତି। ଏଥି ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞାପ୍ତି ପ୍ରକାଶ ପାଇଛି। ସରକାର ସମ୍ବଲପୁର, ଅନୁଗୁଳ, ବାଲେଶ୍ୱର, ମୟୂରଭଂଜ, ରାୟଗଡ଼ା, ସୁବର୍ଣ୍ଣପୁର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏନଏସି ଗଠନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗତ ଜୁନ ମାସ ୧୧ ତାରିଖ ଦିନ କହିଥିଲେ ଯେ, ରାଜ୍ୟ ସରକାର ଖୁବ୍‌ଶୀଘ୍ର ରାଜ୍ୟବାସୀଙ୍କୁ ୧୦ରୁ ଅଧିକ ଏନ୍‌ଏସି ଏବଂ ୨ରୁ ଅଧିକ ପୌରପାଳିକା ଭେଟିଦେବେ। ଗୃହନିର୍ମାଣ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଛି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଥିଲେ ଯେ ରାଜ୍ୟରେ ନୂଆ ଏନ୍‌ଏସି ଏବଂ ଏନ୍‌ଏସିକୁ ପୌରପାଳିକାରେ ପରିଣତ କରିବା ନେଇ ଜିଲ୍ଲାପାଳମାନଙ୍କୁ ଫିଜିବିଲିଟି ରିପୋର୍ଟ ମଗାଯାଇଥିଲା। ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଆମେ ଏନ୍‌ଓସି ପାଇଁ ଏହାକୁ ପଞ୍ଚାୟତିରାଜ ବିଭାଗକୁ ପଠାଇଥିଲୁ। ପଞ୍ଚାୟତିରାଜ ବିଭାଗ ଏବେ ଏନ୍‌ଓସି ଦେଇଥିବାରୁ ଖୁବ୍‌ଶୀଘ୍ର ନୂଆ ଏନ୍‌ଏସି ଘୋଷଣା ହେବ। ସେହିପରି ଏନ୍‌ଏସିକୁ ପୌରପାଳିକାରେ ପରିଣତ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପ୍ରସ୍ତୁତି ଶେଷ ହୋଇଥିବାରୁ ଏହାକୁ ମଧ୍ୟ ଘୋଷଣା କରାଯିବ। ଏହାପରେ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ।

### ଭୁବନେଶ୍ୱର...

ମଧ୍ୟରେ ଏହି ବିମାନଟି ଭୁବନେଶ୍ୱରରୁ ଝାରସୁଗୁଡା ପହଞ୍ଚିବ। ଖୁବଶୀଘ୍ର ଏହାକୁ ଦୈନିକ ବିମାନ ସେବାରେ ମଧ୍ୟ ପରିଣତ କରାଯିବ। ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଐତିହାସିକ ପଦକ୍ଷେପ କେବଳ ପଶ୍ଚିମ ଓଡିଶାକୁ ରାଜ୍ୟର ରାଜଧାନୀ ସହିତ ନିକଟତର କରିବନି, ବରଂ ଶିଳ୍ପୋନ୍ନତି, ପର୍ଯ୍ୟଟନ ଓ ସାଂସ୍କୃତିକ ଆଦାନ-ପ୍ରଦାନକୁ ମଧ୍ୟ ଦ୍ରୁତ ଗତି ଦେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭୁବନେଶ୍ୱରରୁ ଏବେ ୪ଟି ଇଣ୍ଟରନେସ୍‌ନାଲ ଫ୍ଲାଇଟ୍ - ସିଙ୍ଗାପୁର, ବ୍ୟାଙ୍କକ, ଦୁବାଇ ଓ ଆବୁଧାବୀକୁ ଚଳାଚଳ କରୁଛି ଏବଂ ଭୁବନେଶ୍ୱର ଓ ଝାରସୁଗୁଡାରୁ ଉଭୟ ନ୍ୟାସନାଲ ଓ ଇଣ୍ଟରନ୍ୟାସନାଲକୁ ମିଶାଇ ୩୯ଟି ରୁଟ୍‌ରେ ବିମାନ ଚଳାଚଳ କରୁଛି । ଓଡିଶା ଭିତରେ ଭୁବନେଶ୍ୱରରୁ ଜୟପୁର, ରାଉରକେଲା ଓ ଉତ୍କେଲାକୁ ବିମାନ ଚଳାଚଳ କରୁଥିଲା । ଆଜି ଝାରସୁଗୁଡା ସହିତ ଭୁବନେଶ୍ୱର ଆକାଶପଥରେ ଯୋଡି ହେଲା । ଆଗାମୀ ଦିନରେ ଆହୁରି ଅଧିକ ଡୋମେଷ୍ଟିକ୍ ଓ ଇଣ୍ଟରନେସ୍‌ନାଲ ଫ୍ଲାଇଟ ଚଳାଚଳ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଭୁବନେଶ୍ୱର ବିମାନ ବନ୍ଦରରେ ଏମଆରଓ ବ୍ୟବସ୍ଥା ବିକଶିତ କରାଯିବା ପାଇଁ ଯୋଜନା ରହିଛି । ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ବ୍ୟବସ୍ଥା ପାଇଁ ଆମର ସମସ୍ତ ପଦକ୍ଷେପ ଜାରି ରହିଛି। ଆଗାମୀ କିଛି ବର୍ଷ ମଧ୍ୟରେ ଓଡିଶା ଏ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହେବ । ଏହି ବିମାନ ଶୁଭାରମ୍ଭ ଅବସରରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମତ୍ସ୍ୟ ଓ ପଶୁସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡଚଣା ବିଧାୟକ ଅମର ନାୟକ, ନିଆଳୀ ବିଧାୟକ ଛବି ମଲ୍ଲିକ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ଭୁବନେଶ୍ୱର ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଜେଡି...

ନେତା ଚୟନ ପ୍ରକ୍ରିୟା ମଧ୍ୟ ବିଳମ୍ବ ହେବାରେ ଲାଗିଛି। ମୁଣ୍ଡ ଉପରେ ଛାତ୍ର ସଂସଦ ନିର୍ବାଚନ ଥିବାବେଳେ କାହା ନେତୃତ୍ୱରେ ଦଳର ଛାତ୍ରସଂଘ ଆଗକୁ ବଢ଼ିବ, ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି । ସେହିଭଳି ବିଜୁ ଯୁବ ଜନତା ଓ ମହିଳା ଜନତାର ଅବସ୍ଥା । ଏହି ତିନି ପଦ ପାଇଁ ଦଳରେ ଦାବିଦାରଙ୍କ ସଂଖ୍ୟା ବଢ଼ିବା ବିଶେଷକରି ଦଳର ମାମଲତକାରମାନେ ନିଜ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ବସାଇବା ପାଇଁ ଜୋରଦାର ଲବି କରୁଥିବାରୁ ତାହା ମଧ୍ୟ ଦିନକୁ ଦିନ ଭିନ୍ନ ରୂପ ନେବାରେ ଲାଗିଛି ।

ପୂର୍ବରୁ ଦଳୀୟ ସଭାପତି ଚୟନ କରିବା ବିଜେଡି ବିଶେଷକରି ଦଳର ସଭାପତିଙ୍କ ପାଇଁ ଯେତେ ସହଜ ହେଉଥିଲା, ତାହା ଏବେ ଦେଖିବାକୁ ମିଳୁନାହିଁ । ନିର୍ବାଚନରେ ଦଳ ହାରିବା ପରେ ଅସନ୍ତୁଷ୍ଟଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଯେଉଁମାନଙ୍କ ପାଇଁ ଦଳ ହାରିଛି ସେମାନଙ୍କୁ ସହ୍ୟ କରିବା ଅବସ୍ଥାରେ ଅନ୍ୟମାନେ ନାହାନ୍ତି । ନିର୍ବାଚନ ପରାଜୟର ଯେଭଳି ସମୀକ୍ଷା ହେବା କଥା ତାହା ହେଲାନାହିଁ। ଅବଶ୍ୟ କିଛି ଜିଲ୍ଲାର ନେତାମାନେ ଦଳୀୟ କାର୍ଯ୍ୟାଳୟରେ ଆସି ପରସ୍ପର ବିରୁଦ୍ଧରେ ବିଷ ଓଗାଳିଥିଲେ । ଏବେ କିନ୍ତୁ ଦଳର ଜିଲ୍ଲା ସଭାପତି ଚୟନ ସରୁନଥିବାରୁ ତାହା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇବାରେ ଲାଗିଛି । ଏଭଳି ସ୍ଥିତି ଲାଗି ରହିଲେ ଦଳ କେବଳ ଦୁର୍ବଳ ହେବନାହିଁ, ଭାଗ ଭାଗ ହେବାକୁ ବେଶି ସମୟ ଲାଗିବ ନାହିଁ ବୋଲି ମତ ଦେଉଛନ୍ତି ।

### ମା' ସମଲେଇଙ୍କ...

ରାଜା ରାଜୁଡ଼ା ଅମଳରୁ ଚାଲିଆସୁଥିବା ପରମ୍ପରା ଅନୁସାରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶନିବାର ପଣ୍ଡିତମାନଙ୍କୁ ଲଗ୍ନ ନିର୍ଦ୍ଧାରଣ ନିମନ୍ତେ ନିମନ୍ତ୍ରଣ କରାଯାଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କଠାରେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ପଣ୍ଡିତ ମହେଶ୍ୱର ନାୟକ, ସୁଧାଂଶୁ ଶେଖର ପାଣିଗ୍ରାହୀ, ଅକ୍ଷୟ ପୁରୋହିତ, ବଂଶୀଧର ଶତପଥୀ, ଗିରିଜା ଶଙ୍କର ପଣ୍ଡା, ଝସକେତନ ହୋତା, ରବିନାରାୟଣ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ପ୍ରଭାକର ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାକେଶ ମିଶ୍ର, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ବୁଲୁ ପାଢ଼ୀ, ବିନୀତ ପାଣ୍ଡେ, ମନବୋଧ ପାଢ଼ୀ, ଉତ୍ତମ ରଥ, ଜିତେନ୍ଦ୍ର ନନ୍ଦ, ଆଶୁତୋଷ ପାଣିଗ୍ରାହୀ ଓ ଗୋପୀନାଥ ପଣ୍ଡା ପ୍ରମୁଖ ପଣ୍ଡିତମଣ୍ଡଳୀ ଦ୍ୱାରା ଲଗ୍ନ ଧାର୍ଯ୍ୟ ହୋଇଥିଲା।

ଏହା ପରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟର ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପ୍ରାଣରଞ୍ଜନ ପଣ୍ଡା, ପାର୍ଥସାରଥି ମିଶ୍ର, ଅମରନାଥ ସୂପକାର, ଶ୍ରୀମନ୍ତ ମିଶ୍ର, ସଞ୍ଜୟ ମିଶ୍ର, ମନୋଜ ମିଶ୍ର, ଶୁଭେନ୍ଦ୍ର ପଣ୍ଡା, ମିଲୁ ପାଣିଗ୍ରାହୀ ଓ ଅଭିଷେକ ମିଶ୍ର ପ୍ରମୁଖ ମା' ସମଲେଶ୍ୱରୀ ମନ୍ଦିରକୁ ଯାଇ ମା' ସମଲେଶ୍ୱରୀଙ୍କ ନିକଟରେ ଲଗ୍ନ ସମର୍ପଣ କରିଥିଲେ। ଏହି ଅବସରରେ ସମଲେଶ୍ୱରୀ ମନ୍ଦିରର ଟ୍ରଷ୍ଟବୋର୍ଡ ସଭାପତି ସଂଜୟ ବାବୁ, ସଦସ୍ୟ ପ୍ରଫୁଲ୍ଲ ହୋତା, ମୁଖ୍ୟ ପୂଜକ ଅମ୍ବିକା ରାୟ, ପୂଜକ ପ୍ରତାପ ରାୟ, କ୍ରିଷ୍ଣା ରାୟ ଉପସ୍ଥିତ ଥିଲେ।

# ଆଇନଗତ ସଫେଇ-ସୁରକ୍ଷିତ ସଫେଇ ଅଭିଯାନ ଆରମ୍ଭ

### ୩୧ ପର୍ଯ୍ୟନ୍ତ ଚାଲିବ

**ଭୁବନେଶ୍ୱର,୧୫।୮(ସଂଚାର ବ୍ୟୁରୋ):** ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଛି 'ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ଅଭିଯାନ। ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆରମ୍ଭ ହୋଇଛି ଏହି ୧୫ଦିନିଆ ଅଭିଯାନ। ପ୍ରମୁଖ ପରିମଳ କର୍ମୀଙ୍କ ସୁରକ୍ଷା, ସେବା ପ୍ରଦାନ ଓ ସମ୍ମାନକୁ ଗୁରୁତ୍ୱ ଦେଇ ଚାଲୁରହିଥିବା ଗରିମା କାର୍ଯ୍ୟକ୍ରମକୁ ଦୃଢ଼ କରିବା ଦିଗରେ ସରକାରଙ୍କର ଏହା ଏକ ପଦକ୍ଷେପ। ସରକାର ପ୍ରମୁଖ ପରିମଳ କର୍ମଚାରୀଙ୍କ ଆଇନଗତ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ସ୍ୱେରେଜ୍ ଓ ସେସପୁଲ ଗାଡ଼ି ପରିଚାଳନା ମାଧ୍ୟମରେ ନିଜର ଗୁଜୁରାଣ ମେଣ୍ଟାଉଥିବା ୨୦୨୦ରୁ ଚାଲୁଥିବା 'ଗରିମା'ର ନିୟମାବଳୀ ମୁତାବକ ସୁରକ୍ଷା ଉପକରଣ ତଥା ଯନ୍ତ୍ରପାତି ଉପଯୋଗ ପୂର୍ବକ କାମ କରୁଛନ୍ତି, ସେମାନଙ୍କୁ ସଚେତନ କରାଯାଉଛି। ସାଧାରଣ ଲୋକମାନଙ୍କୁ ମଧ୍ୟ ଏ ଦିଗରେ ସଚେତନ କରାଯାଉଛି। ଆଜି ଅନୁଷ୍ଠିତ ସଭାରେ ବିଏମ୍‌ସି ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ, 'ଗରିମା'ର ରାଜ୍ୟ ମୁଖ୍ୟ ରଶ୍ମିତା ପଟେଲ ମଞ୍ଚାସୀନ ଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତିଙ୍କ ଦେହାନ୍ତ

**ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୋକୁଳାନନ୍ଦ ଦାସଙ୍କର ଆଜି ପରଲୋକ ହୋଇଛି। ପ୍ରଫେସର ଦାସ ଗତ ୦୯.୧୦୧୯୯୮ରୁ ୦୮.୧୦.୨୦୦୧ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟ କରିଥିଲେ। ପ୍ରଫେସର ଦାସ ଯାଜପୁର ଜିଲ୍ଲାର ବରୀ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ।



# ଦୁର୍ଘଟଣାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଦାଦନ ରୋକିବାରେ ପ୍ରଶାସନ ବିଫଳ**

**ପରିବାର କିପରି ଚଳିବ, ସରକାରୀ ସହାୟତା ପାଇଁ ଦାବି**



**କାକଟପୁର/ଅସ୍ତରଙ୍ଗ,୧୬।୮ (ସଂଚାର ବ୍ୟୁରୋ):** ପରିବାର ପେଟ ପାଟଣା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ପରିବାର ୫ପ୍ରାଣୀ କୁଟୁମ୍ବ କିପରି ଚଳିବେ ଚିନ୍ତାରେ। ଦାଦନ ରୋକିବାରେ ପୁରୀ ଜିଲ୍ଲା ପ୍ରଶାସନ ବିଫଳ ହୋଇଛି। ପୁରୀ ଜିଲ୍ଲା କାକଟପୁର ବ୍ଲକ ନାଶିକେଶ୍ୱର ପଂଚାୟତ ସାହୁବୁଢା ଗ୍ରାମର ୪ନଂ ୱାର୍ଡର ନାଟେକଶ୍ୱର ସ୍ୱାଇଁ ଦୀର୍ଘ ୩୦ବର୍ଷ ହେବ ପରିବାର ପ୍ରତିପୋଷଣ ପାଇଁ ସୁରଟର ଏକ ସୂତା ମିଲରେ କାମ କରୁଥିଲେ। ନାଟେକଶ୍ୱର ସ୍ୱାଇଁ (୪୯)ପରିବାର ଜଣେ ମାତ୍ର ରୋଜଗାରିଆ ପୁଅ। ଆର୍ଥିକ ଅନଟନରେ ତାଙ୍କର ପରିବାର ଚଳୁଥିଲେ। ଘରେ ପତ୍ନୀ ସମେତ ୧୮ବର୍ଷରୁ କମ୍ ୪ ଟି ଝିଅ ଓ ଗୋଟେ ପୁଅ।ପରିବାର ମୁହଁରେ ଆହାର ଦେବା ପାଇଁ ଗାଁରେ କୌଣସି ସନ୍ତୋଷ ଜନକ କାମ ଧନ୍ଦା ନ ପାଇବାରୁ ବାହାର ରାଜ୍ୟ ତାମିଲନାଡୁ ଓ ସୁରଟରେ ଦାଦନ ଖଟିବାକୁ ଯିବା ପାଇଁ ସେ ବାଧ୍ୟ ହୋଇଥିଲେ।

ଗତ ଗୁରୁବାର ଦିନ କାମ ସାରି ମଧ୍ୟାହ୍ନ ଭୋଜନ ଖାଇବାକୁ ଯାଉଥିବା ବେଳେ ଦୁର୍ଘଟଣାରେ ଗୁରୁତର ହୋଇଥିବା ବେଳେ ଡକ୍ଟର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅନ୍ୟ ପଟେ ନାଟେକଶ୍ୱର ଘରକୁ ଫୋନ୍ ନକରିବାରୁ ଝିଅ ଫୋନ୍ କରିବାରୁ ଦୁର୍ଘଟଣା ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ସୂଚନା ପାଇଥିଲେ। ଅନ୍ୟପଟେ ମୃତଦେହକୁ ପୈତ୍ୟୁକ ବାସଭବନକୁ ଆଣିବାକୁ ପରିବାର ଆର୍ଥିକ ସମ୍ବଳ ନଥିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସୁରଟରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ଏ ଖବର ସାହୁବୁଢା ଅଞ୍ଚଳରେ ଜାଣିବା ପରେ ସାଙ୍ଗ, ସାଥୀ, ବନ୍ଧୁ ପରିଜନ ସହ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଦାଦନ ସମସ୍ୟା ରୋକିବାରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା କାଗଜ କଲମରେ ରହି ଯାଇଛି। ଅଞ୍ଚଳ ବହୁ ଶିକ୍ଷିତ ଯୁବକ, ଯୁବତୀ କାମ ଧନ୍ଦା ନ ପାଇ ବାଧ୍ୟ ହୋଇ ନିଜର ପରିବାର ପ୍ରତି ପୋଷଣ ପାଇଁ ରୋଜଗାର ଆଶାରେ ବିଭିନ୍ନ ରାଜ୍ୟକୁ କାମ କରିବା ସହ ନିଜ ଗୁଜୁରାଣ ମେଣ୍ଟାଇ ପରିବାର ମେଣ୍ଟାଇ ଥାଆନ୍ତି। ନାମକୁ ମାତ୍ର ସରକାରଙ୍କ ମନରେଗା ଯୋଜନା। ସବୁ ଜାଣି ଶୁଣି ମୁକବଧିର ପ୍ରଶାସନ ସେଥିପାଇଁ ଲୋକେ ବାହାର ରାଜ୍ୟକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଅସହ୍ୟ ଦାଦନ ଦୁଃଖ କିଏ ବୁଝିବ। ଏବେ ପୁଣି ଜଣେ ଦାଦନ ଖଟିବାକୁ ଯାଇ ନିଜର ଜୀବନ ହାରିଲେ। ରୋଜଗାରକ୍ଷମ ଘର ମୁରବି ତଥା ବାପାଙ୍କୁ ହରାଇ ପରିବାର ଏବେ ଚିନ୍ତାରେ ଭାଙ୍ଗି ପଡିଛନ୍ତି। କେଉଁଠୁ ଆସିବ ୫ପିଲା ସମେତ ପତ୍ନୀ ଚଳିବା ପାଇଁ ଅର୍ଥ। ସ୍ଥାନୀୟ ଗ୍ରାମବାସୀ ଦାବୀ କରିଛନ୍ତି ଏ ଘଟଣା ଗୁରୁତର ସହ ନେଇ ଅସହାୟ ପରିବାରକୁ ସାହାଯ୍ୟ କରିବାକୁ ଦାବୀ କରିଛନ୍ତି।

## ସମାଜସେବୀ ରାଜୀବ ସମ୍ବର୍ଦ୍ଧିତ



**ବ୍ରହ୍ମପୁର,୧୬।୮ (ସଂଚାର ବ୍ୟୁରୋ):** ଜନ ସେବା ଓ ପରୋପକାରୀ କାର୍ଯ୍ୟ ପାଇଁ ବ୍ରହ୍ମପୁରର ଜଣାଶୁଣା ସମାଜସେବୀ ରାଜୀବ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲା ବେଗୁନିଆପଦା ବ୍ଲକ୍ ଅନ୍ତର୍ଗତ ଅଙ୍ଗାର ଗାଁ ଠାରେ ଆୟୋଜିତ ସ୍ୱର୍ଗତ କେ. ଭାସ୍କର ପାତ୍ରଙ୍କ ଜନ୍ମ ବାର୍ଷିକୀ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇ ଆୟୋଜିତ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଏହି ଅବସରରେ ସମାଜସେବା, ସ୍ୱାସ୍ଥ୍ୟ ସେବା ଓ ପରିବେଶ ସୁରକ୍ଷାରେ ନିଜକୁ ନିୟୋଜିତ କରି ଖୁବ୍ ପ୍ରଶଂସା ସାଉଁଟିଥିବା ବ୍ରହ୍ମପୁରର ରାଜୀବଙ୍କୁ ଉପଢୌକନ ସହ ମାନ ପତ୍ର ଦେଇ ଉପସ୍ଥିତ ଅତିଥି ଗଣ ସମ୍ମାନିତ କରିଥିଲେ। ତେବେ ଏଭଳି ସମ୍ମାନ ଏହି କ୍ଷେତ୍ରରେ ଆଗକୁ କାର୍ଯ୍ୟ କରିବାକୁ ଆହୁରି ପ୍ରୋତ୍ସାହନ ଯୋଗାଇବ ବୋଲି ସେ କହିଛନ୍ତି। ପୂର୍ବରୁ ମଧ୍ୟ ବ୍ରହ୍ମପୁର ଟ୍ରେନ ଟ୍ରାଜେଡି ହେଉ କିମ୍ବା ପୁରୀ ରଥଯାତ୍ରାରେ ଲୋକଙ୍କ ସେବା ପାଇଁ ଆଗଭର ଦେଖାଇ ବେଶ ପ୍ରଶଂସା ସାଉଁଟିଛନ୍ତି ଏହି ଯୁବ ସମାଜସେବୀ।

**ଅନ୍ଧବିଶ୍ୱାସର ଅନ୍ଧ ଗଳିରୁ ବାହାରି ପାରିନି ମଣିଷ**

## ଝଡ଼ଫୁଙ୍କାର ସାହାରା, ସାପ କାମୁଡାରେ ମହିଳା ମୃତ



**କାକଟପୁର/ଅସ୍ତରଙ୍ଗ,୧୬।୮ (ସଂଚାର ବ୍ୟୁରୋ):** ଆଜି ବି ଅନ୍ଧ ବିଶ୍ୱାସ ଅନ୍ଧ ଗଳିରେ ମଣିଷ। ବିଷଧର ସାପ କାମୁଡା ଯନ୍ତ୍ରଣାରେ ଛଟପଟ ହେଉଥିବା ବ୍ୟକ୍ତିଙ୍କୁ ଡାକ୍ତରଖାନା ନ ନେଇ ମନ୍ଦିର ନେବା ପରେ ମହିଳାଙ୍କ ମୃତ୍ୟୁ ଚର୍ଚ୍ଚା ବିଷୟ ପାଲଟିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଧୀନ ବଡ଼ ନାନପଡ଼ା ଗ୍ରାମର ରବି ବେହେରାଙ୍କ ପତ୍ନୀ ମାନା ବେହେରା (୬୦) ବିଲରେ କାମ କରୁଥିବା ସମୟରେ ବିଷଧର ସର୍ପ ଦଂଶନ କରିଥିଲା। କିନ୍ତୁ ପରିବାର ଲୋକେ ସଙ୍ଗେ ସଙ୍ଗେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିବର୍ତ୍ତେ ଅନ୍ଧ ବିଶ୍ୱାସର ଅନ୍ଧ ଗଳିରେ ଏବେ ବି ଡାକ୍ତରୀ ଚିକିତ୍ସା ନୁହେଁ ଝଡ଼ ଫୁଙ୍କା ଉପରେ ବିଶ୍ୱାସ କରି ପୋଇତରା ଯାଉଥିବା ବେଳେ ଅବସ୍ଥା ଶଙ୍କଟା ପର୍ଣ୍ଣ ହେବାରୁ ବାଟରୁ ଚାରିଛକ ମେଡିକାଲ ନେଇଥିଲେ, କିନ୍ତୁ ମହିଳାଙ୍କୁ ଡକ୍ଟର ମୃତ୍ୟୁ ଘୋଷଣା କରିଥିଲେ। ଏହା ପରେ ପରିବାର ସଦସ୍ୟ ଅସ୍ତରଙ୍ଗ ଥାନାରେ ପହଂଚି ଲିଖିତ ଅଭିଯୋଗ ଦେବା ପରେ ଅସ୍ତରଙ୍ଗ ଥାନାରେ ଅପମୃତ୍ୟୁ ମାମଲା ୮/୨୫ରେ ରୁଜୁ କରି ଚାରିଛକରେ ଶବ ବ୍ୟବଛେଦ ପରେ ମହିଳାଙ୍କୁ ନିଜ ଗାଁ ସ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି।

## ବ୍ଲକସ୍ତରୀୟ ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର

**ବାଲିଅନ୍ତା,୧୬।୮ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ପ୍ରତାପ ଶାସନ ପଞ୍ଚାୟତ ଅଧୀନ ଚେତନା ମାନସ ମାନସିକ ବିକାର ଗ୍ରସ୍ତ ଆବାସିକ କେନ୍ଦ୍ର ନିକଟରେ ଆଜି ଅପରାହ୍ନରେ ସାମୂହିକ ପାଠାଗାର ଏବଂ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ନେଇ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ପ୍ରକଳ୍ପ ଦ୍ୱୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏନେଇ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୩୦ ଲକ୍ଷ, ଜିଲ୍ଲା ଖଣିଜ ପାଣ୍ଠିରୁ ୧୦୦ ଲକ୍ଷ, ମନରେଗା ଯୋଜନାରେ ୫ ଲକ୍ଷ, ୫ମ ରାଜ୍ୟ ଅର୍ଥ କମିସନ ଯୋଜନାରେ ୫ ଲକ୍ଷ ଏବଂ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ୩ ଲକ୍ଷ ମଞ୍ଜୁର ହୋଇଛି । ଶିବ ମଲ୍ଲିକ ସଭାରେ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ନିର୍ବାଚନମଣ୍ଡଳୀ ପ୍ରତିନିଧି ଚୌଧୁରୀ ଦ୍ୱାରିକା ନାଥ ଦାଶ, ସୁବାସ ଜେନା,ବସନ୍ତ ନାୟକ, ସାଂସଦ ବ୍ଲକ ପ୍ରତିନିଧି ବିଜୟ ମହାରଣା,ସିଦ୍ଧେଶ୍ୱର ନାଥ,ବିଡ଼ିଓ ରାଜଲକ୍ଷ୍ମୀ ନାଥ,ଭାରପ୍ରାପ୍ତ ତହସିଲଦାର କଳ୍ପନା ଦାଶ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିଜୟ ଲକ୍ଷ୍ମୀ ପରିଡା, ସହକାରୀ ଯନ୍ତ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ତାପସ ରଞ୍ଜନ ବିଶ୍ୱାଳ, ଦିପ୍ତିମୟୀ ପ୍ରଧାନ, ରଞ୍ଜିତ ବଳବନ୍ତରାୟ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ ।

**ଗଞ୍ଜାମ ଜିଲ୍ଲାପାଳଙ୍କ ଏମକେସିଜି ଗସ୍ତ**

## ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା



**ବ୍ରହ୍ମପୁର,୧୬।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାପାଳ ଭି କିର୍ତିଭାସନ୍ ଶନିବାର ଅଚାନକ ବ୍ରହ୍ମପୁର ଏମକେସିଜି ମେଡିକାଲ୍ ଗସ୍ତ କରିଛନ୍ତି। ଜିଲ୍ଲାପାଳଙ୍କ ସମେତ ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ବ୍ରହ୍ମପୁର ଏମକେସିଜି ମେଡିକାଲର ବିଭିନ୍ନ ୱାର୍ଡ ବୁଲି ଦେଖିଥିଲେ । ହସ୍ପିଟାଲ୍‌ର ଆଶୁ ଚିକିତ୍ସା ବିଭାଗର ବିଭିନ୍ନ ସମସ୍ୟା ସହିତ ଅବଗତ ହୋଇଥିଲେ । ଏଥିରେ ରହିଥିବା ବିଭିନ୍ନ ସମସ୍ୟାକୁ କିଭଳି ତୁରନ୍ତ ସମାଧାନ କରାଯିବ ସେନେଇ ଆଲୋଚନା କରିଥିଲେ । ନିକଟରେ ଥିବା ଡେଙ୍ଗୁ ୱାର୍ଡକୁ କିଭଳି କାଜୁଆଲିଟି ୱାର୍ଡ ଭାବେ ବ୍ୟବହାର କରାଯାଇପାରିବ ସେହି ବିଷୟ ନେଇ ହସ୍ପିଟାଲ୍ ଅଧିକ୍ଷକ ଏବଂ ଡିନ୍ ସହିତ ଆଲୋଚନା ହୋଇଥିଲା। ଲୋକଙ୍କ ସୁବିଧାକୁ ପ୍ରାଥମିକତା ଦେଇ ମେଡିକାଲ୍ ରେ ଥିବା ସ୍ୱଳ୍ପ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରିବା ସହିତ ରୋଗୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ଏବଂ ମେଡିକାଲ୍‌ରେ ଚାଲିଥିବା ଦଲାଲଗିରିକୁ ବନ୍ଦ୍ କରିବା ପାଇଁ ଏକ ଟୋଲ୍ ଫ୍ରୀ ନମ୍ବର ମେଡିକାଲ୍ ପକ୍ଷରୁ ଜାରି କରିବାକୁ ନିଷ୍ପତି ହୋଇଛି। ଏହି ଟୋଲ୍ ଫ୍ରି ନମ୍ବର ମାଧମରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ପ୍ରଶାସନକୁ ସେମାନଙ୍କ ସମସ୍ୟା ସମ୍ପର୍କରେ ନିଶୁଳ୍କ ଫୋନ ମାଧମରେ ଜଣାଇପାରିବେ। ଏହାସହିତ ହସ୍ପିଟାଲର ପରିମଳ, ରୋଗୀସେବା, ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଦେଖିବା ସହିତ ବିଭିନ୍ନ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଥିଲେ ।

ହସ୍ପିଟାଲ୍‌ର ପରିମଳ ବ୍ୟବସ୍ଥା ଦେଖି ବିରକ୍ତି ପ୍ରକାଶ କରିଥିଲେ ଜିଲ୍ଲାପାଳ । ପରିମଳ କାର୍ଯ୍ୟ ହାତକୁ ନେଇଥିବା ସଂସ୍ଥାକୁ ନୋଟିସ କରିଛି ପ୍ରଶାସନ। ତୁରନ୍ତ ସେମାନଙ୍କ ଚୁକ୍ତି ଅନୁସାରେ କାର୍ଯ୍ୟରେ ଉନ୍ନତି ନ ଆସିଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ପ୍ରଦାନ କରିଛନ୍ତି । ମେଡିକାଲ୍‌ରେ ଅଚଳ ପଡିଥିବା ବିଭିନ୍ନ ଲିଫ୍ଟକୁ କାର୍ଯ୍ୟକ୍ଷମ କରିବା ପାଇଁ କୋଠାବାଡ଼ି ଏବଂ ରାସ୍ତା ବିଭାଗ ଅଧିକାରୀ ଏବଂ ଲିଫ୍ଟ ଯୋଗାଇ ଥିବା ସଂସ୍ଥା ସହିତ ଆଲୋଚନା କରି ତୁରନ୍ତ ଲିଫ୍ଟକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତିଭାସନ। ତେବେ ସମସ୍ତ କାର୍ଯ୍ୟ ସେପ୍ଟେମ୍ବର ୧ ସୁଦ୍ଧା ଶେଷ କରି ଲୋକଙ୍କୁ କିଭଳି ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇପାରିବ ସେଥି ପ୍ରତି ଦୃଷ୍ଟି ଦେବାକୁ ଏମଜେସିଜି ମେଡିକାଲ୍ ଡିନ୍ ଏବଂ ଅଧିକ୍ଷକ ଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ଜିଲ୍ଲାପାଳ।

## ବାଲିଅନ୍ତା ପ୍ରେସ୍ କ୍ଲବରେ ସ୍ୱାଧୀନତା ଦିବସ



**ବାଲିଅନ୍ତା,୧୬।୮ (ସଂଚାର ବ୍ୟୁରୋ):** ବାଲିଅନ୍ତା ପ୍ରେସ୍ କ୍ଲବ୍ ପକ୍ଷରୁ ପ୍ରତି ବର୍ଷଭଳି ଚଳିତ ବର୍ଷ ଏକ ରକ୍ତଦାନ ଶିବିର ବାଳକାଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରର ଉଦ୍‌ଘାଟନ ଉତ୍ସବରେ ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗାୟତ୍ରୀ ମିଶ୍ର, ବରିଷ୍ଠ ସମାଜ ସାମ୍ବାଦିକ ପ୍ରତାପ ପ୍ରଧାନ,ଯୁବ ନେତା ସୁବ୍ରତ କୁମାର ମହାନ୍ତି, ଶିକ୍ଷାବିତ୍ ଡ଼ଃ ରଜନୀ ରଞ୍ଜନ ଦାସ, ଦିଲ୍ଲିପ କୁମାର ଓଝା,ଲକ୍ଷ୍ମୀଧର ପ୍ରଧାନ, ରାଜଧାନୀ ପୁସ୍ତକମେଳାର ସଂପାଦକ ବିଧୁଭୁଷଣ ପଟନାୟକ, ନିର୍ମାଣ ଏଜୁକେସନାଲ ଟ୍ରଷ୍ଟ ଅଧକ୍ଷ ଶିଦ୍ଧେଶ୍ୱର ମହାନ୍ତି, ଶିଦ୍ଧି ବିନାୟକ ଚ୍ୟାରିଟେବୁଲ୍ ଟ୍ରଷ୍ଟର ଅଧକ୍ଷ ସତ୍ୟପ୍ରିୟ ବେହେରା, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ଭୁବନେଶ୍ୱର ଓକିଲ ସଂଘର ସଂପାଦକ ଅଧିବକ୍ତା ସତ୍ୟନାରାୟଣ ସେନାପତି ,ଡ଼ାକ୍ତର ଶୁଭ୍ରଜିତ୍ ପ୍ରହରାଜ, ରୁଦ୍ର ପ୍ରସାଦ ଭଞ୍ଜ, ରଞ୍ଜନ କୁମାର ମହାପାତ୍ର, ଚୌଧୁରୀ ଦ୍ୱାରିକା ନାଥ ଦାସ, ଚକ୍ରଧର ନାୟକ, ଶିବ ମଲ୍ଲିକ, ଦିଲ୍ଲିପ ପାତ୍ର, ପ୍ରଦୀପ କୁମାର ମହାନ୍ତି, ସଂଜୀବ ସାମନ୍ତରାୟ, ବାଲିପାଟଣା ବ୍ଲକ ପୂର୍ବତନ ଅଧକ୍ଷ ଶଶିଭୂଷଣ ପାତ୍ର,ବ୍ରହ୍ମାନନ୍ଦ ସ୍ୱାଇଁ, ବିଜୟ ମହାରଣା,ଯୁବନେତା କୃଷଚନ୍ଦ୍ର ବେହେରା, ଫିରୋଜ ସାହୁ, ଦୀପକ ମଲ୍ଲିକ,ବେଣୁଧର ଭୋଇ ଓ ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ମୁନିସପାଲିଟି ହସ୍ପିଟାଲ ବ୍ଲଡ ବ୍ୟାଙ୍କ ଦ୍ୱାରା ସଂଗୃହୀତ ଏହି ରକ୍ତଦାନ ଶିବିରରେ ମୋଟ ୫୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାନ ଶିବିର, ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ବିଭିନ୍ନ ଜନ ସଚେତନତା ଭଳି କାର୍ଯ୍ୟକ୍ରମରେ ଏହି ଅନୁଷ୍ଠାନର ଉଦ୍ୟମକୁ ଅତିଥିମାନେ ଭୁରି ଭୁରି ପ୍ରଶଂସା କରିଥିଲେ।ଅନୁଷ୍ଠାନର ସଭାପତି ସୋମନାଥ ସ୍ୱାଇଁ, ମନୋଜ କୁମାର ମଣ୍ଡଳ, ନିରଞ୍ଜନ ସେନାପତି,ଭଗବାନ ନାୟକ,ନବକିଶୋର ନାୟକ, ନିଶିକାନ୍ତ ପଣ୍ଡା, ସମ୍ବାଦିକ ଜଜେଶ ବିଶ୍ୱାଳ,ଚିନ୍ମୟୀ ପାଲ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ନାଉଗାଁ ବ୍ଲକରେ ୭୯ତମ ସ୍ୱାଧୀନତା ଦିବସ ପାଳିତ



**ନାଉଗାଁ,୧୬।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ଶୁକ୍ରବାର ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଉପାଧକ୍ଷ ସୁଜିତ ପୁହାଣ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅକ୍ଷୟ ବଡୁ, ଥାନା ପରିସରରେ ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ ପତାକା ଉତ୍ତୋଳନ କରିଥିଲେ। ସେହିପରି ନାଉଗାଁସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ଗଙ୍ଗଦାହାଟସ୍ଥିତ ଶ୍ରୀଶ୍ରୀ ମଉଳା ଭଣଜା ଉଚ୍ଚ ମାଧମିକ ବିଦ୍ୟାଳୟ, ଦେବୀଦୋଳସ୍ଥିତ ମା'କୁତାମଚଣ୍ଡୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଧକ୍ଷମାନେ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟାଳୟ ସମ୍ମୁଖରେ ପତାକା ଉତ୍ତୋଳନ କରାଯାଇଥିଲା। ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟ, ଶିଶୁବିଦ୍ୟା ମନ୍ଦିର, ଗଙ୍ଗଦାହାଟସ୍ଥିତ ଶ୍ରୀ ଅଚ୍ୟୁତ ଇଂରାଜୀ ମାଧମିକ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଦିରେ ପତାକା ଉତ୍ତୋଳନ କରାଯିବା ସହ ନାଚ, ଗୀତ, କୁଇଜ ଆଦି ପ୍ରତିଯୋଗିତା କରାଯାଇଥିଲା। ସେହିପରି ବ୍ଲକରେ ଥିବା ୧୬ଟି ପଞ୍ଚାୟତ କାର୍ଯ୍ୟାଳୟ, ଶିଶୁବିକାଶ କାର୍ଯ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଆଦିରେ ପତାକା ଉତ୍ତୋଳନ କରାଯାଇଥିଲା।

## ହିଞ୍ଜିଳିର ପୁରପଲ୍ଲୀରେ ଉଡ଼ିଲା ତ୍ରିରଙ୍ଗା

**ହିଞ୍ଜିଳିକାଟୁ,୧୬।୮ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରପରିଷଦ ସମେତ ଆଖପାଖ ଅଞ୍ଚଳରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ହିଞ୍ଜିଳି ପୌରପରିଷଦ କାର୍ଯ୍ୟାଳୟରେ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇ



ପତାକା ଉତ୍ତୋଳନ କରିଥିବା ବେଳେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ, ଓଡିଶା ଆଦର୍ଶ ବିଦ୍ୟାଳୟରେ ବିଡ଼ିଓ ସାଗରୀକା ଷଡ଼ଙ୍ଗୀ, କେନ୍ଦ୍ରୀୟ ବିଦ୍ୟାଳୟରେ ଅଧ୍ୟକ୍ଷ ରଞ୍ଜନ ବେହେରା, ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ସୁରଜ ବେହେରା, ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଶ୍ରୀକାନ୍ତ ସାହୁ, ପୁଲିସ ଥାନାରେ ଆଇଆଇସି ଶ୍ରୀନିବାସ ସେଠୀ, ଜେଏମଏଫସିରେ ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକ, ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବସନ୍ତ ଆଚାରୀ, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ସିନିଅର ସୁପରଭାଇଜର ମମତା ପଣ୍ଡା, ଗାୟତ୍ରୀ ଶକ୍ତି ପୀଠରେ ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ପାଢ଼ୀ ଓ ରେଗିଡ଼ି ଅଙ୍ଗନବାଡି କେନ୍ଦ୍ରରେ ସମ୍ବାଦ ହିଞ୍ଜିଳିକାଟୁ ପ୍ରତିନିଧି ନୀଳାଞ୍ଚଳ ସାହୁ ପତକା ଉତ୍ତୋଳନ କରିଥିଲେ। ମିନି ଷ୍ଟାଡିୟମ ପରିସରରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଦ୍ୱାରା ପତାକା ଉତ୍ତୋଳନ ଓ ତ୍ରିରଙ୍ଗା ସେବା ସଂଘ ପକ୍ଷରୁ ଡା. ସନ୍ତୋଷ ଷଡ଼ଙ୍ଗୀ ଅତିଥି ରୂପେ ଯୋଗ ଦେଇ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ ।

## ସୋଆରେ ୭୯ତମ ସ୍ୱାଧୀନତା ଦିବସ ପାଳିତ



**ଭୁବନେଶ୍ୱର,୧୬।୮ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଉତ୍ସାହର ସହ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଜାତୀୟ ପତାକା ଉତୋଳନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଉତ୍ସବମୂଳକ ମାର୍ଚ୍ଚ ପାଷ୍ଟ ଏବଂ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା।

ସୋଆ କୁଳପତି ପ୍ରଦୀପ୍ତ କୁମାର ନନ୍ଦ ଜାତୀୟ ପତାକା ଉତ୍ତୋଳନ କରିବା ଅବସରରେ ଛାତ୍ରଛାତ୍ରୀମାନଙ୍କୁ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୋଗଦାନ ଦେବାକୁ ଆହ୍ୱାନ କରିଥିଲେ।

ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, କ୍ରୀଡା ଅଧିକାରୀ ସୁଶ୍ରୀ ସୁନିତା ବର୍ମା ଏବଂ ଅନ୍ୟାନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏନ୍‌ସିସିର କ୍ୟାଡେଟ୍ ଏବଂ ବିଭିନ୍ନ ପ୍ରତିଷ୍ଠାନର ଛାତ୍ରମାନେ ପରେଡରେ ଅଂଶ ଗ୍ରହଣ କରିଥିଲେ।

ଏଥିରେ ସୋଆର ପ୍ରୋ ଭାଇସ୍ ଚାନ୍ସଲେର ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍‌ର ଡିନ୍ ପ୍ରଫେସର ଅୟଶ କାନ୍ତା ମହାନ୍ତି, ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି, ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନସେସ୍ ର ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର (ଡାକ୍ତର) ରୁଚି ଭୂୟାଁ ଏବଂ ସମ୍ ନର୍ସିଂ କଲେଜର ଡିନ୍ ପ୍ରଫେସର ସସ୍ମିତା ଦାସ ଉପସ୍ଥିତ ଥିଲେ।

## ବିଜେଡି ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ




**ବ୍ରହ୍ମପୁର,୧୬।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଗଜପତି ନଗର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଦଳୀୟ ନେତା। ଏହାସହ ଦେଶକୁ ସ୍ୱାଧୀନତା ଦେବାରେ ମହାପୁରୁଷ ମାନଙ୍କ ଅବଦାନକୁ ସଭିଏଁ ମନେ ପକାଇଥିଲେ। ଏହି ଅବସରରେ ଦଳର ବରିଷ୍ଠ ନେତା ଚନ୍ଦ୍ର ଶେଖର ସାହୁ, ମେୟର ସଂଘମିତ୍ରା ଦଳେଇ, ସୁବାସ ମହାରଣାଙ୍କ ସମେତ ଜିଲ୍ଲା ବିଜେଡିର ବହୁ ହେବିୱେଟ୍ ନେତା,କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ସମାରୋହ-୨୦୨୫ ପାଳିତ




**ଖୋର୍ଦ୍ଧା,୧୬।୮ (ସଂଚାର ବ୍ୟୁରୋ):** ଜିଲ୍ଲା ସଦର ମହକୁମାର ବି.ଜେ.ବି ହାଇସ୍କୁଲ ଖେଳ ପଡ଼ିଆରେ ୭୯ତମ ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ-୨୦୨୫ ପାଳନ ହୋଇଯାଇଛି। ଜିଲ୍ଲାପାଳ ମୁଖ୍ୟ ଅତିଥି ଅମ୍ରିତ୍ ଋତୁରାଜ ସକାଳ ୦୯.୧୫ମି ସମୟରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ପ୍ୟାରେଡ୍ ପରେ ଜିଲ୍ଲାବାସୀ ଓ ଜାତି ଉଦ୍ଦେଶ୍ୟରେ ନିଜର ଉଦବୋଧନରେ ସମସ୍ତ ଖୋର୍ଦ୍ଧାବାସୀଙ୍କୁ ୭୯ତମ ପବିତ୍ର ସ୍ୱାଧିନତା ଦିବସର ସମ୍ମାନ ଓ ଶୁଭେଚ୍ଛା ପ୍ରଦାନ କରିଥିଲେ । ଏଥିସହିତ ସ୍ୱାଧୀନତା ସଂଗ୍ରାମୀଙ୍କ ଗାଥା ବର୍ଣ୍ଣନା କରିବା ସହିତ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ଏହାପରେ ମୁଖ୍ୟ ଅତିଥି ଆନ୍ତର୍ଜାତୀୟ ଖ୍ୟାତନାମା ବସ୍ତ୍ର କଳା ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ, ଆନ୍ତର୍ଜାତୀୟ କ୍ରୀଡାବିତ୍ ରିଆନ୍ ବାଶା, ହାଇସ୍କୁଲ,ସିବିଏସଇ,+୨କଳା, ବିଜ୍ଞାନ, ବାଣିଜ୍ୟ ଟପର ଯଥାକ୍ରମେ ସୌରଜିତ ପ୍ରଧାନ, ସୋମେଶ ପ୍ରଧାନ, ବିଜୟଲକ୍ଷ୍ମୀ ମାର୍ଥା, ସୁଶିଳ କୁମାର ନାୟକ, ବିଜୟଲକ୍ଷ୍ମୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିବାସହ ଚିତ୍ରାଙ୍କନ, କୌତୁକ, ବେଶ ପୋଷାକ, ଓଡିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା, ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତର କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ ।

ଉତ୍ସବରେ ମାନ୍ୟବର ବିଧାୟକ, ଖୋର୍ଦ୍ଧା ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲା ପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାନ ସିଂହ, ଆରକ୍ଷୀ ଅଧିକ୍ଷକ ସାହରିକା ନାଥ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ଗଣମାଧ୍ୟମ ପ୍ରତିନିଧିମାନେ ପ୍ୟାରେଡ଼ରେ ଉପସ୍ଥିତ ଥିଲେ।

## ଗୋପରେ ମହାସମାରୋହରେ ପାଳିତ ହେଲା ୭୯ତମ ସ୍ୱାଧୀନତା ଦିବସ

**ଗୋପ,୧୬।୮ (ସଂଚାର ବ୍ୟୁରୋ):** ୭୯ତମ ସ୍ୱାଧୀନତା ଦିବସକୁ ଗୋପ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ମହାସମାରୋହରେ ପାଳିତ ହୋଇଛି। ଗୋପ ବ୍ଲକର ଚର୍ଚ୍ଚିତ ପଞ୍ଚାୟତ ଅଣ୍ଡରା ଇଛାପୁର ପଞ୍ଚାୟତରେ ସରପଞ୍ଚ ମିନା କୁମାରୀ ମହାନ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ଦିବସ ପାଳନ ଅବସରେ ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟନାୟକ, ଉଲ୍ଲାସ କୁମାର ପ୍ରଧାନ, ଅଣ୍ଡରା ଇଛାପୁର ପୂର୍ବତନ ସରପଞ୍ଚ ଅଶ୍ୱିନୀ ପଟନାୟକ, ଆରତ ତ୍ରାଣ ପରିଡାଙ୍କ ସମେତ ଶତାଧିକ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ଗୋପ ବ୍ଲକରେ ବିଡିଓ ଛବିରାଣି ସାହୁ ବ୍ଲକ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିବା ବେଳେ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅନିଲ କୁମାର ମହାନ୍ତି, ଗୋପ ଥାନାରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ ପତାକା ଉତ୍ତୋଳନ କରିଥିଲେ। ସେହିପରି ଗୋପରେ ୭୯ ତମ ସ୍ୱାଧୀନତା ଦିବସ ବିଭିନ୍ନ ସ୍ଥାନରେ ମହାସମାରୋହରେ ପାଳିତ ହୋଇଯାଇଛି ।

## ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା

**କାକଟପୁର/ଅସ୍ତରଙ୍ଗ,୧୬।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

ସ୍ୱାଧୀନତା ଦିବସ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ସବୁଜ ଶାଖା ପରିସରରେ ବିରାଟ ଆୟୋଜନ କରାଯାଇ ଅସ୍ତରଙ୍ଗ ଅଞ୍ଚଳ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ସଭାପତି ବିଜୟ ବେହେରାଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଅସ୍ତରଙ୍ଗ ବଜାର କମିଟି ସଭାପତି ତଥା ସମାଜସେବୀ ଦୁଷ୍ମନ୍ତ ପରିଡା, ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲ୍ଲୀଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ତହସିଲିରେ ତହସିଲିଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅସ୍ତରଙ୍ଗ ଜେଏମ୍ଏଫସି କୋର୍ଟର ବିଚାରପତି ସୁଧାବାଈ ଅଗ୍ରୱାଲ, ଅସ୍ତରଙ୍ଗ ଥାନାରେ ଭାରପ୍ରାପ୍ତ ଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ମାଣ୍ଡୁକି ପଂଚାୟତରେ ସରପଞ୍ଚ ରୋଜିନା ଜେନା, ହାପି ଟ୍ୟୁଟୋରିଆଲରେ ଶିକ୍ଷାବିତି ସୁବଳ ସ୍ୱାଇଁ ଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

ଅନ୍ୟ ପଟେ ଅସ୍ତରଙ୍ଗ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ବ୍ଲକର ସମସ୍ତ ପଂଚାୟତ କାର୍ଯ୍ୟାଳୟରେ ସରପଞ୍ଚ, ବ୍ୟାଙ୍କ ଓ ବିଭିନ୍ନ କ୍ଲବରେ ପତାକା ଉତ୍ତୋଳନ କରାଯାଇଥିଲା।



ସ୍ୱାଧୀନତା ଦିବସ ଅବସରରେ ସବୁଜ ଶାଖା ତରଫରୁ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତିଛାତ୍ର ଛାତ୍ରୀଙ୍କୁ ଉପଦେଷ୍ଟା ଦିବାକର ଛାଟୋଇ, ସଭାପତି ରମାକାନ୍ତ ବସ୍ତିୟା, ପରିବେଶବିତି ସୋମ୍ୟରଂଜନ ବିଶ୍ୱାଳଙ୍କ ଉପସ୍ଥିତରେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ୫ଠରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା।

# ଦେଶାତ୍ମବୋଧ ସଙ୍ଗୀତ ଉତ୍ସବ 'ଭାରତୀୟମ୍' ଆୟୋଜିତ



**ଭୁବନେଶ୍ୱର,୧୬।୮(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପ ଠାରେ ଦେଶାତ୍ମବୋଧକ ସଂଗୀତ ଉତ୍ସବ ଭାରତୀୟମ୍ ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଉପସ୍ଥିତ ଦର୍ଶକଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଥିଲେ ଯେ, ସଙ୍ଗୀତର କୌଣସି ଭାଷା ନାହିଁ । ସଙ୍ଗୀତକୁ ଉପଭୋଗ କରିବା ପାଇଁ ସଙ୍ଗୀତ ବିଷାରଦ ହେବା ମଧ୍ୟ ଆବଶ୍ୟକତା ନାହିଁ, ତଥାପି ସମସ୍ତେ ସଙ୍ଗୀତକୁ ପ୍ରାଣଭରି ଉପଭୋଗ କରିଥାନ୍ତି।

ମୁଖ୍ୟମନ୍ତ୍ରୀ, ନୂତନ ପିଢ଼ିର କଳାକାର ଓ ସଙ୍ଗୀତଜ୍ଞମାନଙ୍କୁ ଅନୁରୋଧ କରି କହିଥିଲେ ଯେ, ଆଜି ସଙ୍ଗୀତ ଓ କଳା କ୍ଷେତ୍ରରେ ଅସୀମିତ ସୁଯୋଗ ଅଛି । କଳାକାରଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଓ ସମ୍ମାନ ମିଳୁଛି । ସଙ୍ଗୀତକାରମାନେ ଧର୍ମୀୟ ଭାବନା କିମ୍ବା କୌଣସି ଜାତି କି ସମ୍ପ୍ରଦାୟକୁ ଆଘାତ ଦେଲା ପରି ସୃଜନରୁ ନିବୃତ୍ତ ରୁହନ୍ତୁ । ମୁଖ୍ୟମନ୍ତ୍ରୀ ପ୍ରଥମେ ରବୀନ୍ଦ୍ର ମଣ୍ଡପ ପରିସରରେ ବିଭାଗ ପକ୍ଷରୁ ଆୟୋଜିତ ଘରେ ଘରେ ତ୍ରିରଙ୍ଗା ଅଭିଯାନର ଫଟୋ ଓ ଚିତ୍ରକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ବୁଲି ଦେଖିଥିଲେ । କାର୍ଯ୍ୟକ୍ରମରେ ସୁନାମଧନ୍ୟ କଣ୍ଠଶିଳ୍ପୀ କୈଳାସ ସାହୁ, ନାଜିଆ ଆଲମ୍, ସୁବାଷ ରାମ, ପଙ୍କଜ ଜାଲ୍, ସୁଶ୍ରୀ ନେହା ନିହାରିକା, ସର୍ବେଶ୍ୱର ଭୋଇ, ବିଷ୍ଣୁମୋହନ କବି, ଅର୍ଚ୍ଚନା ପାଢ଼ୀ ଓ ରୁକୁ ସୁନାଙ୍କ ଭଳି କଣ୍ଠଶିଳ୍ପୀ ଦେଶାତ୍ମବୋଧ ସଙ୍ଗୀତ ଗାନ କରି ଦର୍ଶକମାନଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାଝି, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

## 'ସ୍ୱତନ୍ତ୍ର ଓଟିଇଟି ଏବେ ସମ୍ଭବ ନୁହେଁ'

**କଟକ ୧୬।୮(ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ଓଟିଇଟି ଦ୍ୱନ୍ଦ୍ୱ ଦୂର କଲେନି ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ । ଆସନ୍ତା ୩୧ ତାରିଖରେ ସ୍ୱତନ୍ତ୍ର ଓଟିଇଟି ହେବ କି ନାହିଁ ସେ ନେଇ କୌଣସି ସ୍ପଷ୍ଟ ଉତ୍ତର ଦେଲେନି। ଆସନ୍ତା ୩୧ ତାରିଖରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି କରିବା ଏବେ ସମ୍ଭବ ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି ବୋର୍ଡ ସଭାପତି। ତେବେ ଖୁବ୍‌ଶୀଘ୍ର ପରୀକ୍ଷା ତାରିଖ ଘୋଷଣା କରିବାକୁ ସଭାପତି ପ୍ରତିଶ୍ରୁତି ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଜୁଲାଇ ୨୦ରେ ଅନୁଷ୍ଠିତ ହେବାକୁ ଥିଲା ସ୍ୱତନ୍ତ୍ର ଓଟିଇଟି । ହେଲେ ପରୀକ୍ଷାର ଠିକ୍ ପୂର୍ବ ରାତିରେ ଅପ୍ରତ୍ୟାଶିତ ଭାବରେ ବାତିଲ କରାଯାଇଥିଲା । ପ୍ରଶ୍ନପତ୍ର ଲିକ୍ ହେବା ଏଭଳି କରିବାର କାରଣ ଥିଲା। ଏମିତିରେ ଏହି ଘଟଣାର ତଦନ୍ତ ଭାର ଯାଇଥିଲା କ୍ରାଇମବ୍ରାଞ୍ଚ ହାତକୁ । କ୍ରାଇମବ୍ରାଞ୍ଚ ତଦନ୍ତ କ୍ରମେ ବୋର୍ଡ ଉପସଭାପତି ନିହାର ମହାନ୍ତି, ବୋର୍ଡ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିବା ଜିତେନ୍ ମହାରଣା, ରାୟଗଡ଼ା ଜିଲ୍ଲାର ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ ସଭାପତି ବିଜୟ ମିଶ୍ରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ ।

### ବାଜିଲା ପାର୍ବଣର ସାହାନାଇ

## ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ ଆରମ୍ଭ

**କଟକ,୧୬।୮(ସଂଚାର ବ୍ୟୁରୋ) :** ବାଜିଲା ପାର୍ବଣର ସାହାନାଇ। ଗତକାଲିଠୁ କଟକ ସହରରେ ପୂଜା କମିଟି ପକ୍ଷରୁ ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଆଜି ନନ୍ଦ ଉତ୍ସବ ଅବସରରେ ଅନେକ ପୂଜା କମିଟି ମାଟି ଅନୁକୂଳ କରିବା ପାଇଁ ଶୋଭାଯାତ୍ରାରେ ଆସି ନଦୀ କୂଳରେ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ କାଠ ଯୋଡ଼ି ଓ ମହାନଦୀ ପଠାରେ ପୂଜାର୍ଚ୍ଚନା କରି ମାଟି ସାଙ୍ଗରେ ଆଣି ପୂଜା ମଣ୍ଡପକୁ ଫେରିଛନ୍ତି । ଆଜି ବହୁ ପୂଜା ମଣ୍ଡପ ମାଟି ଅନୁକୂଳ କରିଥିବା ଜଣାପଡିଛି । ଏହା ପରେ ନଡ଼ା ବାନ୍ଧି ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି ।



# ସୁଇମିଂ ପୁଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଢେଙ୍କାନାଳ,୧୬।୮(ସଂଚାର ବ୍ୟୁରୋ):** ସତ୍ୟ ନାରାୟଣ ଇକୋ ରିସର୍ଟର ସୁଇମିଂ ପୁଲରୁ ଜଣେ ଯୁବକଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଢେଙ୍କାନାଳ ଅଗ୍ନିଶମ ସେବା କର୍ମଚାରୀ ତାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରି ନିକଟସ୍ଥ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରେ ତାଙ୍କର ମୃତଦେହକୁ ଆଠଗଡ଼ ଡାକ୍ତରଖାନାକୁ ନିଆଯାଇଛି। ସତ୍ୟ ନାରାୟଣ ଇକୋ ରିସର୍ଟର ସୁଇମିଂ ପୁଲରୁ ଜଣେ ଯୁବକଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଢେଙ୍କାନାଳ ଅଗ୍ନିଶମ ସେବା କର୍ମଚାରୀ ତାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରି ନିକଟସ୍ଥ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରେ ତାଙ୍କର ମୃତଦେହକୁ ଆଠଗଡ଼ ଡାକ୍ତରଖାନାକୁ ନିଆଯାଇଛି। ମୃତକଙ୍କ ପରିଚୟ ମିଳିଛି। ସେ ଉତ୍ତରାଖଣ୍ଡର ତେଜସ ଆହୁଜା ଓ ତାଙ୍କର ବୟସ ୨୩ ବର୍ଷ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସେ ପିକନିକ୍ ପାଇଁ ଓଡ଼ିଶା ଆସିଥିଲେ।

# ପ୍ରଫେସର ଓ ଆସୋସିଏଟ୍ ପ୍ରଫେସର ଭିସୁଟ୍‌ରୁ ନିଲମ୍ବିତ

**ବୁର୍ଲା, ୧୬।୮(ସଂଚାର ବ୍ୟୁରୋ):** ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଗୋଟିଏ ଦିନରେ ଜଣେ ପ୍ରଫେସର ଓ ଜଣେ ଆସୋସିଏଟ୍ ପ୍ରଫେସରଙ୍କୁ ନିଲମ୍ବନ କରାଯାଇଛି। ଦୁଇଟି ପୃଥକ ଘଟଣାରେ ଜଣେ ମହିଳା ସହକର୍ମୀ ଓ ଜଣେ ପିଏଚଡି ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗର ତଦନ୍ତ କରି ବିଶ୍ୱବିଦ୍ୟାଳୟ ପରିଚାଳନା ପରିଷଦ ଏହି ପଦକ୍ଷେପ ନେଇଛନ୍ତି।

ଜଣେ ଅସ୍ଥାୟୀ ମହିଳା ସହକର୍ମୀଙ୍କୁ ଅସଦାଚରଣ ଅଭିଯୋଗ ଘଟଣାରେ ପ୍ରଡକ୍ସନ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଦେବବ୍ରତ ଧୁପାଲଙ୍କୁ ନିଲମ୍ବନ କରାଯାଇଛି। ସେହିପରି ଜଣେ ପିଏଚ୍‌ଡି ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ତାଙ୍କର ଗାଇଡ ତଥା ଗଣିତ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ମହେନ୍ଦ୍ର ଜେନାଙ୍କୁ ନିଲମ୍ବନ କରାଯାଇଛି। ପୂର୍ବରୁ ଭିନ୍ନ ଭିନ୍ନ ସମୟରେ ଏହି ୨ଟି ଅଭିଯୋଗ ହୋଇଥିଲା ଓ ଏହାର ତଦନ୍ତ ଚାଲିଥିଲା। ତଦନ୍ତ ବେଳେ ଅଭିଯୁକ୍ତ ପ୍ରଫେସର ଓ ଆସୋସିଏଟ୍ ପ୍ରଫେସର ବିଶ୍ୱବିଦ୍ୟାଳୟ ପରିଚାଳନା ପରିଷଦ ସମ୍ମୁଖରେ ହାଜର ହୋଇ ନିଜ ନିଜ ପକ୍ଷ ରଖି ନଥିଲେ ବୋଲି ଜଣାପଡ଼ିଛି। ଏହି ଘଟଣା ନେଇ ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳ ସଚିବ ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି।

## ହାତୀଦାନ୍ତ ଜବତ ଘଟଣାରେ ୧୧ ଗିରଫ



**କେନ୍ଦୁଝର,୧୬।୮(ସଂଚାର ବ୍ୟୁରୋ) :** ହାତୀଦାନ୍ତ ଜବତ ଘଟଣାରେ ୧୧ଜଣ ଗିରଫ ହୋଇଛନ୍ତି । ହାତୀଦାନ୍ତ ବ୍ୟବସାୟୀଙ୍କ ବିରୋଧରେ କେନ୍ଦୁଝର ବନ ବିଭାଗର ବଡ଼ ଆକ୍ସନ। ହାତୀ ଦାନ୍ତ ରଖିବା, ତସ୍କରୀ ଆଦି ମାମଲାରେ ଏମାନଙ୍କୁ ଗିରଫ କରାଯାଇଥିବା ପ୍ରେସ ମିଟରେ କହିଛନ୍ତି କେନ୍ଦୁଝର ଡିଏଫଓ ଧନରାଜ ଏଚଡି । ଅଗଷ୍ଟ ୮ତାରିଖରେ ୪ଟି ହାତୀଦାନ୍ତ ଜବତ କରି ଏଥିରେ ସଂପୃକ୍ତ ୫ଜଣଙ୍କୁ ଗିରଫ କରିଥିଲା ବନ ବିଭାଗ । ପରେ ୧୧ ତାରିଖରେ ଆଉ ୩ଜଣଙ୍କୁ ଗିରଫ କରାଯାଇଥିଲା । ଗତକାଲି ଆଉ ଆଉ ୩ ଜଣଙ୍କୁ ଗିରଫ କରିଛି ବନ ବିଭାଗ। ହାତୀଦାନ୍ତ ଜବତ ଓ ତସ୍କରୀ ମାମଲାରେ ବନ ବିଭାଗକୁ ବହୁ ମୂଲ୍ୟବାନ ତଥ୍ୟ ମିଳିଛି। ଏଥିରେ ପଡ଼ୋଶୀ ଜିଲ୍ଲାର କିଛି ବ୍ୟକ୍ତି ସମ୍ପୃକ୍ତ ଥିବା ଜଣାପଡ଼ିଛି। ଢ଼େରି ଗାଁରୁ ୨ଟି ହାତୀଦାନ୍ତ ଜବତ ଘଟଣାରେ ଗିରଫଙ୍କୁ ନେଇ ସିନ୍ ରିକ୍ରିଏସନ୍ କରିଛି ବନ ବିଭାଗ। ଖୁବ ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି ଡିଏଫଓ ।

## ଶ୍ରୀମନ୍ଦିର ଉପରକୁ ଚଢୁଥିବା ବ୍ୟକ୍ତି ଅଟକ

● ସିଂହଦ୍ୱାର ପୁଲିସର ପଚରାଉଚରା



**ପୁରୀ,୧୬।୮(ସଂଚାର ବ୍ୟୁରୋ) :** ଶ୍ରୀମନ୍ଦିର ଉପରକୁ ଚଢିବାକୁ ଉଦ୍ୟମ କରୁଥିବା ବ୍ୟକ୍ତି ଅଟକ ରହିଛି । ବେହରଣ ଦ୍ୱାର ପଟରୁ ପ୍ରାୟ ୫ ରୁ ୭ ଫୁଟ୍ ଚଢ଼ି ସାରିଥିବା ବେଳେ ଜଗନ୍ନାଥ ମନ୍ଦିର ପୁଲିସ ହାତରେ ସେ ଧରାପଡିଥିଲେ । ପରେ ତାଙ୍କୁ ସିଂହଦ୍ୱାର ପୁଲିସ ଜିମା ଦିଆଯାଇଛି । ଉକ୍ତ ବ୍ୟକ୍ତି ଜଣକ ବିହାରର ବୋଲି ଜଣାପଡ଼ିଛି । ଦକ୍ଷିଣ ଘର ବାଟରେ ବ୍ୟକ୍ତି ଜଣକ ଉପରକୁ ଚଢ଼ିବାକୁ ଚେଷ୍ଟା କରିଥିଲେ । ବ୍ୟକ୍ତି ଜଣଙ୍କର ମାନସିକ ସ୍ଥିତି ଠିକ୍ ନଥିବା କୁହାଯାଉଛି । ସିଂହଦ୍ୱାର ପୁଲିସ ଏନେଇ ଅଧିକ ଛାନ୍ ଭିନ କରୁଛି । ପୂର୍ବରୁ ଗଞ୍ଜାମର ଜଣେ ବ୍ୟକ୍ତି ମନ୍ଦିର ଅଁଳା ବେଢ଼ା ଉପରକୁ ଚଢ଼ି ସୁରକ୍ଷାକୁ ଚ୍ୟାଲେଞ୍ଜ ଦେଇଥିଲେ । ତେବେ ବ୍ୟକ୍ତି ଜଣଙ୍କୁ ଅଧିକ ପଚରାଉଚରା ପରେ ସବୁକିଛି ସ୍ପଷ୍ଟ ହେବ ।

## ଅସ୍ତରଙ୍ଗ ଥାନା ଆଇଆଇସି ସସ୍‌ପେଣ୍ଡ



**କାକଟପୁର,୧୬।୮(ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଆଇଆଇସି ସସପେଣ୍ଡ । ଦୁର୍ନୀତିରେ ସଂପୃକ୍ତି ଅଭିଯୋଗରେ ଆଇଆଇସି ରାଜେଶ ବଳିଆରସିଂଙ୍କୁ ସସପେଣ୍ଡ କଲେ ପୋଲିସ ଡିଜି ୱାଇ. ବି ଖୁରାନିଆ । କୋରାପୁଟ ଜିଲ୍ଲା ଜୟପୁର ଥାନାରେ ସେ ସବ ଇନିସ୍ପେକ୍ଟର ଥିବା ବେଳେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା । ପରବର୍ତ୍ତୀ ସମୟରେ ସେ ଅସ୍ତରଙ୍ଗ ଆଇଆଇସି ଭାବେ ନିଯୁକ୍ତ ହୋଇଥିଲେ । ତଦନ୍ତ ରିପୋର୍ଟ ରାଜେଶଙ୍କ ବିରୋଧରେ ଆସିବା ପରେ ପୋଲିସ ଡିଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

## ପିକ୍‌ଅପ୍ ଭ୍ୟାନ୍ ଓଲଟି ୨ ମୃତ



**ରାଉରକେଲା, ୧୬।୮(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ଚାନ୍ଦିପୋଷ ଥାନା ବିରତୋଲା ପଥପ୍ରାନ୍ତ ବିଶ୍ରାମ ଗୃହ ସମ୍ମୁଖରେ ୧୪୩ ନମ୍ବର ଜାତୀୟ ରାଜପଥରେ ଏକ ଟାଇଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିବାରୁ ଡାଲାରେ ବସିଥିବା ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଗାଡ଼ି ଚାଳକ ଗୁରୁତର ଆହତ ହୋଇଛନ୍ତି। ଏହି ଗାଡ଼ିଟି ରାଉରକେଲାରୁ ବଣାଇ ଅଭିମୁଖେ ଯାଉଥିବା ବେଳେ ବିରତୋଳା ପଥପ୍ରାନ୍ତ ବିଶ୍ରାମ ଗୃହ ସମ୍ମୁଖରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଶ୍ରମିକ ଦ୍ୱୟଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଡ୍ରାଇଭରଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କୁ ମାଡ଼



**କୋରାପୁଟ,୧୮।୮(ସଂଚାର ବ୍ୟୁରୋ):** ଜୟପୁର କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କୁ ମାଡ଼ । ଗତ ୧୪ ତାରିଖ ରାତିରେ କୋରାପୁଟ ବସଷ୍ଟାଣ୍ଡ ଠାରେ ଜଣେ ବ୍ୟକ୍ତି ତାଙ୍କୁ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି । ବସଷ୍ଟାଣ୍ଡରେ ମସାଲ ଶୋଭାଯାତ୍ରାବେଳେ ମାଡ଼ ମାରିଥିଲେ କୃଷ୍ଣ କୁଳଦୀପ। ଏନେଇ ବିଧାୟକ ତାରା ବାହିନୀପତିଙ୍କ ପିଏସଓ ଥାନାରେ କୃଷ୍ଣ କୁଳଦୀପଙ୍କ ନାଁରେ ଏତଲା ଦେଇଛନ୍ତି ।

ଅନ୍ୟପକ୍ଷରେ କୃଷ୍ଣ କୁଳଦୀପ ମଧ୍ୟ ଥାନାରେ ତାରା ପ୍ରସାଦ ବାହିନୀପତି ଓ ତାଙ୍କ ଦୁଇ ଭାଇ ଟୁନା ବାହିନୀପତି ଏବଂ ଭଗବାନ ବାହିନୀପତିଙ୍କ ନାମରେ ପାଲଟା ଏତଲା ଦେଇଛନ୍ତି। କୃଷ୍ଣ କୁଳଦୀପ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତିଯେ, ତାରା ବାହିନୀପତି ଓ ତାଙ୍କ ୨ ଭାଇ ମତେ ମାରିବାକୁ ଷଡ଼ଯନ୍ତ୍ର କରିଥିଲେ । ସେ ବିଷୟରେ ବୁଝିବାକୁ ଯିବାବେଳେ ତାରାବାହିନୀପତିଙ୍କ ଲୋକମାନେ ମତେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦେବା ସହ ନିସ୍ଥୁକ ମାଡ଼ ମାରିଥିଲେ। ଏନେଇ ତାରାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ସୋସିଆଲ ମିଡିଆରେ ଏହି ଭିଡିଓ ଏବେ ଭାଇରାଲ ହେବାର ଲାଗିଛି । ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ସର୍ପାଘାତରେ ସ୍ୱାମୀଙ୍କ ମୃତ୍ୟୁ ପରେ ବିଷ ପିଇଲେ ସ୍ତ୍ରୀ

**ନିଆଳି, ୧୬।୮(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଆଳି ଥାନା ଏକବେରୁଆଁ ଗାଁରେ ସର୍ପାଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ବିଷ ପିଇ ଦେଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ବ୍ୟକ୍ତିଙ୍କ ନାଁ ସୁରେନ୍ଦ୍ର ସ୍ୱାଇଁ। ସେ ବିଲକୁ ବାଇଗଣ ତୋଳିବାକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସେ ସଙ୍ଗେ ସଙ୍ଗେ ଘରକୁ ଫେରି ଆସି ସାପ କାମୁଡ଼ିଥିବା କଥା କହିଥିଲେ। ତାଙ୍କୁ ନିକଟସ୍ଥ ଜଗତସିଂହପୁର ମେଡିକାଲକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ଖବର ପାଇବା ପରେ ତାଙ୍କ ପତ୍ନୀ ଲତା ସ୍ୱାଇଁ ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଘରେ ତାଙ୍କର ଏକମାତ୍ର ଦିବ୍ୟାଙ୍ଗ ପୁଅ ଥିବା ଜଣାପଡ଼ିଛି। ୨୦୨୩-୨୪ରେ ସାପ କାମୁଡ଼ାରେ ରାଜ୍ୟରେ ୧୧୫୦ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ୨୦୨୪-୨୫ରେ ୭୦୯ ଜଣଙ୍କ ଜୀବନ ଯାଇଛି। ରାଜ୍ୟ ସରକାର ସର୍ପାଘାତ ଜନିତ ମୃତ୍ୟୁକୁ ବିପର୍ଯ୍ୟୟ ବୋଲି ଘୋଷଣା କରିଛନ୍ତି।

# ତ୍ରିରଙ୍ଗା ହେଉଛି ଭାରତର ଏକତା, ବିବିଧତା ଓ ଗର୍ବର ପ୍ରତୀକ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬।୮(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୭୯ତମ 'ସ୍ୱାଧୀନତା ଦିବସ' ଅବସରରେ ତାଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନ ପରିସରରେ ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କ ସହ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି ।

ଏହି ଅବସରରେ ସେ କହିଛନ୍ତି ଯେ, ତ୍ରିରଙ୍ଗା ହେଉଛି ଭାରତର ଏକତା, ବିବିଧତା ଏବଂ ଗର୍ବର ଏକ ଜୀବନ୍ତ ପ୍ରତୀକ। ଆମର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଦ୍ୱାରା ଦିଆଯାଇଥିବା ବଳିଦାନକୁ ମନେ ରଖିବା ଏବଂ ଏକ ସମୃଦ୍ଧ, ସର୍ବଶ୍ରେଷ୍ଠ ଏବଂ ଆତ୍ମନିର୍ଭର ଭାରତ ଗଠନ କରିବାର ପ୍ରତିଜ୍ଞା ନେବା ପାଇଁ ସେ ଆହ୍ୱାନ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ପ୍ରଧାନ ଲାଲକିଲ୍ଲାରେ ସ୍ୱାଧୀନତା ଦିବସର ସ୍ୱତନ୍ତ୍ର ଉତ୍ସବରେ ସାମିଲ ହେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିଭାଷଣକୁ ଶୁଣିବା ସହ ପ୍ରଶଂସା କରିଥିଲେ ।

ସେ କହିଥିଲେ ସ୍ୱାଧୀନତା ଦିବସର ଐତିହାସିକ ଅବସରରେ ଲାଲକିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶକ୍ତିଶାଳୀ ଭାଷଣ 'ବିକଶିତ ଭାରତ ୨୦୪୭' ପ୍ରତି ୧୪୦ କୋଟି ଭାରତୀୟଙ୍କ ଅଗାଢ଼ ବିଶ୍ୱାସ ଏବଂ ଦୃଢ଼ ସଂକଳ୍ପକୁ ଆହୁରି ମଜଭୂତ୍ କରିଛି । ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା, ଜାତୀୟ ଭୂତଳ ଜଳ ଅନୁସନ୍ଧାନ ମିଶନ, ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର, ହାଇ ପାୱାର ଡେମୋଗ୍ରାଫି ମିଶନ, ୨୦୪୭ ପର୍ଯ୍ୟନ୍ତ ୧୦ ଟ୍ରିଲିୟନ ଡଲାର ଅର୍ଥନୀତି ପାଇଁ ରିଫର୍ମ ଟ୍ୟାସ୍କ ଫୋର୍ସ ଭଳି ଗୁରୁତ୍ୱପୂର୍ଣ୍ଣ ଘୋଷଣା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେହିପରି ସ୍ୱଦେଶୀ ସେମିକଣ୍ଡକ୍ଟର ଚିପ, ମେଡ୍ ଇନ୍ ଇଣ୍ଡିଆ ଜେଟ୍ ଇଞ୍ଜିନର ଆହ୍ୱାନରୁ ଆରମ୍ଭ କରି ଭୋକାଲ୍ ଫର୍ ଲୋକାଲକୁ ସମର୍ଥନ କରିବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରେରଣାଦାୟୀ ଭାଷଣ ସମସ୍ତ ଦେଶବାସୀଙ୍କୁ ଦେଶର ପ୍ରଗତି ପାଇଁ ଏକ ନୂତନ ଦିଶା ନିର୍ଦ୍ଧାରିତ କରିବା ପାଇଁ ଏକତ୍ରିତ କରିବା ସହ ପ୍ରେରଣା ଦେଇଛି । ଏହି ସ୍ୱାଧୀନତା ଦିବସରେ ଆମେ ସମସ୍ତେ ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ ୨୦୪୭' ସ୍ୱପ୍ନକୁ ପୂରଣ କରିବା ପାଇଁ ପ୍ରତିଜ୍ଞା ନେବା ଏବଂ ଏକ ସମୃଦ୍ଧ, ଶ୍ରେଷ୍ଠ ଏବଂ ଆତ୍ମନିର୍ଭର ରାଷ୍ଟ୍ର ଗଠନରେ ସହଯୋଗୀ ହେବା ପାଇଁ ଅଂଶୀଦାର ହେବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।



ନୂଆଦିଲ୍ଲୀ ବାସଭବନରେ ଜାତୀୟ ପତାକା ଉତ୍ତୋଳନ କଲେ କେନ୍ଦ୍ରମନ୍ତ୍ରୀ

## ବେଆଇନ କରତକଳ ଠାବ, ମାଲିକ ଫେରାର

**ପାଟଣାଗଡ଼,୧୬।୮(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଓ ପଦ୍ମପୁର ଉପଖଣ୍ଡର ସୀମା ନିକଟରେ ଏକ ବେଆଇନ କରତକଳ ଠାବ କରାଯାଇ ବିଭିନ୍ନ ସାମଗ୍ରୀ ସହ ସାଗୁଆନ କାଠ ଜବତ୍ କରାଯାଇଛି। ପାଟଣାଗଡ଼, ଖପ୍ରୋଖୋଲ ତଥା ହରିଶଙ୍କର ଓ ପଦ୍ମପୁର ରେଞ୍ଜର ପୋର୍ଡରରେ ଥିବା ହରିଶଙ୍କରରେଞ୍ଜ ଅଧୀନରେ ଥିବା ଟେଙ୍ଗରାପଥର ଗ୍ରାମର ଜଙ୍ଗଲରେ ଏକ ବେଆଇନ କରତକଳ ଚାଲୁଥିବା ସୂଚନା ପାଇ ବନ ବିଭାଗର କର୍ମଚାରୀମାନେ ଚଢଉ କରିଥିଲେ। ସେଠାରୁ ବେଆଇନ ଭାବେ ଚାଲୁଥିବା କରତକଳର ବିଭିନ୍ନ ସାମଗ୍ରୀ ଜବତ କରା ଯାଇଥିବା ସହ ବିପୁଳ ପରିମାଣରେ ଶାଗୁଆନ କାଠ ଜବତ୍ କରି ଆଣିଥିବା ଜଣାପଡ଼ିଛି। ବନ ବିଭାଗର କର୍ମଚାରୀ ଆସୁଥିବା ନେଇ ସୂଚନା ପାଇ ବେଆଇନ କରତକଳର ମାଲିକ ଫେରାର ମାରିଥିବା ଜଣାପଡ଼ିଛି। ତେବେ ଏହି ବେଆଇନ କରତକଳକୁ ନେଇ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନଥିବା ଜଣାପଡ଼ିଛି।

### ଯୌନ କେଲେଙ୍କାରୀ

## ବାବା ମଧୁମଙ୍ଗଳ ଗିରଫ

**ଢେଙ୍କାନାଳ ୧୬।୮(ସଂଚାର ବ୍ୟୁରୋ):** ଯୌନ କେଲେଙ୍କାରୀରେ ସମ୍ପୃକ୍ତି ଅଭିଯୋଗରେ ବାବା ମଧୁମଙ୍ଗଳ ଦାସ ଗିରଫ । ମଠରେ ଠାକୁରଙ୍କ ସେବା କରିବା ଆଳରେ ଜଣେ ବିବାହିତା ମହିଳାଙ୍କୁ ଆଣି ଯୌନ ନିର୍ଯାତନା ଦେବା ଘଟଣାରେ ଢେଙ୍କାନାଳ ଜିଲ୍ଲା ମଠକରଗୋଳା ସ୍ଥିତ ମୁରଲୀ ମନହୋର ନାମ ମଠ ଏବେ ଚର୍ଚ୍ଚାକୁ ଆସିଛି। ପୀଡିତା ମହିଳାଙ୍କ ଅଭିଯୋଗ ପରେ ବାବା ଫେରାର ହୋଇଯାଇଥିଲେ । ମାତ୍ର ମଠକରଗୋଳା ଗ୍ରାମବାସୀ ବାବାଙ୍କୁ କାବୁକରି ପୋଲିସର ଜିମା ଦେବା ପରେ ଯୌନ କେଲେଙ୍କାରୀ ସମ୍ପୃକ୍ତିରେ ପାଖଣ୍ଡି ବାବା ମଧୁମଙ୍ଗଳ ଦାସକୁ ଗିରଫ କରିଛି କାମାକ୍ଷାନଗର ପୋଲିସ । ଶୁକ୍ରବାର ଠାରୁ କାମାକ୍ଷାନଗର ପୋଲିସ ବାବା ଚଳାଇଥିବା ଗୋବିନ୍ଦ ଭୋଜନାଳୟ ନାମକ ଏକ ହୋଟେଲ ଓ ମଠକରଗୋଳା ଗ୍ରାମରେ ଥିବା ବବର ମଠ ଉପରେ ଚଢ଼ାଉ କରିଛି । ଫୋରେନସିକ୍ ଟିମ୍ ସହିତ ପୋଲିସ ମଠରେ ଛାନଭିନ ଆରମ୍ଭ କରିଛି। ପୀଡିତାଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଇଥିବା ବେଳେ ବାବାଙ୍କୁ ପୋଲିସ କୋର୍ଟ ଚାଲାଣ କରିବ ବୋଲି ଜଣାପଡିଛି । ଉଲ୍ଲେଖଯୋଗ୍ୟ ଯେ, ଜଣେ ବିବାହିତା ମହିଳାଙ୍କୁ ଠାକୁର ନୀତିକାନ୍ତି କରିବା ଆଳରେ ମଠରେ ରଖି ତାଙ୍କ ସହ ଜୋରଜବରଦସ୍ତ ଏହି ଭଣ୍ଡ ବାବା ଯୌନସମ୍ପର୍କ ରଖିଥିଲେ । ମହିଳା ଜଣଙ୍କ ପ୍ରତିବାଦ କରିବାରୁ ବାବା ତାଙ୍କୁ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ । ତେବେ ବବର ମଠରୁ ପୀଡିତା ଜଣଙ୍କ ଖସି ଆସି ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିବାରୁ କାମାକ୍ଷାନଗର ଥାନା ପୋଲିସ ମହିଳାଙ୍କୁ ଉଦ୍ଧାର କରିଥିଲା ।

# ଏମ୍‌ଭି ୯୬ ବ୍ରିଜ୍ ଉପରେ ୩ ଫୁଟର ପାଣି

**କାଲିମେଳା,୧୬।୮(ସଂଚାର ବ୍ୟୁରୋ):** ଲଗାଣ ବର୍ଷାରେ ବୁଡ଼ିଲା ଏମଭି ୯୬ ବ୍ରିଜ୍। ବ୍ରିଜ୍ ଉପରେ ୩ ଫୁଟ୍ ବନ୍ୟା ଜଳ ପ୍ରବାହିତ। କାଲିମେଲା - ମୋଟୁ ୩୨୬ ଜାତୀୟ ରାଜପଥରେ ଯାତାୟାତ ଠପ୍ ହୋଇଯାଇଛି। ଉଭୟ ପଟେ ଅନେକ ଯାନବାହାନ ଅଟକି ରହିଛି। ଅନ୍ୟପକ୍ଷରେ ସମସ୍ୟା କରୁଛି ତଳୁଆ ପୋଲ। ପ୍ରତିବର୍ଷ ବର୍ଷା ଯୋଗୁଁ ୩୨୬ ଜାତୀୟ ରାଜପଥ ଉପରେ ଥିବା ଏମଭି ୯୬ ପୋଲଟି ବୁଡ଼ି ଯାଉଛି, ଫଳରେ ଜନ ସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର କହିଛନ୍ତି। ଅନ୍ୟ ପକ୍ଷରେ ୩/୪ ବର୍ଷ ତଳେ ଏହି ପୋଲ ନିକଟରେ ଏକ ହାଇଲେବଲ ପୋଲ ନିର୍ମାଣ କରାଯାଉଥିଲେ ମଧ୍ୟ ତାହା ବି ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଏଥିସହିତ ବିପଦପୂର୍ଣ୍ଣ ଭାବରେ କିଛି ଅମାନିଆ ଗାଡ଼ି ଚାଳକ ପୋଲ ଉପରେ ଗାଡ଼ି ନେଇ ଯାଉଥିବାର ଦେଖା ଯାଇଛି। ତେଣୁ ଯଥା ଶୀଘ୍ର ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ପୋଲଟି ସମ୍ପୂର୍ଣ୍ଣ କରାଯାଇପାରିଲେ ଏହି ସମସ୍ୟା ଆଉ ରହିବ ନାହିଁ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା।



କାଲିମେଳା-ମୋଟୁ ୩୨୬ ଜାତୀୟ ରାଜପଥରେ ଯାତାୟାତ ଠପ୍

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




### ଫାସଟ୍ୟାଗ୍‌କୁ ମିଳିଛି ଜବରଦସ୍ତ ପ୍ରତିକ୍ରିୟା

# ପ୍ରଥମ ଦିନରେ ବୁକ୍ ହେଲା ୧.୪ ଲକ୍ଷ ବାର୍ଷିକ ପାସ୍

**ନୂଆଦିଲ୍ଲୀ, ୧୬।୮:** ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ୧୫ ଅଗଷ୍ଟ ୨୦୨୫ ସ୍ୱାଧୀନତା ଦିବସ ଅବସରରେ ଆନୁଷ୍ଠାନିକ ଭାବରେ ଫାସଟ୍ୟାଗ୍ ଲଞ୍ଚ କରିଛି। ଏହି ବାର୍ଷିକ ପାସ୍ ଦେଶବ୍ୟାପ କିଛି ଚୟନିତ ଜାତୀୟ ରାଜପଥ (ଏନଏଚ) ଏବଂ ଜାତୀୟ ଏକ୍ସପ୍ରେସୱେ (ଏନଇ) ରେ ପ୍ରାୟ ୧୧୫୦ ଟୋଲ୍ ପ୍ଲାଜାରେ ପ୍ରଯୁଜ୍ୟ ହେବ। 'ଫାସଟ୍ୟାଗ୍ 'ର ସରକାରୀ ବୁକିଂ ମଧ୍ୟ ଆରମ୍ଭ ହୋଇଛି। ୟୁଜର୍ସମାନେମାନେ ଘରୁ ଏହାକୁ ଅନଲାଇନରେ ବୁକ୍/ଆକ୍ଟିଭେଟ୍ କରିପାରିବେ। ଏହି ବାର୍ଷିକ ପାସ୍ ପ୍ରଥମ ଦିନରେ ୟୁଜର୍ସମାନଙ୍କଠାରୁ ଜବରଦସ୍ତ ପ୍ରତିକ୍ରିୟା ପାଇଛି।

ଜାତୀୟ ରାଜପଥ ୟୁଜର୍ସଙ୍କଠାରୁ ବାର୍ଷିକ ପାସ୍ କୁ ଜବରଦସ୍ତ ପ୍ରତିକ୍ରିୟା ମିଳିଛି। ଆଜି ଏହାର ବୁକିଂ ଆରମ୍ଭ ହୋଇଛି ଏବଂ ପ୍ରଥମ ଦିନ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପ୍ରାୟ ୧.୪ ଲକ୍ଷ ୟୁଜର୍ସ ବାର୍ଷିକ ପାସ୍ କିଣି ଆକ୍ଟିଭେଟ୍ କରିଛନ୍ତି। ଏହା ବ୍ୟତୀତ, ପ୍ରଥମ ଦିନରେ ଟୋଲ୍ ପ୍ଲାଜାରେ ପ୍ରାୟ ୧.୩୯ ଲକ୍ଷ କାରବାର ରେକର୍ଡ କରାଯାଇଛି। କୁହାଯାଉଛି ଯେ ପ୍ରାୟ ୨୦,୦୦୦ - ୨୫,୦୦୦ ୟୁଜର୍ସ ସବୁବେଳେ ରାଜମାର୍ଗ ଯାତ୍ରା ଆପ୍ ବ୍ୟବହାର କରୁଛନ୍ତି ଏବଂ ବାର୍ଷିକ ପାସ୍ ୟୁଜର୍ସମାନେ ଟୋଲ୍ ଫି ଶୂନ୍ୟ କାଟିବା ପାଇଁ SMS ପାଉଛନ୍ତି। ଏଥି ସହ ଜାଣିରଖନ୍ତୁ ଯେ, ବାର୍ଷିକ ପାସ୍ ସହିତ ଯାତ୍ରାକୁ ସହଜ କରିବା ପାଇଁ ପ୍ରତ୍ୟେକ ଟୋଲ ପ୍ଲାଜାରେ ଏନଏଚଏଆଇ ଅଧିକାରୀ ଏବଂ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ, Pass ୟୁଜର୍ସଙ୍କ ଅଭିଯୋଗର ସମାଧାନ ପାଇଁ, ୧୦୦ ରୁ ଅଧିକ ଅଧିକାରୀଙ୍କୁ ଯୋଡି ୧୦୩୩ ଜାତୀୟ ରାଜପଥ ହେଲ୍ପଲାଇନକୁ ଆହୁରି ସୁଦୃଢ଼ କରାଯାଇଛି।




ପ୍ରଥମେ ଆମେ ଆପଣଙ୍କୁ କହି ରଖୁଛୁ ଯେ, ଫାସଟ୍ୟାଗ୍ ପାଇଁ ଆପଣଙ୍କୁ ୩,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଯାହା ୧ ବର୍ଷ କିମ୍ବା ୨୦୦ ଯାତ୍ରା ପାଇଁ ଭାଲିଡି ହେବ। ଏଥି ସହ ଏହାକୁ ଏନଏଚଏଆଇର ସରକାରୀ ୱେବସାଇଟ୍ ଏବଂ ରାଜମାର୍ଗ ମୋବାଇଲ୍ ଆପ୍ ମାଧ୍ୟରେ କିଣାଯାଇପାରିବ କିମ୍ବା ଆକ୍ଟିଭ୍ କରାଯାଇପାରିବ। ଏହି ପାସ୍ କେବଳ କାର, ଜିପ୍ କିମ୍ବା ଭ୍ୟାନ୍ ଭଳି ପ୍ରାଇଭେଟ୍ ଗାଡ଼ି ପାଇଁ ପ୍ରଯୁଜ୍ୟ ହେବ। ଏଥି ସହ ଏହି ପାସ୍କମର୍ସିଆଲ୍ ଗାଡ଼ି ପାଇଁ ବ୍ୟବହାର କରାଯାଇପାରିବ ନାହିଁ।

## ଆଜିର ସୁନା ଦର



ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର ।ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୧, ୧୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨, ୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୧୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୧,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨, ୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୧୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୭୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧,୧୮୦ ଓ ୯୨ ହଜାର ୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୬,୧୦୦ ଟଙ୍କା ହୋଇଛି।

# ୪ ନୁହେଁ ୨ଟି ସ୍ଲାବରେ ହେବ ଜିଏସ୍‌ଟି

**ନୂଆଦିଲ୍ଲୀ, ୧୬।୮:** 'ନେକ୍ସଟ୍-ଜେନ୍ ଜିଏସ୍ଟି' ଅଧୀନରେ, କେନ୍ଦ୍ର ସରକାର ବର୍ତ୍ତମାନର ୪ଟି ଟିକସ ସ୍ଲାବକୁ ଦୁଇଟିକୁ ହ୍ରାସ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଜିଏସ୍‌ଟି ପରିଷଦ ନୂଆ ପ୍ରସ୍ତାବକୁ ଅନୁମୋଦନ କରିବା ପରେ ନୂଆ ହାର ଲାଗୁ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ନୂଆ ଜିଏସ୍‌ଟି ବ୍ୟବସ୍ଥା ଦୀପାବଳିରୁ ଲାଗୁ କରାଯାଇପାରେ। ବିଦ୍ୟମାନ ୫, ୧୨, ୧୮ ଏବଂ ୨୮ ବଦଳରେ କେବଳ ୫% ଏବଂ ୧୮% ଟିକସ ସ୍ଲାବ ପ୍ରସ୍ତାବିତ ହୋଇଛି। ତଥାପି, ଏହା ବ୍ୟତୀତ, କିଛି ସାମଗ୍ରୀର ଏକ ବିଶେଷ ବର୍ଗ ମଧ ଅଛି, ଯାହା ଉପରେ ଭାରୀ ଜିଏସ୍‌ଟି ଲାଗୁ କରାଯାଇପାରେ। ସରକାରୀ ସୂତ୍ର ଅନୁସାରେ, ଏହି ସାମଗ୍ରୀ ଉପରେ ୪୦ ପ୍ରତିଶତ ଜିଏସ୍‌ଟି ଲାଗୁ କରାଯାଇପାରେ। ସିଗାରେଟ୍, ତମାଖୁ, ଗୁଟକା, ପାନ ମସଲା ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଅବକାରୀ ସାମଗ୍ରୀ ବର୍ଗରେ ପଡ଼ିଥାଏ। ଏହାର ଅର୍ଥ ହେଉଛି ଦୀପାବଳି ପରେ ଏହା ଉପରେ ୪୦ ପ୍ରତିଶତ ଜିଏସ୍‌ଟି ଲାଗୁ ହେବ। ବର୍ତ୍ତମାନ ଏହି ତମାଖୁ ଉତ୍ପାଦ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଛି। ଏହା ଅନୁଯାୟୀ, ୨୫୬ଟଙ୍କାରେ ମିଳୁଥିବା ଏକ ସିଗାରେଟ୍ ପ୍ୟାକେଟ ଏବେ ୨୮୦ ଟଙ୍କାରେ ଉପଲବ୍ଧ ହେବ। ସେହିପରି ଗୁଟକା, ପାନ ମସଲା ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ମଧ ମହଙ୍ଗା ହୋଇଯିବ।




**ସିଗାରେଟ୍, ଗୁଟକା ଏବଂ ପାନ ମସଲା ଖାଉଥିବା ଲୋକଙ୍କୁ ଦୀପାବଳିରେ ଲାଗିବ ଝଟ୍‌କା**

ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଉପରେ କ୍ଷତିପୂରଣ ସେସ୍ ଏବଂ ଅନ୍ୟାନ୍ୟ କର ସହିତ ୨୮% ଜିଏସ୍‌ଟି ଲାଗୁ ହୁଏ। ଏଭଳି ସାମଗ୍ରୀ ବର୍ଗରେ ଆସୁଥିବା ଉତ୍ପାଦ ଉପରେ ଅନେକ ପ୍ରକାରର କର ଲାଗୁ ହୁଏ, ଯେଉଁଥିରେ ଜିଏସ୍‌ଟି ବ୍ୟତୀତ ଉତ୍ପାଦ ଶୁଳ୍କ, କ୍ଷତିପୂରଣ ସେସ୍, ଏନ୍‌ସିସିଟି (ଜାତୀୟ ବିପର୍ଯ୍ୟୟ ଆକସ୍ମିକ ଶୁଳ୍କ) ଅନ୍ତର୍ଭୁକ୍ତ। ଏହା ଯୋଗୁଁ, ତମାଖୁ ଉତ୍ପାଦ ଉପରେ ମୋଟ ପରୋକ୍ଷ କର ଭାର ୫୩% ହୋଇଯାଏ। ଏପରି ସାମଗ୍ରୀ ବର୍ଗରେ ଆସୁଥିବା ଏହି ଉତ୍ପାଦଗୁଡ଼ିକ ଉପରେ କ୍ଷତିପୂରଣ ସେସ୍ ୩୧ ମାର୍ଚ୍ଚ ୨୦୨୬ ରେ ଶେଷ ହେବାକୁ ଯାଉଛି। ଏପରି ପରିସ୍ଥିତିରେ, ୪୦ ପ୍ରତିଶତ ଜିଏସ୍‌ଟି ଲାଗୁ କରି, ତମାଖୁ ଉତ୍ପାଦରୁ ରାଜସ୍ୱ ବଜାୟ ରଖାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ୨୦୨୨-୨୩ ଆର୍ଥିକ ବର୍ଷରେ, ସରକାର ତମାଖୁ ଉତ୍ପାଦ ବିକ୍ରୟରୁ ମୋଟ ୭୨,୭୭୮ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିଥିଲେ।

## ସମୀର ଟିଭିଏସ୍‌ରେ ସ୍ୱାଧୀନତା ଦିବସ ପାଳିତ

**ଭୁବନେଶ୍ୱର, ୧୬।୮ (ସଂଚାର ବ୍ୟୁରୋ):** ଗତକାଲି ସମୀର ଟିଭିଏସ୍‌ରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦୁର୍ଯ୍ୟୋଧନ ରଥ, ବିଶିଷ୍ଟ ସମାଜସେବୀ ଆଶିଷ ଲେଙ୍କା ଓ ସଦ୍‌ଭାବନା କ୍ଲବ୍ ସଭାପତି ଅନାମ ଚନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଦେଶ ସ୍ୱାଧୀନତା ସମ୍ପର୍କରେ ବିଭିନ୍ନ ଉଲ୍ଲେଖନୀୟ ତଥ୍ୟ ପ୍ରଦାନ କରିବା ସହ ସମସ୍ତଙ୍କୁ ଦେଶଭକ୍ତିରେ ଲୀନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିଭାବେ ସମୀର ଟିଭିଏସ୍‌ରେ ଥିବା ପାରିବାରିକ ମନୋଭାବକୁ ମଧ ସେମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସମୀର କୁମାର ଚାନ୍ଦ, ଦୁର୍ଯ୍ୟୋଧନ ମହାରଣା, ଲକ୍ଷ୍ମୀକାନ୍ତ ବେହେରା, ଅନିତା ଯେନା, ସୁଶାନ୍ତ କୁମାର ମହାନ୍ତି, ଏସ୍ ଶରାଫତ୍, ସୁବାସ ସ୍ୱାଇଁ, ସତ୍ୟବ୍ରତ ଦାସ, ନିକୁଞ୍ଜ ଶେଖର ନାୟକ, ବଳରାମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩. ୧୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୫୨ ପଇସା ରହିଛି।



# ବଜାରରେ ଓଲା ଏସ୧ ପ୍ରୋ ଇଲେକ୍ଟ୍ରିକ୍ ସ୍କୁଟର

**ନୂଆଦିଲ୍ଲୀ, ୧୬।୮:** ମାତ୍ର ୯୯୯ ଟଙ୍କାରେ ବୁକ କରିପାରିବେ ଓଲା ଏସ୧ ପ୍ରୋ ଇଲେକ୍ଟ୍ରିକ ସ୍କୁଟର। ମାତ୍ର ୯୯୯ ଟଙ୍କା ଦେଇ ଗାଡି ବୁକ କରିବେ ଖାଲି ସେତିକି ନୁହେଁ ଫିଚର୍ସ ଜାଣିଲେ ଆପଣ କହିବେ ଏବେ ହିଁ ମୁଁ ଏଇ ଗାଡ଼ି ବୁକ କରିବି। ତେବେ ଆସନ୍ତୁ ଜାଣିବା କଣ କଣ ଭଲ ଫିଚର୍ସ ରହିଛି ଆଉ ଏହି ଗାଡ଼ିର ସମ୍ପୂର୍ଣ୍ଣ ପାର୍ଟ୍ସ ବିଷୟରେ। ଓଲା ଇଲେକ୍ଟ୍ରିକ ଏହାର ନୂଆ ଫ୍ଲାଗସିପ୍ ଇଲେକ୍ଟ୍ରିକ୍ ସ୍କୁଟର ଏସ ୱାନ ପ୍ରୋ ଲଞ୍ଚ କରିଛି। କମ୍ପାନୀ ଏହାର ତାମିଲନାଡୁ ପ୍ଲାଣ୍ଟରେ ଅନୁଷ୍ଠିତ ସଂକଳ୍ପ କାର୍ଯ୍ୟକ୍ରମ ସମୟରେ ଏହାକୁ ଉନ୍ମୋଚନ କରିଥିଲା। ଏହାର ପ୍ରାରମ୍ଭିକ ଏକ୍ସ-ଶୋରୁମ୍ ମୂଲ୍ୟ ଏକ ଲକ୍ଷ ୪୯ ହଜାର ୯୯୯ ଟଙ୍କା ରଖାଯାଇଛି ଏବଂ ଏହା କେବଳ ୯୯୯ ଟଙ୍କା ଦେଇ ବୁକିଂ କରାଯାଇପାରିବ। ଏହାର ଡେଲିଭରି ଜାନୁଆରୀ ୨୦୨୬ ରୁ ଆରମ୍ଭ ହେବ। ଓଲା ଏସ ୱାନ ପ୍ରୋ ସ୍ପୋର୍ଟ କମ୍ପାନୀ ଦ୍ୱାରା ବିକଶିତ ଏହି ସ୍କୁଟରରେ ୧୩ କିଲୱାଟ ଫେରାଇଟ୍ ମୋଟର ରହିଛି। ଏହି ମୋଟର ୧୬ କିଲୱାଟର ସର୍ବାଧିକ ଆଉଟପୁଟ୍ ଏବଂ ୭୧ ଏନଏମର ଟର୍କ ସୃଷ୍ଟି କରିଥାଏ। ଏଥିରେ ୫.୨ କିଲୱାଟ ବ୍ୟାଟେରୀ ପ୍ୟାକରେ ୪୬୮୦ ସେଲ୍ ରହିଛି। ଯାହା ଏହି ସ୍କୁଟରକୁ ଥରେ ଚାର୍ଜ କଲେ ୩୨୦ କିଲୋମିଟରର ଆଇଡ଼ିସି ରେଞ୍ଜ ପ୍ରଦାନ କରିଥାଏ। ଓଲା ଦାବି କରେ ଯେ ଏହାର ସର୍ବାଧିକ ଗତି ପ୍ରତି ଘଣ୍ଟାରେ ୧୫୨ କିଲୋମିଟର ବେଗରେ ଗତି କରେ। ଏହି ସ୍କୁଟରର ଡିଜାଇନ୍ ବହୁତ ସ୍ପୋର୍ଟି ଏବଂ ଏରୋଡାଇନାମିକ୍। ଏଥିରେ ତୀକ୍ଷ୍ଣ ବଡିୱାର୍କ, ଛୋଟ ୱିଣ୍ଡସ୍କ୍ରିନ୍, କାର୍ବନ ଫାଇବର ଫ୍ରଣ୍ଟ ଫେଣ୍ଡର ଏବଂ ଗ୍ରାବ୍ ରେଲ୍ ଅଛି। ଆରାମଦାୟକ ଯାତ୍ରା ପାଇଁ ଏକ ନୂତନ ଫୋମ୍ ସିଟ୍ ବ୍ୟବହାର କରାଯାଇଛି। ଓଲା ଏସ ୱାନ ପ୍ରୋ ଅନେକ ଉନ୍ନତ ଫିଚର୍ସ ସହିତ ଆସିଥାଏ। ଯେଉଁଥିରେ ସମ୍ପୂର୍ଣ୍ଣ ଏଲଇଡ଼ି ଲାଇଟିଂ ସେଟଅପ୍, ନୂତନ ଡେଟାଇମ୍ ରନିଂ ଲାଇଟ୍, ୩୪ ଲିଟର ସିଟ୍ ତଳେ ଷ୍ଟୋରେଜ୍ ଏବଂ ୭୯୧ ମିମି ସିଟ୍ ଉଚ୍ଚତା ଅନ୍ତର୍ଭୁକ୍ତ। ଏହାର ସସପେନସନ୍ ସେଟଅପରେ ଟେଲିସ୍କୋପିକ୍ ଫ୍ରଣ୍ଟ୍ ଫର୍କ ଏବଂ ପ୍ରିଲୋଡ୍-ଆଡଜଷ୍ଟେବଲ୍ ରିଅର୍ ମନୋଶକ୍ ଅନ୍ତର୍ଭୁକ୍ତ ଅଛି। ଯେତେବେଳେ ଡିସ୍କ ବ୍ରେକ୍ ଏବଂ ଉଭୟ ପାର୍ଶ୍ୱରେ ୧୪ ଇଞ୍ଚ ଫ୍ରଣ୍ଟ୍ ଆଲୟ ଚକ ଲଗାଯାଇଛି।



**ମାତ୍ର ୯୯୯ ଟଙ୍କାରେ ବୁକ୍ କରିପାରିବେ**

ଏହି ସ୍କୁଟରର ସବୁଠାରୁ ଖାସ୍ କଥା ହେଉଛି ଏଥିରେ ପ୍ରଥମ ଥର ପାଇଁ ଏଡିଏଏସ ଅର୍ଥାତ ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ ଯୁକ୍ତିବିଦ୍ୟା ଦିଆଯାଇଛି। ଏଥିରେ ଅନେକ ସ୍ମାର୍ଟ ସୁରକ୍ଷା ଫିଚର୍ସ ରହିଛି, ଯେପରିକି ଧକ୍କା ସତର୍କତା, ବ୍ଲାଇଣ୍ଡ ସ୍ପଟ୍ ଆଲର୍ଟ, ଆଡାପ୍ଟିଭ୍ କ୍ରୁଜ୍ କଣ୍ଟ୍ରୋଲ୍, ଟ୍ରାଫିକ୍ ସାଇନ୍ ରେକଗନିସନ୍ ଏବଂ ସ୍ପିଡିଂ ଆଲର୍ଟ, ଯାହା ଯାତ୍ରାକୁ ପୂର୍ବ ଅପେକ୍ଷା ଅଧିକ ସୁରକ୍ଷିତ ଏବଂ ହାଇଟେକ୍ କରିଥାଏ। ଏହା ବ୍ୟତୀତ, ଏଥିରେ ଥିବା ଫ୍ରଣ୍ଟ କ୍ୟାମେରା ଏକ ଡ୍ୟାସକ୍ୟାମ୍ ପରି କାମ କରେ। ଏହା ଯାତ୍ରାକୁ ରେକର୍ଡ କରିପାରିବ ଏବଂ ଚୋରି ଭଳି ଘଟଣାରେ ସହାୟକ ହୋଇପାରିବ। ଇଣ୍ଟରଫେସକୁ ମଧ ଅଧିକ ସ୍ମାର୍ଟ କରାଯାଇଛି। ଏଥିରେ ଭଏସ୍ ଆସିଷ୍ଟାଣ୍ଟ, କଷ୍ଟମ୍ ଡିସପ୍ଲେ ଥିମ୍, ରାଇଡ୍ ଆନାଲିଟିକ୍ସ, ପ୍ରେଡିକ୍ଟିଭ୍ ମେଣ୍ଟେନାନ୍ସ ଆଲର୍ଟ ଏବଂ ସ୍ମାର୍ଟ ଚାର୍ଜିଂ ଭଳି ଫିଚର୍ସ ରହିଛି।

## ବିନା ଡ୍ରାଇଭରରେ ଭାରତରେ ଗଡ଼ିବ ପ୍ରଥମ ଏଆଇ ବସ୍



**ପ୍ରସ୍ତୁତ କଲା ଆଇଆଇଟି ହାଇଦ୍ରାବାଦ**

**ନୂଆଦିଲ୍ଲୀ, ୧୬।୮:** ବର୍ତ୍ତମାନ ଏଆଇର ଟ୍ରେଣ୍ଡିଂ ଖୁବ୍ ଜୋରରେ ଚାଲିଛି। ସବୁ କାମକୁ ସହଜ କରୁଛି ଏଆଇ। ଯାହା ଏକ ସ୍ମାର୍ଟ ଟେକ୍ନୋଲୋଜି ଭାବେ କାମ କରୁଛି। ଏଆଇ ଭିଡିଓ ଏବଂ ଏଆଇ ଫଟୋ ଏବେ ସମସ୍ତଙ୍କୁ ଗୋଟିଏ ନିଶାରେ ପକାଇବା ଆରମ୍ଭ କରିଦେଇଛି। ଅସମ୍ଭବକୁ ବି ସମ୍ଭବ କରି ଦେଖାଉଛି ଏଆଇ। ତା'ର ଏଭଳି ଡିଫରେଣ୍ଟ କାମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଉଛି। ଫଳରେ ଏଆଇର ଚାହିଦା ଖୁବ୍ ପରିମାଣରେ ବଢ଼ିଯାଇଛି। ଆଜି ଆମେ ଆପଣଙ୍କୁ ଏଭଳି ଖବର ଦେବୁ ଯାହା ଆପଣଙ୍କୁ ଦ୍ୱିଗୁଣିତ ଆଶ୍ଚର୍ଯ୍ୟ କରିଦେବ। ବସରେ ଆପଣ ଟ୍ରାଭେଲ୍ କରିଥିବେ ନିଶ୍ଚୟ। ଆମେ ସାଧାରଣତଃ ଜାଣିଛୁ ଯେକୌଣସି ଗାଡ଼ିମଟରକୁ ଚଳାଇବା ପାଇଁ ଜଣେ ଡ୍ରାଇଭରର ଆବଶ୍ୟକତା ଥାଏ। କିନ୍ତୁ ଏଆଇ ସମୟରେ କୌଣସି ଡ୍ରାଇଭରର ଆବଶ୍ୟକତା ପଡିବ ନାହିଁ। ଏଆଇ ଚଳାଇବ ଗାଡ଼ି। ଆପଣଙ୍କୁ ବିଶ୍ୱାସ ହେଉ ନଥିଲେ ମଧ ଏହା ସତ। ତେବେ ଏହାର ଡିଟେଲ୍ସ ଆସନ୍ତୁ ଜାଣିବା। ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ହାଇଦ୍ରାବାଦ ଲଞ୍ଚ କରିଛି ଏଆଇ ବସ୍ ସର୍ଭିସ୍। ଡ୍ରାଇଭର ଲେସ୍ ବସ୍ ସର୍ଭିସ୍ ଆରମ୍ଭ ହେବାକୁ ଯାଉଛି। ଯାହାକୁ ଟେକ୍ନୋଲୋଜି ଇନୋଭେସନ୍ ହବ୍ ଆଣ୍ଡ ଅଟୋନମସ୍ ନେଭିଗେସନ୍ (ଟିଆଇଏଚଏଏନ) ଙ୍କ ଦ୍ୱାରା ତିଆରି ହୋଇଛି। ଯେଉଁ ସେବା କେବଳ କ୍ୟାମ୍ପସ୍ ଯାତ୍ରାକୁ ସହଜ କରିବ। ଯାହା ଭାରତର ପ୍ରଥମ ପଦକ୍ଷେପ।

# ରେଟିଂ ବଢ଼ାଇଲା ଏସ୍‌ଆଣ୍ଡ୍‌ପି



**ନୂଆଦିଲ୍ଲୀ, ୧୬।୮:** ସ୍ୱାଧୀନତା ଦିବସ ପାଳନର ଗୋଟିଏ ଦିନ ପୂର୍ବରୁ ଭାତରକୁ ଏକ ବହୁତ ବଡ଼ ସାର୍ଟିଫିକେଟ୍ ମିଳିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ 'ମୃତ ଅର୍ଥନୀତି' କହି ତାଚ୍ଛଲ୍ୟ କରିଥିବା ବେଳେ ବିଶ୍ୱର ଅଗ୍ରଣୀ କ୍ରେଡିଟ୍ ରେଟିଂ ଏଜେନ୍ସି ଏସ୍‌ଆଣ୍ଡ୍‌ପି ଗ୍ଲୋବାଲ୍ ଭାରତର ସୋଭରେନ୍ ରେଟିଂକୁ ବିବିବି ମାଇନ୍‌ସରୁ ଆହୁରି ଉନ୍ନତ କରି 'ବିବିବି' କରିଛି। ଏଥି ସହିତ ଆଉଟ୍‌ଲୁକ୍‌କୁ ଏହା 'ସ୍ଥିର' ବର୍ଗକୁ ବଢ଼ାଇଛି। ଦୀର୍ଘ ୧୮ ବର୍ଷ ପରେ ଏହା ଭାରତର ରେଟିଂ ବଢ଼ାଇଛି। ଶେଷ ଥର ପାଇଁ ୨୦୦୭ରେ ଏହା ରେଟିଂରେ ଉନ୍ନତି ଆଣିଥିଲା। ନିକଟରେ ଅନ୍ୟତମ ରେଟିଂ ଏଜେନ୍ସି ମର୍ଣ୍ଣିଂ ଷ୍ଟାର୍ ଡିବିଆର୍‌ଏସ୍ ମଧ ଭାରତର ରେଟିଂକୁ 'ବିବିବି'କୁ ବଢ଼ାଇଥିଲା। ଏସ୍‌ଆଣ୍ଡ୍‌ପି ଗ୍ଲୋବାଲ୍ ଜଣାଇଛି ଯେ ନୀତିରେ ସ୍ଥିରତା ଜାରି ରହିବା ଏବଂ ଭିତ୍ତିଭୂମିରେ ବ୍ୟାପକ ନିବେଶକୁ ଦୃଷ୍ଟିରେ ରଖି ଆଉଟ୍‌ଲୁକ୍ 'ସ୍ଥିର' ରଖାଯାଇଛି। ଦରଦାମ୍ ଉପରେ ନିୟନ୍ତ୍ରଣ ପାଇଁ ମୁଦ୍ରାନୀତି ବେଶ୍ ଅନୁକୂଳ ଥିବା ଏହା କହିଛି। ଆମେରିକା ଲଗାଇଥିବା ଶୁଳ୍କ ଉପରେ ଏହା କହିଛି ଯେ ତାହାର ପ୍ରଭାବକୁ ଭାରତ ସମ୍ଭାଳିବାକୁ ସକ୍ଷମ। ଅର୍ଥନୀତିର ମୂଳଦୁଆ ଦୃଢ଼ ଥିବାରୁ ଆସନ୍ତା ୨-୩ ବର୍ଷ ପର୍ଯ୍ୟନ୍ତ ତାହା ଅଭିବୃଦ୍ଧି ବଜାୟ ରଖିବାରେ ସହାୟକ ହେବ। ବିଶ୍ୱର ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଦେଶଗୁଡ଼ିକ ମଧ୍ୟରୁ ଭାରତ ଅନ୍ୟତମ ବୋଲି କହିବା ସହ ଏସ୍‌ଆଣ୍ଡ୍‌ପି ଜଣାଇଛି ଯେ କରୋନା ମହାମାରୀ ପରବର୍ତ୍ତୀ ସମୟରେ ୨୦୨୧-୨୨ରୁ ୨୦୨୩-୨୪ ମଧ୍ୟରେ ଭାରତ ହାରାହାରି ୮.୮ ପ୍ରତିଶତର ଅଭିବୃଦ୍ଧି ହାସଲ କରିଛି ଏବଂ ଆସନ୍ତା ତିନି ବର୍ଷ ପର୍ଯ୍ୟନ୍ତ ବାର୍ଷିକ ଅଭିବୃଦ୍ଧି ୬.୮ ପ୍ରତିଶତ ରହିବ। ରୁଷ୍‌ରୁ ତେଲ କିଣା ବନ୍ଦ କରିବା ଲାଗି ଆମେରିକା ଭାରତ ଉପରେ ଚାପ ପକାଉଥିବା ବେଳେ ଯଦି ଭବିଷ୍ୟତରେ ସେଭଳି କିଛି ଘଟିବ, ତେବେ ତାହା ମଧ ଭାରତୀୟ ଅର୍ଥନୀତିକୁ ବିଶେଷ ପ୍ରଭାବିତ କରିବ ନାହିଁ ବୋଲି ଏସ୍‌ଆଣ୍ଡ୍‌ପି ଜଣାଇଛି। ଏହା କହିଛି ଯେ ରୁଷ୍ ତେଲ ଓ ଅନ୍ତର୍ଜାତୀୟ ବଜାର ମିଳୁଥିବା ଅନ୍ୟ ତେଲ ଦାମ୍ ଭିତରେ ବିଶେଷ ଅନ୍ତର ନାହିଁ। ତେଣୁ ଯଦି ସେହି ଅନ୍ତରକୁ ସରକାର ସମ୍ପୂର୍ଣ୍ଣ ଭରଣା କରିବେ, ତାହା ଆର୍ଥିକ ସ୍ଥିତିକୁ ବିଶେଷ ପ୍ରଭାବିତ କରିବ ନାହିଁ। ଶେଷରେ କେତେକ ବିଷୟକୁ ନେଇ ଏସ୍‌ଆଣ୍ଡ୍‌ପି ଭାରତକୁ ସତର୍କ ମଧ କରାଇଛି। ସରକାରୀ ଫାଇନାନ୍ସକୁ ଦୃଢ଼ କରିବାରେ ଯଦି ରାଜନୈତିକ ପ୍ରତିବଦ୍ଧତାର ଅଭାବ ଦେଖାଦେବ କିମ୍ବା ଆର୍ଥିକ ସ୍ଥିରତାକୁ ପ୍ରଭାବିତ କରିବା ଭଳି କିଛି ଢାଞ୍ଚାଗତ ସମସ୍ୟା ଦେଖାଦେବ, ତେବେ ଭାରତର ରେଟିଂକୁ କମ୍ କରିବା ଉପରେ ବିଚାର କରାଯିବ।

## ଶୁଳ୍କ ବଢ଼ାଇବା ଧମକ ଦେଲା ଆମେରିକା

**ନୂଆଦିଲ୍ଲୀ, ୧୬।୮:** ଭାରତ ଉପରେ ଦୁଇଟି ପର୍ଯ୍ୟାୟରେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିବା ଆମେରିକା ଆହୁରି ଶୁଳ୍କ ଲଗାଇବାକୁ ଧମକ ଦେଇଛି। ଆମେରିକାର ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି ଯେ ଆଲାସ୍କାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ମଧ୍ୟରେ ଆଲୋଚନା ଆଶାନୁରୂପ ନ ରହିଲେ ଭାରତ ଉପରେ ଆହୁରି ଶୁଳ୍କ ଲଗାଯିବ। ୨୦୨୨ରୁ ଆରମ୍ଭ ହୋଇଥିବା ରୁଷ୍-ୟୁକ୍ରେନ୍ ଯୁଦ୍ଧ ଶେଷ କରିବା ଲାଗି ଆସନ୍ତାକାଲି ଟ୍ରମ୍ପ ଓ ପୁଟିନଙ୍କ ଭିତରେ ଆଲୋଚନା ହେବ। ଏ ସମ୍ପର୍କରେ ଆଲୋଚନା ବେଳେ ବେସେଣ୍ଟ କହିଛନ୍ତି ଯେ ଆମେ ଭାରତ ଉପରେ ମାଧମିକ ଶୁଳ୍କ ଲଗାଇଛୁ। ଆସନ୍ତାକାଲିର ଆଲୋଚନା ଠିକ୍ ନ ରହିଲେ ସେହି ଶୁଳ୍କ ଆହୁରି ବୃଦ୍ଧି କରାଯିବ।



# ରୁପ୍ରାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ



**ନର୍ଲା,୧୬/୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ରୁପ୍ରା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଯାଦବେନ୍ଦ୍ର କୃଷ୍ଣଚନ୍ଦ୍ରଙ୍କ ଜନ୍ମବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜନ୍ମାଷ୍ଟମୀ କମିଟି ରୁପ୍ରା ପକ୍ଷରୁ ଆୟୋଜିତ ଏହି ୩୦ତମ ସମାରୋହ ଦୁଇଦିନ ଧରି ଚାଲିଥିଲା। ଶୁକ୍ରବାର ପ୍ରାତଃ କାଳରୁ ପୁରାଣ ପାଠ ହୋଇ ସନ୍ଧ୍ୟାରେ ଜନ୍ମାଷ୍ଟମୀ ଓ କୃଷ୍ଣ ଜନ୍ମ ନିତି ସଂପାଦିତ ହୋଇଥିଲା। ଶନିବାର ଯାଦବ ସଂସ୍କୃତିର ମହାନ ବିଭବ ବାଡିଖେଳ ପ୍ରଦର୍ଶିତ ହେବା ସହ ନନ୍ଦୋତ୍ସବ ପାଳିତ ହୋଇଥିଲା। ଏକ ବିଶାଳ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରରୁ ବାହାରି ନଗର ପରିକ୍ରମା କରିଥିଲେ। ରୁପ୍ରା ଆଞ୍ଚଳିକ ଯାଦବ ସମିତିର ସଭାପତି ଗୌରଚନ୍ଦ୍ର ଭୋଇ, ସାଧାରଣ ସମ୍ପାଦକ କାନ୍ତ କରୁଆଁ, ଗ୍ରାମ୍ୟ ସଭାପତି ବିକ୍ରମ ଗଉଡ, ସମ୍ପାଦକ ସୁଦାମ ଗଉଡ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କର୍ତ୍ତା ଭାବେ ରଞ୍ଜନ କୁମାର ଗଉଡ ଓ ଗୀତାଞ୍ଜଳି ଗଉଡ କାର୍ଯ୍ୟ ସଂପାଦନ କରିଥିଲେ। ଏହି ଅବସରରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ରୁପ୍ରା ଆଞ୍ଚଳିକ ଯାଦବ ସମିତିର ସଭାପତି ଗୌରଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ନର୍ଲା ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁ, ଉପସଭାପତି ଦୁଲ୍ଲଭ ମାହାର, ସୁନୀଲ କୁମାର ଧଙ୍ଗଡ଼ାମାଝୀ ଓ ମାର୍କଣ୍ଡ ଜାଲ, ସାଧାରଣ ସମ୍ପାଦକ ମଧୁସୂଦନ ରାଉତ, ଯୁଗ୍ମ ସମ୍ପାଦକ ଅଜିତ କରୁଆଁ, କୋଷାଧ୍ୟକ୍ଷ ଗିରିଧାରୀ ଗଉଡ, ବ୍ଲକ ଯୁବ ସଭାପତି ପ୍ରଶୁନ୍ କୁମାର ଜାଲ, ବରିଷ୍ଠ ଯାଦବ ମୋହନ ବାଗ, ସୁଧିର ନାଏକ, ନରସିଂହ ଥପା ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରମଣି ଗଉଡ, ଡିଲେଶ୍ୱର ଗଉଡ, ଫଗନୁ ଗଉଡ, ଦଶରଥ ଗଉଡ, ସର୍ବଶିଦ୍ଧି ଗଉଡ, ଦୟାନିଧି ଗଉଡ, ଚୈତନ୍ୟ ଗଉଡ, ଶ୍ୟାମସୁନ୍ଦର ଧଙ୍ଗଡ଼ାମାଝୀ, ଧର୍ମୁ ଗଉଡ, ପର୍ମା ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳରେ ଶହଶ୍ରାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

# ପୁଣ୍ୟତୋୟା ନଦୀ ଏବେ ଡମ୍ପିଂୟାର୍ଡ

## ଅବସ୍ଥା ଦେଖି ବ୍ୟବସ୍ଥା ଉପରେ ମନ୍ତ୍ରୀ ଖପ୍ପା

**ବିଞ୍ଝାରପୁର, ୧୬/୮(ସଂଚାର ବ୍ୟୁରୋ):** ବୈତରଣି ନଦୀ କୁଳ ସାଜିଛି ପୌରପାଳିକାର ଅଳିଆ ଡମ୍ପିଂୟାର୍ଡ। ନଦୀ ପଠା ସହ ରାସ୍ତା କଡରେରେ ଗଦା ହେଉଛି କୁଢ କୁଢ ଅଳିଆ।ଯାହା ଫଳରେ ପବିତ୍ର ବୈତରଣି ନଦୀ ଜଳ ପ୍ରଦୁଷଣ ହେଉଥିବା ବେଳେ ପରିବେଶ ଉପରେ ପ୍ରଭାବ ପଡୁଥିବା ଅଭିଯୋଗ କରିଛନ୍ତି ସହର ବାସୀ। ପୌରପାଳିକାକୁ ସବୁଜ ସୁନ୍ଦର କରିବା ଲାଗି ସରକାର ଅର୍ଥ ପ୍ରଦାନ କରୁଥିବା ବେଳେ ସହରବାସୀ ମଧ୍ୟ ଟିକସ ପୈଠ କରୁଛନ୍ତି। ଏସବୁ ପରେ ମଧ୍ୟ ବର୍ଜ୍ୟବସ୍ତୁ ପରିଚାଳନା ସୁଚାରୁ ରୁପେ କରାଯାଉଛି ନା ସ୍ୱତନ୍ତ୍ର ଡମ୍ପିଂ ୟାର୍ଡ ଖୋଲା ଯାଉଛି। ପୂର୍ବରୁ ଜନ ଅସନ୍ତୋଷ ଥିବା ବେଳେ ଯାଜପୁର ଗସ୍ତରେ ଆସିଥିବା ନଗର ଉନ୍ନୟନ ମନ୍ତ୍ରୀ ବି ଏହାକୁ ଦେଖି ଉଦବେଗ ପ୍ରକାଶ କରିଛନ୍ତି।
ପୌରପାଳିକାର ଆବର୍ଜନାକୁ ନଦୀ କୁଳରେ ଗଦା କରାଯିବାକୁ ନାପସନ୍ଦ କରିଛନ୍ତି ସହରବାସୀ। ପାହାଡ ଭଳି ଅଳିଆ ଆବର୍ଜନା ଜମା ହେଉଛି ଐତିହାସିକ ଦଶାଶ୍ୱମେଧ ଘାଟ ଠାରୁ ମାତ୍ର ଅଳ୍ପ ଦୁର ବରାହନାଥ ନିକଟରେ। ଏଠି ଗଦା ହେଉଛି ସହର ଏବଂ ମେଡିକାଲର ସମସ୍ତ ଆବର୍ଜନା। ପୁଣ୍ୟ ବେତରଣୀରେ ସ୍ନାନ ସହ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ଲାଗି ଜିଲ୍ଲା ତଥା ରାଜ୍ୟବାହାରୁ ଶ୍ରଦ୍ଧାଳୁ ଆସିଥାନ୍ତି। ଏଭଳି ପୁଣ୍ୟ ସ୍ଥାନ ନିକଟରେ ନଦୀ ଜଳ କୁ ସ୍ୱଚ୍ଛ ରଖିବା ପରିବର୍ତେ ପୌରପାଳିକାର ଦାୟିତ୍ୱହିନତା ନଦୀ କୁ ପ୍ରଦୁଷିତ ଓ ବିଷାକ୍ତ କରୁଥିବା ଅଭିଯୋଗ ହୋଇଛି। ଅତି ଦୁର୍ଗନ୍ଧ ଅତିଷ୍ଠ କରୁଥିବା ବେଳେ ଏନେଇ ମଧ୍ୟ ପୌରପାଳିକାକୁ ଅବଗତ କରିଥିଲେବି କେହି ଶୁଣୁନଥିବା ସହରବାସୀଙ୍କ ସହ ସ୍ଥାନୀୟ ବାସୀନ୍ଦା ଅଭିଯୋଗ କରିଛନ୍ତି।



### ବିକଳ୍ପ ବ୍ୟବସ୍ଥା ସହ ସ୍ଥାୟୀ ସମାଧାନ ପାଇଁ ନିର୍ଦ୍ଦେଶ

୧୫୬ବର୍ଷର ଯାଜପୁର ପୌରପାଳିକାରେ ୧୮ ଟି ୱାର୍ଡରେ ପାଖାପାଖି ୩୫ ହଜାରରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ପୌରପାଳିକା ସହ ମେଡିକାଲ ଓ ବିଭିନ୍ନ ବେସରକାରୀ ସଂସ୍ଥାର ବର୍ଜ୍ୟବସ୍ତୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ପରିବେଶ ପ୍ରଦୂଷିତ ହୋଇ ନାନା ରୋଗ ସୃଷ୍ଟି ହେଉଥିବା ବେଳେ ନଦୀ ଜଳ ମଧ୍ୟ ପ୍ରଦୁଷିତ ହେଉଛି। ଯାହା ଫଳରେ ନାନା ରୋଗ ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି ସହର ବାସୀ। ଅନ୍ୟପଟେ ଯାଜପୁର ପୌରପାଳିକାର ବର୍ଜ୍ୟବସ୍ତୁ ପରିଚାଳନା ଲାଗି ପୂର୍ବ ସରକାର ପକ୍ଷ ରୁ କିଛି ପଦକ୍ଷେପ ନିଆଯାଇ ପାରିନି। ବୈତରଣୀ ନଦୀ ର ସୁରକ୍ଷା ଦାବୀ କରି ସହରବାସୀ ଯାଜପୁର ଗସ୍ତ ରେ ଆସିଥିବା ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଏହା ଅବଗତ କରିବା ପରେ ମନ୍ତ୍ରୀ ସେହି ସ୍ଥାନ ପରିଦର୍ଶନ କରି ଏହା ଅକ୍ଷମଣୀୟ କହିବା ସହ ଏହାକୁ ତୁରନ୍ତ ସ୍ଥାନାନ୍ତର ଓ ସ୍ଥାୟି ସମାଧାନ ଲାଗି ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରିବାକୁ ପୌରପାଳିକା ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।
ଐତିହ୍ୟ ସମ୍ପନ୍ନ ଯାଜପୁର ସହର ଓ ସହରବାସୀ ଙ୍କ ଉନ୍ନତି ଲାଗି ସରକାର ନାନା ଯୋଜନା କରାଯାଉଥିବା ବେଳେ ପୌରପାଳିକା କିପରି ବୈତରଣୀ ନଦୀ ଓ ତାହା ନିକଟରେ ଥିବା ଧର୍ମକ୍ଷେତ୍ରକୁ ସୁରକ୍ଷିତ ରଖିବାରେ ପଦେକ୍ଷେପ ଗ୍ରହଣ କରିନାହିଁ ତାହା ଏବେ ସଧାରଣ ରେ ପ୍ରଶ୍ନ।

# ସୁକାନ୍ତି କଲେଜ ପକ୍ଷରୁ ଏକ କିମି ବ୍ୟାପୀ ତ୍ରିରଙ୍ଗା ଯାତ୍ରା

**ସୁବର୍ଣ୍ଣପୁର,୧୬/୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ସହରର ସୁକାନ୍ତି ଗୃପ୍ ଅଫ ଇନଷ୍ଟିଚ୍ୟୁସନ୍ ପକ୍ଷରୁ ପ୍ରାୟ ଏକ କିଲୋମିଟର ଲମ୍ବର ତ୍ରିରଙ୍ଗା ପତାକା ସହ ଛାତ୍ରଛାତ୍ରୀ ଙ୍କ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ସ୍ଥାନୀୟ ବ୍ଲକ ଛକ ରୁ ବାହାରି ଆମ୍ବେଦକର ଛକ, କଚେରୀ ଛକ, ସମଲେଇ ମନ୍ଦିର, ଷ୍ଟେଟ୍ ବ୍ୟାଙ୍କ୍ ବସ ଷ୍ଟାଣ୍ଡ ଦେଇ ନଳିନୀ ଛକ ରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମ କୁ ସୋନପୁର ବିଡିଓ ଶୁଭ ଉଦ୍ଘାଟନ କରିଥିବା ବେଳେ ସୁକାନ୍ତି ଏକାଡେମି ର ପ୍ରିନ୍ସିପାଲ୍ ଅମିତ୍ କର, ସ୍କୁଲ୍ ଅଧ୍ୟକ୍ଷ ସନ୍ତୋଷ ବାସ, ଓ ସମ୍ପାଦକ କମଳିନୀ ତ୍ରୀପାଠୀ, ବ୍ଲକ ଛକ ଦୁର୍ଗା ପୂଜା କମିଟି ସଦସ୍ୟ ଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ସୋନପୁର କଲେଜ୍ ଏନ୍ ସି ସି ଓ ଏକାଡେମି ଛାତ୍ର ଛାତ୍ରୀ ସାମିଲ ଥିଲେ। ରମେଶ ମିଶ୍ର, ସ୍ୱାଗତ ସାହୁ, କୁନା ପଣ୍ଡା, ରିଙ୍କୁ ପଟେଲ, କଳା କହ୍ନେଇ ମିଶ୍ର, ବାଳ ଗୋପାଳ ଚାନ୍ଦ ସଂଯୋଜନା ରେ ସହଯୋଗ କରିଥିଲେ। ଆଜି ସହର ପରିକ୍ରମା ବେଳେ ହଜାର ହଜାର ସଂଖ୍ୟାରେ ଲୋକେ ଘର ଓ ଦୋକାନ ମାନଙ୍କ ଆଗରେ, ଛାତ ଉପରେ ଛିଡା ହୋଇ ହାତ ହଲାଇ ପୁଷ୍ପ ବିଞ୍ଚି ଜାତୀୟ ପତାକା କୁ ସ୍ୱାଗତ କରିଥିଲେ। ସମସ୍ତେ ଏ ଅପୂର୍ବ ମନୋରମ ମୂହୁର୍ତ୍ତ କୁ ହାତ ଛଡା ନ କରି କିଏ କେତେ ପ୍ରକାର ଫଟୋ ଭିଡ଼ିଓ ଉତ୍ତୋଳନ କରି ଥିଲେ ମୋବାଇଲ ରେ କଏଦ କରି ଥିଲେ ।




# ୟୁରିଆ ପାଇଁ ରାସ୍ତାରୋକ

## ନିଅଣ୍ଟିଆ ସାର, ଦାଉସାଜୁଛି ଲ୍ୟାମ୍ପସ କାର୍ଯ୍ୟାଳୟ; ଚିନ୍ତାରେ ଚାଷୀ

**ବୋରିଗୁମ୍ମା/କୋଟପାଡ଼ (ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା କୋଟପାଡ଼ ଲ୍ୟାମ୍ପସ କାର୍ଯ୍ୟାଳୟରେ ଆଜି ୟୁରିଆ ସାର ପାଇଁ କୋଟପାଡ଼ ଅଞ୍ଚଳର ହଜାର ହଜାର ଚାଷୀ ରାଜପଥ ଅବରୋଧ କରିଥିବା ଦେଖିବାକୁ ମିଳିଛି।ନିଅଣ୍ଟିଆ ସାର ପାଇଁ ଦାବିକରି ଆଜି ବହୁ ସଂଖ୍ୟାରେ ଚାଷୀ କୋଟପାଡ଼ - କୋରାପୁଟ ଜାତୀୟ ରାଜପଥ ରାସ୍ତା ଅବରୋଧ ସହିତ ଲ୍ୟାମ୍ପ ସାମନାରେ ଏକତ୍ରିତ ହୋଇ ଆନ୍ଦୋଳନ କରିଥିଲେ।, ଚାଷୀମାନଙ୍କ କହିବା କଥା ଜୁଲାଇ ମାସରେ ଧାନ ଚାଷ ପାଇଁ ସାର ପ୍ରୟୋଗର ପ୍ରକୃଷ୍ଟ ସମୟ। ଏହି ସମୟରେ କ୍ଷେତରେ ରକ୍ଷଣାବେକ୍ଷଣା କାର୍ଯ୍ୟ ସହ ସାର ପ୍ରୟୋଗ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅଗଷ୍ଟ ମାସରେ ମଧ୍ୟ ନିଅଣ୍ଟିଆ ସାର ଚାଷୀ ମାନଙ୍କ ଆଶାକୁ ନିରାଶ କରିଛି। ସାର ନିଅଣ୍ଟିଆ ହୋଇଥିବାରୁ କୃଷିକାର୍ଯ୍ୟ ଆଗକୁ ବଢ଼ି ପାରୁନାହିଁ, ତଳି ପାଚି ନଷ୍ଟ ହେବାକୁ ବସିଲାଣି। ଆଜି ଲ୍ୟାମ୍ପ କାର୍ଯ୍ୟାଳୟ ରେ ସର୍ବମୋଟ ୧୭୨୦ ପେକେଟ ୟୁରିଆ ଥିବା ବେଳେ ପ୍ରାୟ ୫, ୦୦୦ ରୁ ଉର୍ଦ୍ଧ୍ୱ ଚାଷୀ ଥିବା ଯୋଗୁଁ ସାର ବାଣ୍ଟିବା ଅସମ୍ଭବ ହୋଇପଡ଼ିଛିଜୁ ତେଣୁକରି କୋଟପାଡ଼ ଅଞ୍ଚଳ ର ୧୭ଗୋଟି ପଞ୍ଚାୟତ ମାନଙ୍କରେ ପଞ୍ଚାୟତ ହିସାବରେ ବଣ୍ଟାଯାଉ ବୋଲି ଲ୍ୟାମ୍ପ ଏମ.ଡି ରାଜେନ୍ଦ୍ର ନାୟକ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶରେ କରିଥିଲେ, ଏବଂ ସମସ୍ତ ଚାଷୀଙ୍କ ଆଧାରକୁ ଫେରସ୍ତ କରିଦେଲେ, ପରେ ଆନ୍ଦୋଳନ ସ୍ଥଳରେ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, କୋଟପାଡ଼ ତହସିଲଦାର ଟିଙ୍କଲ ସେଠୀ, ଅତିରିକ୍ତ ତହସିଲଦାର ପର୍ଶୁରାମ ଭତରା, କୋଟପାଡ଼ ଥାନା ଅଧିକାରୀ ପରମାନନ୍ଦ ସୁନାନୀ ଙ୍କସହିତ ପୋଲିସ କର୍ମଚାରୀ ଉପସ୍ଥିତ ରହି ସମାଧାନ ପାଇଁ ଚେଷ୍ଟା କରିବା ସହିତ ଚାଷୀମାନଙ୍କୁ ରାସ୍ତା ଅବରୋଧ ନ କରିବା ପାଇଁ ବୁଝାଇଥିଲେ।



# ପବିତ୍ର ୟୁଜେଏର ଜିଲ୍ଲା ସାଧାରଣ ସମ୍ପାଦକ



**ଯାଜପୁର ରୋଡ଼,୧୬/୮(ସଂଚାର ବ୍ୟୁରୋ):** ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲ୍ଲା ଶାଖା ସାଧାରଣ ସମ୍ପାଦକ ଭାବେ ଶ୍ରୀ ପବିତ୍ର ରଂଜନ ମହାନ୍ତି ମନୋନିତ ହୋଇଛନ୍ତି। ଉପସଭାପତି ଭାବେ ପ୍ରଦୀପ ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ରାଜ୍ୟ ସଂଘର ନିଷ୍ପତି କ୍ରମେ ଶନିବାର ବ୍ୟାସନଗର ସ୍ଥିତ ହୋଟେଲ ବ୍ରାହ୍ମଣୀ ଠାରେ ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଅସିତ ମହାନ୍ତ, ସେକ୍ ଜହୁର ପ୍ରମୂଖ ଉପସ୍ଥିତଥିଲେ। ଯାଜପୁର ଜିଲାରେ ଉତ୍କଳ ସାମ୍ବାଦିକ ସଂଘକୁ ଶକ୍ତିଶାଳି କରିବା ଦିଗରେ ସମସ୍ତ ନିଷ୍ଠାପର ଭାବେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ସରିଆଁରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

**ନର୍ଲା,୧୬/୮(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ସରିଆଁ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି' ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟୀ, ଅଭିଭାବକ, ଶିକ୍ଷକ ତଥା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଟଙ୍କଧର ସାହାଙ୍କ ତତ୍ତ୍ୱବଧାନରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ପରିଚାଳନା କମିଟିର ସଭାପତି ରାଜେଶ ବେନିଆ। ଅଧାରୁ ପାଠ ଛାଡ଼ିଥିବା, ଆଦୌ ନାମ ଲେଖାଇ ନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ୧୮ର ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପୁଅ ଓ ଝିଅ ମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସଭାରେ ମତପ୍ରକାଶ ପାଇଥିଲା। ପରେ ବିଦ୍ୟାଳୟରୁ ଏକ ଶୋଭା ଯାତ୍ରାରେ ବାହାରି ଗାଁ ପରିକ୍ରମା କରିଥିଲା। ବିଭିନ୍ନ ଶିକ୍ଷା ସ୍ଲୋଗାନ ସହ ପ୍ଲା କାର୍ଡ ଧରି ସଚେତନର ବାର୍ତ୍ତା ଦେଇଥିଲେ ଛାତ୍ରଛାତ୍ରୀ ଓ ଶିକ୍ଷକେ ବୃନ୍ଦ। ସରିଆଁ ପଞ୍ଚାୟତ ଛକ ଓ ଗାଁ ମଝିରେ ରୋଡ ପ୍ଲେ ମାଧ୍ୟମରେ ଦୁଇଟି ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ କମିଟିର ସମସ୍ତ ସଭ୍ୟ / ସଭ୍ୟା, ବିଦ୍ୟାଳୟର ଅନ୍ୟ ସମସ୍ତ ସହ ଶିକ୍ଷକ ସକ୍ରିୟ ଅଂଶ ଗ୍ରହଣ କରି ଅଭିଯାନକୁ ସଫଳ କରିଥିଲେ।




# ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର



**ନୀଳଗିରି,୧୬/୮(ସଂଚାର ବ୍ୟୁରୋ):** ୭୯ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ୍ସିସ୍ ବ୍ୟାଙ୍କ ବାଲେଶ୍ୱର ଶାଖା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିରିଶ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଉକ୍ତ ଶିବିର କୁ ବ୍ୟାଙ୍କ୍ ର କ୍ଲଷ୍ଟର ମ୍ୟାନେଜର ଉପଗୁପ୍ତ ମିଶ୍ର ଉଦଘାଟନ କରିଥିଲେ। ଏକ୍ସିଶ୍ ବ୍ୟାଙ୍କ ର ବାଲେଶ୍ୱର ଶାଖା ର ମ୍ୟାନେଜର ଦୋଳଗୋବିନ୍ଦ ବେହେରା ଉପସ୍ଥିତ ରହି ସମସ୍ତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘ ର ଉପସଭାପତି ବିଜୟ କୁମାର ପାତ୍ର ଓ ରକ୍ତଦାତା ସଂଘ ର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ରବି ରାଉତ ଉପସ୍ଥିତ ରହି ରକ୍ତଦାନ ଶିବିର କୁ ପରିଚାଳନା କରିଥିଲେ। ନୀଳଗିରି ଉପଖଣ୍ଡ ରକ୍ତ କେନ୍ଦ୍ର ତରଫରୁ ଟେକ୍ନିସିଆନ୍ ସରୋଜ ପାଣ୍ଡା, ସଂଗ୍ରାମ ମହାପାତ୍ର, ପ୍ରହଲ୍ଲାଦ ଗିରି ଙ୍କ ସହିତ ଡାକ୍ତର ଅଭୀପସା ମହାନ୍ତି ଉପସ୍ଥିତ ରହି ରକ୍ତଦାନ ଶିବିର କୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ସମାଜସେବୀ ପ୍ରଭାକର ବେହେରା, ନିରଞ୍ଜନ ପରିଡା, ବ୍ୟାଙ୍କ ର ସମସ୍ତ କର୍ମକର୍ତ୍ତା ଙ୍କ ସହିତ ଦିଲ୍ଲୀପ ପାଲ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରାଇବାରେ ସହଯୋଗ କରିଥିଲେ।

# ସଖି ୱାନ ଷ୍ଟପ ସେଣ୍ଟର, ସୁବର୍ଣ୍ଣପୁରର ଷଷ୍ଠ ପ୍ରତିଷ୍ଠା ଦିବସ ପାଳିତ

**ସୁବର୍ଣ୍ଣପୁର,୧୬/୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ମହାବୀର କଲୋନୀ ରେ ପିପୁଲ ଫୋରାମ ତରଫରୁ ପରିଚାଳିତ ସଖି ୱାନ ଷ୍ଟପ ସେଣ୍ଟର, ସୁବର୍ଣ୍ଣପୁର ର ଷଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି, ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜେଲିନା ପ୍ରଧାନ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀଯୁକ୍ତ ଦେବାଶିଷ ଦାସ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଶଙ୍କର୍ଷଣ ପଣ୍ଡା, ସଦସ୍ୟ ଶାନ୍ତନୁ କର୍ଣ୍ଣ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଅଧିକ୍ଷକ ଦୁର୍ଗାଦୁତ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ନିର୍ଯ୍ୟାତିତ ମହିଳା ମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଏହି ସଂସ୍ଥା ବର୍ତ୍ତମାନ ପର୍ଯ୍ୟନ୍ତ ୫୧୦ ଗୋଟି ମାମଲା ରେ କାର୍ଯ୍ୟ କରିଥିବା ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମ କୁ ପାୟଲ ମିଶ୍ର ଓ ସଖି କେନ୍ଦ୍ର ର କର୍ମକର୍ତ୍ତା ପରିଚାଳନା କରିଥିଲେ।



### କୋର୍ଟ ନିର୍ଦ୍ଦେଶକୁ ଅବମାନନା

# ସିଲ୍ ହେଲା ବେଆଇନ ଦୋକାନଗୃହ

**ନୀଳଗିରି,୧୬/୮(ସଂଚାର ବ୍ୟୁରୋ):** ବାଲାଜୀ ହନୁମାନମନ୍ଦିର ଭାଙ୍ଗି ଦେବୋତ୍ତର ଜମିରେ ବେଆଇନ ଦୋକାନଗୃହ କରିବା, ଏବଂ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ ଅବମାନନା କରିବା ଏବଂ ନିଜ ଜିଦ୍ ରେ ଅଟଳରହିବା ଫଳରେ ଶେଷରେ ଦୋକାନଗୃହ ଗୁଡ଼ିକରେ ପ୍ରଶାସନ ତରଫରୁ ତାଲା ଲଗାଯାଇ ସିଲ କରାଯାଇଛି। ସୂଚନା ଅନୁଯାୟୀ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚକ୍ରାନ୍ତ କରି ନୀଳଗିରି ଗୁଣ୍ଡିଚାମନ୍ଦିର ପାର୍ଶ୍ୱରେ ବାଲାଜୀ ହନୁମାନଙ୍କ ମନ୍ଦିର ପାର୍ଶ୍ୱରେ ପୁରୁଣାମନ୍ଦିର ଭାଙ୍ଗି ନୂତନମନ୍ଦିର ନିର୍ମାଣ ବାହାନାରେ ଦୁଇମହଲା କୋଠା କରି ଦୋକାନଗୃହ କରି ଫାଇଦା ନେଉଥିଲେ।ଏହାକୁ ବିରୋଧ କରି ବାଲିଗୋହିରୀ ଅଞ୍ଚଳର ଜଗବନ୍ଧୁ ମୁନି ନାମକ ଜନୈକ ବ୍ୟକ୍ତି ଉଚ୍ଚନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ସୂଚନାଯୋଗ୍ୟ ରାଜ୍ୟ ଦେବୋତ୍ତରବିଭାଗ ଅଧୀନରେ ନୀଳଗିରିରେ ଥିବା ବାଲାଜୀ ମଠ ବା ହନୁମାନ ମଠରେ ୨୦୦୪/୦୫ ମସିହାଠାରୁ ଟ୍ରଷ୍ଟ ବୋର୍ଡ଼ ପୁନଃ କାର୍ଯ୍ୟକ୍ଷମ ହୋଇନଥିଲା। ଉଲ୍ଲେଖ କରାଯାଇଥିଲା ଯେ, ଦେବୋତ୍ତର ବିଭାଗର ବିନା ଅନୁମତିରେ ପ୍ଲଟ ନଂ ୯୫, ଖାତା ନଂ ୧୨୯/୧ ସାନଅତା ମୌଜାରେ ଥିବା ଠାକୁର ସମ୍ପତ୍ତିକୁ ଭଙ୍ଗାଯାଇ ସେଠାରେ ଦୁଇ ମହଲା କୋଠାନିର୍ମାଣ ପାଇଁ ପୁରୁଣା ମନ୍ଦିରକୁ ଭାଙ୍ଗି ନୂତନମନ୍ଦିର କରାଯିବା ସହ ସେଠାକୁ ଠାକୁରଙ୍କୁ ସ୍ଥାନାନ୍ତର କରାଯାଇଛି। ଏପରିକି ବ୍ୟାବସାୟିକ ମନୋବୃତ୍ତିରେ ଦୁଇମହଲା କୋଠା କରାଯାଇ ଲୋକଙ୍କ ଠାରୁ ବେଆଇନ ଭାବେ ମୋଟାଅଙ୍କର ଅର୍ଥନେଇ ଘର ଦେଇଥିଲେ। ଯାହା ଦେବୋତ୍ତର ବିଭାଗର ଅଗୋଚରରେ ହୋଇଛି। ଗୃହ ନିର୍ମାଣରେ ଅନୁମୋଦନ ପତ୍ର, ପ୍ଲାନ ଏଷ୍ଟିମେଣ୍ଟ, ଏମ.ବି. ବହି, ଗୃହ ନିର୍ମାଣରେ ଟ୍ରଷ୍ଟବୋର୍ଡ଼ ପଞ୍ଜିକରଣ କାଗଜପତ୍ର ପ୍ରଭୃତି ଦାଖଲ କରାଯାଇନଥିଲା। ତରବରିଆ ଭାବେ ଏଠାରେ ଗୋଟିଏ ଔଷଧ ଦୋକାନ, ୨ଟି କୋଠରୀରେ ପଥର ବାସନ ଦୋକାନ, ଗୋଟିଏରେ ହାର୍ଡୱେର ଷ୍ଟୋର ୧୨ଟି ଦୋକାନ ଏବଂ ଉପରମହଲା ଓ ତଳମହଲାରେ କେତେ ଜଣ ମୁଷ୍ଟିମେୟ ଲୋକଙ୍କ ନାଁରେ ଚୁକ୍ତିଭିତ୍ତିକ କୋଠରୀ ଦାଖଲ କରାଯାଇଛି। ବାଦବିବାଦ ପରେ ଗତ ଜୁଲାଇ୨୪ ତାରିଖ ଦେବୋତ୍ତର କମିଶନର ଏବଂ ସହକାରୀ କମିଶନର ଉକ୍ତ ଦୁଇମହଲା କୋଠା ନିକଟରେ ପହଞ୍ଚି ଅନୁଧ୍ୟାନ କରିବାସହ ନୀଳଗିରି ଉପଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ୧୬/୮/୨୫ରିଖ ଅପରାହ୍ନ୧, ୩୦ମିନିଟ ସୁଦ୍ଧା ଦୋକାନ ଗୃହରୁ ସମସ୍ତ ଆସବାପତ୍ର କାଢ଼ି ନେବାକୁ ବିଚାରପତି କେ.ଆର ମହାପାତ୍ର ଓ ସାବିତ୍ରୀ ରଥ ନିର୍ଦ୍ଦେଶ ଦେଇଥିଲେ।



# ଉପମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ଦାବୀପତ୍ର



**ସୁବର୍ଣ୍ଣପୁର,୧୬/୮(ସଂଚାର ବ୍ୟୁରୋ):** ଓଡ଼ିଶା ର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ବେଳେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାର୍ଥ ସମ୍ବଳିତ ୧୨ ଦଫା ଦାବୀ ସମେତ ଦ୍ୱିତୀୟ ଶ୍ରୀକ୍ଷେତ୍ର ବା ଆଧ୍ୟାତ୍ମିକ ଜିଲ୍ଲା ସୁବର୍ଣ୍ଣପୁରକୁ ସଂଯୋଗ ଲାଗି ଜିଲ୍ଲାର ଭକ୍ତଙ୍କ ରହଣୀ ସୁବିଧା ପାଇଁ ପୁରୀ ଶ୍ରୀକ୍ଷେତ୍ର ଠାରେ ଶହେ କୋଠରୀ ବିଶିଷ୍ଟ ଏକ ସ୍ୱତନ୍ତ୍ର ଅତିଥି ଭବନ ନିର୍ମାଣର ଦାବୀ ପତ୍ର ପ୍ରଦାନ କଲେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା କର୍ମକର୍ତ୍ତା। ଏହି ଅବସରରେ ସଂଘ ପକ୍ଷରୁ ସାମ୍ବାଦିକଙ୍କ ସାମାଜିକ, ପାରିବାରିକ, ବୃତ୍ତିଗତ କ୍ଷେତ୍ରରେ ସୁରକ୍ଷା ବିଲ୍, ସାମ୍ବାଦିକ ମାନଙ୍କ ପାଇଁ ପେନସନ ଲାଗୁ କରିବା, ୫ ଲକ୍ଷ ରୁ ୧୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି କରିବା, ମୃତ୍ୟୁ କାଳୀନ ସହାୟତା ରାଶିକୁ ୪ ଲକ୍ଷରୁ ୧୦ ଲକ୍ଷ ବୃଦ୍ଧି କରିବା, ଅବସର ଭତ୍ତା ପ୍ରଦାନ, ବ୍ୟାଙ୍କ ଋଣ ବ୍ୟବସ୍ଥା ଓ ଅଧିସ୍ୱୀକୃତି ବିଧି ବ୍ୟବସ୍ଥା ନୀତିରେ ସରଳୀକରଣ ନୀୟମ ଲାଗୁ ତଥା ସାମ୍ବାଦିକ ମାନଙ୍କ ରହଣି ପାଇଁ ଭୁବନେଶ୍ୱର ରେ ଏକ ଶହେ କୋଠରୀ ବିଶିଷ୍ଟ ଗେଷ୍ଟ ହାଉସ ନିର୍ମାଣ କରିବା ପ୍ରମୁଖ ୧୨ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବୀପତ୍ର ପ୍ରଦାନ ବେଳେ ରାଜ୍ୟ ସାଂଗଠନିକ ସମ୍ପାଦକ ଙ୍କ ସହ ସଂଘର ଜିଲ୍ଲା କର୍ମକର୍ତ୍ତା ଓ ସ୍ଥାନୀୟ ବିଭିନ୍ନ ଗଣ ମାଧ୍ୟମ ପ୍ରମୁଖ ଉପସ୍ଥିତ ଥିଲେ ।

# ଭତ୍ତା ନେବାକୁ ଆସି ଆଉ ଫେରିଲେନି ବୃଦ୍ଧ



**ନୀଳଗିରି,୧୬/୮(ସଂଚାର ବ୍ୟୁରୋ):** ଜଣେ ୬୬ବର୍ଷୀୟା ବୃଦ୍ଧ ଭତ୍ତା ଟଙ୍କା ନେଇ ଏଯାବତ୍ ଘରକୁ ନ ଫେରିବା ରୁ ପରିବାର ଲୋକେ ବହୁ ଖୋଜା ଖୋଜି କଲା ପରେ ବି ବୃଦ୍ଧର ସନ୍ଧାନ ନମିଳିବାରୁ ଶେଷରେ ବୃଦ୍ଧର ପୁଅ ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଜାମୁଡ଼ିହା ପଞ୍ଚାୟତର ବାଘମରା ଗ୍ରାମର ମୁକୁନ୍ଦ ସିଂ(୬୬) ନିଜର ବାର୍ଦ୍ଧକ୍ୟ ଭତ୍ତା ଆଣିବା ପାଇଁ ଗତ ୧୪ତାରିଖ ଦିନ ୧୧ଟା ସମୟରେ ଚାଲି ଚାଲି ଜାମୁଡିହା ପଞ୍ଚାୟତ ଅଫିସ୍ କୁ ଯାଇଥିଲା। ସେଠାରୁ ଭତ୍ତା ନେଇ ଫେରିଥିବା କିଛି ଲୋକେ ଦେଖିଥିଲେ। ମାତ୍ର ସନ୍ଧ୍ୟା ପରେ ଘରକୁ ମୁକୁନ୍ଦ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ବନ୍ଧୁ ବାନ୍ଧବ ଘରେ ଖୋଜା ଖୋଜି କରିବା ସହ ନିକଟସ୍ଥ କେନାଲ ରେ ମଧ୍ୟ ଖୋଜା ଖୋଜି କଲା ପରେ ବି ସନ୍ଧାନ ପାଇ ନ ଥିଲେ। ଶେଷରେ ନିରୁପାୟ ହୋଇ ପୁଅ ଅକ୍ଷୟ ସିଂ ଶନିବାର ଦିନ ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି।

# ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲା ବିଜେଡି ଟିମ୍

**ଛତ୍ରପୁର,୧୬/୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଆଜି ଜିଲ୍ଲାପାଳ କୀର୍ତିଭାସନ ଭି ଓ ଏସ୍ପି ଶୁଭେନ୍ଦୁ ପାତ୍ରଙ୍କୁ ପୃଥକ ଭାବେ ଭେଟିଛନ୍ତି।ପ୍ରଥମେ ଏସ୍ପିଙ୍କୁ ଭେଟି ଜିଲ୍ଲାରେ ବିଗିଡିଥିବା ଆଇନ ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପ୍ରତି ହିଂସା, ଅପରାଧ ଓ ନାରୀ ନିର୍ଯ୍ୟାତନା ଭଳି ଘଟଣା ଦୈନିକ ସାମ୍ନାକୁ ଆସୁଛି। ପୋଲିସ ଅପରାଧ ନିୟନ୍ତ୍ରଣ କରିବାରେ ଫେଲ ହେବା ସହ ଶାସକ ଦଳର ହାତ ବାରିଷ ସାଜିଛି ବୋଲି ଅଭିଯୋଗ କରିଥିଲେ। ପୋଲିସ ନିରପକ୍ଷ ତଦନ୍ତ କରି ନିରୀହ ଲୋକଙ୍କୁ ନ ଫସାଇ ପ୍ରକୃତ ଅଭିଯୁକ୍ତ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବୀ କରାଯାଇଥିଲା। ଅନ୍ୟପଟେ ଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ପଞ୍ଚାୟତରେ ବନ୍ଦ ପଡ଼ିଥିବା ଉନ୍ନୟନ କାର୍ଯ୍ୟର ପୁନରାରମ୍ଭ ଓ ପୂର୍ବ ସରକାର ତରଫରୁ ମଞ୍ଜୁରି ଥିବା ସାଂସଦ ପାଣ୍ଠିକୁ ଶୀଘ୍ର ବ୍ୟୟ କରାଯିବାକୁ ଆଲୋଚନା ହୋଇଥିଲା।
ସେହିପରି ପଞ୍ଚାୟତ, ବ୍ଲକ୍ ଓ ମ୍ୟୁନିସିପାଲଟିରେ କାର୍ଯ୍ୟ କରୁଥିବା ଜନ ପ୍ରତିନିଧିଙ୍କୁ ଉଚିତ୍ ଗୁରୁତ୍ୱ ଦେବାକୁ ଦାବି କରାଯାଇଥିଲା। ଏହି ଅବସରରେ ଦଳର ବରିଷ୍ଠ ନେତା ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟନାୟକ ଚନ୍ଦ୍ରଶେଖର ସାହୁ, ପ୍ରମିଳା ବିଷୋୟୀ, ନୀଳମଣି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ଆପଣଙ୍କ ସ୍ମରଣ ଶକ୍ତି ଦୁର୍ବଳ ହେବାରେ ଲାଗିଛି ?



ଏମିତି ଲାଗୁଛି କି ଆପଣଙ୍କ ସ୍ମରଣ ଶକ୍ତି ଦୁର୍ବଳ ହେବାରେ ଲାଗିଛି? ଛୋଟ ଛୋଟ କଥା ଭୁଲୁଛନ୍ତି କି? ଯଦି ହଁ, ତେବେ ଏହା ପଛରେ ରହିଥାଇପାରେ ନିୟମିତ ଜୀବନର କିଛି ବଦଭ୍ୟାସ, ଯାହା ଧୀରେ ଧୀରେ ମସ୍ତିଷ୍କକୁ ଦୁର୍ବଳ କରିଚାଲେ। ଯେପରିକି

**ଅଧିକ ମିଠା ଖାଇବା:** ମିଠା ପ୍ରାୟ ସମସ୍ତଙ୍କର ପସନ୍ଦ। କିନ୍ତୁ ଆବଶ୍ୟକଠାରୁ ଅଧିକ ମିଠା ଖାଇବା ଦ୍ୱାରା ମସ୍ତିଷ୍କର କ୍ଷତି ହୋଇଥାଏ। ଅଧିକ ମିଠା ଖାଇଲେ ମସ୍ତିଷ୍କରେ ପ୍ରଦାହ ହୋଇଥାଏ। ଫଳରେ କୌଣସି ଜିନିଷ ଶିଖିବା ଓ ମନେ ରଖିବା କ୍ଷମତା ହ୍ରାସ ପାଇଥାଏ। ତେଣୁ ଯଥାସମ୍ଭବ ମିଠା ପରିବର୍ତ୍ତେ ଫଳକୁ ଗୁରୁତ୍ୱ ଦେବା ଶିଖନ୍ତୁ।

**ନିଦର ଅଭାବ:** ଆଜିକାଲିର ବ୍ୟସ୍ତ ବହୁଳ ଜୀବନରେ ପ୍ରାୟ ଲୋକ ଆବଶ୍ୟକ ନିଦରେ ଶୋଇପାରୁ ନାହାନ୍ତି। ଶାନ୍ତିରେ ଶୋଇବା ଦ୍ୱାରା ମସ୍ତିଷ୍କ ବ୍ୟବସ୍ଥିତ ହୋଇଥାଏ। ଯଦି ଦିନରେ ୭ରୁ ୮ ଘଣ୍ଟା ଶାନ୍ତି ନ ଶୁଅନ୍ତି, ତେବେ ମସ୍ତିଷ୍କ ଠିକ୍ ଭାବେ କାମ କରି ନଥାଏ। ଫଳରେ ବ୍ୟକ୍ତି ବିଭିନ୍ନ ଜିନିଷ ଭୁଲିବା ଆରମ୍ଭ କରିଥାଏ।

**ଏକଲାପଣ ଅନୁଭବ ହୁଏ:** ଯଦି ଆପଣ ଅଧିକ ସମୟ ଏକା ରହୁଥାନ୍ତି, ସାଙ୍ଗସାଥୀଙ୍କ ସହ ସମୟ ବିତାଉ ନଥାନ୍ତି, ତେବେ ଏହା ମସ୍ତିଷ୍କ ପାଇଁ ଆଦୌ ଠିକ୍ ନୁହେଁ। ସାମାଜିକ ଭାବେ ସକ୍ରିୟ ରହିବା ଦ୍ୱାରା ମସ୍ତିଷ୍କର କସରତ ହେବା ସହ ତୀବ୍ରତା ବଢ଼ିଥାଏ। ସାଙ୍ଗ ଓ ପରିବାର ସହ ସମୟ ବିତାଇବା ଦ୍ୱାରା ମନ ପ୍ରଫୁଲ୍ଲିତ ରହିଥାଏ।

**ମଲ୍ଟି ଟାସ୍କିଂ:** କେତେକ ଲୋକ ଭାବିଥାନ୍ତି ଯେ ଏକା ସାଙ୍ଗରେ ଅନେକ କାମ କରିବ ଖୁବ୍ ଭଲ। କିନ୍ତୁ ମସ୍ତିଷ୍କ ଉପରେ ଅଧିକ ଚାପ ପଡିଥାଏ। ଗୋଟିଏ ସମୟରେ ଗୋଟିଏ କାମ କରିବା ଦ୍ୱାରା ମସ୍ତିଷ୍କର ଏକାଗ୍ରତା ବଢିଥାଏ। ମଲ୍ଟି ଟାସ୍କି କରିବା ଦ୍ୱାରା ମସ୍ତିଷ୍କ ଥକି ପଡିଥାଏ। ଏପରିକି କାର୍ଯ୍ୟଦକ୍ଷତା କମିଚାଲେ।

**ବ୍ୟାୟାମ ନ କରିବା:** ଶରୀର ସହ ମସ୍ତିଷ୍କକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ କରିବା ଜରୁରି। ନିୟମିତ ଶାରୀରିକ ସକ୍ରିୟତା ବଜାୟ ରଖିବା ଦ୍ୱାରା ମସ୍ତିଷ୍କକୁ ଆବଶ୍ୟକ ରକ୍ତ ସଞ୍ଚାଳନ ହୋଇଥାଏ, ଯାହାଦ୍ୱାରା ମସ୍ତିଷ୍କକୁ ଅଧିକ ଅମ୍ଳଜାନ ଓ ପୋଷକ ତତ୍ତ୍ୱ ମିଳିଥାଏ। ନିୟମିତ ୩୦ ମିନିଟ୍ର ବ୍ୟାୟାମ କରିବା ଦ୍ୱାରା ମସ୍ତିଷ୍କ ସକ୍ରିୟ ରହିଥାଏ।

# ଋତୁସ୍ରାବରେ କ'ଣ ଖାଇବେ

ମାସିକ ଧର୍ମ ମହିଳାମାନଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା। ଏହି ସମୟରେ ମହିଳାମାନଙ୍କର ମନ ପରିବର୍ତ୍ତନ, ଶରୀର ଥକ୍କାପଣ,କ୍ରୋଧ, ଚିଡ଼ିଚିଡ଼ା ଆଦି ସମସ୍ୟା ଦେଖାଯାଏ। ରକ୍ତସ୍ରାବ ଯୋଗୁଁ ଶରୀରରେ ପୋଷକତତ୍ତ୍ୱ ଅଭାବ ହୁଏ। ତେଣୁ ଋତୁସ୍ରାବଜନିତ ସମସ୍ତ ପୀଡ଼ା ଓ ଯନ୍ତ୍ରଣା ଦୂର ପାଇଁ କେଉଁ ଖାଦ୍ୟ ଉପଯୋଗୀ ଜାଣନ୍ତୁ। ପ୍ରତିଦିନ ଭିଟାମିନ୍-ସି ଯୁକ୍ତ ଖାଦ୍ୟପେୟ ଯଥା-ସେଓ, କମଳା, ଲେମ୍ବୁ, ମୌସମି, ପିଜୁଳି, ଡାଳିମ୍ବ ଆଦି ଖାଇପାରିବେ। ଏହା ଲୌହସାରର ମୂଳ ଉତ୍ସ। ତେଣୁ କମ୍ଜୋର ଲାଗିବା ଓ ରକ୍ତହୀନତାକୁ ଦୂର କରେ। ଭିଟାମିନ୍, ଓମେଗା-୩ ଓ ଫାଇବରଜନିତ ଖାଦ୍ୟ, ଅଦା, ଓଟମିଲ୍, ହଳଦୀ ସେବନ ଦ୍ୱାରା ହର୍ମୋନ୍ ଅସନ୍ତୁଳନ ସମସ୍ୟା ଦୂର ହୋଇଥାଏ। ସବୁଜ ପନିପରିବା ଯଥା ପାଳଙ୍ଗ, ମେଥି ଆଦି ଲୌହସାର ଓ କ୍ୟାଲସିୟମର ଉତ୍ସ ହୋଇଥିବାରୁ ଏହା ର୍ଦୁବଳତା, ମାଂସପେଶୀ, ପେଟ ଯନ୍ତ୍ରଣାକୁ କମ୍ କରେ। ଚିଡ଼ାଚିଡ଼ାପଣ ଦୂର ପାଇଁ ଦୈନିକ କନ୍ଦ, ଡାର୍କ ଚକୋଲେଟ ଖାଇବା ନିହାତି ଆବଶ୍ୟକ। ସେହିପରି ବିଟ୍ ଜୁସ୍ ପିଇବା ଦ୍ୱାରା ରକ୍ତସ୍ରାବ ଠିକ୍ ଭାବେ ହୋଇଥାଏ। ସକାଳୁ ଗଜାମୁଗ, ଗଜା, ବୁଟ ଓ ଗଜା ବାଦାମ, ଡ୍ରାଏଫ୍ରୁଟ୍ସ ଖାଇବା ଦ୍ୱାରା ରକ୍ତରେ ହିମୋଗ୍ଲୋବିନ୍ ପରିମାଣ ବୃଦ୍ଧି କରେ। ପାଣି, ପଇଡ ପାଣି ଆଦି ପିଇ ଶରୀରକୁ ହାଇଡ୍ରେଟ୍ ରଖିପାରିବେ। ଅତ୍ୟଧିକ ଲୁଣ ଓ ଶର୍କରା ଯୁକ୍ତ ଖାଦ୍ୟପେୟ, ଦୁଗ୍ଧଜାତୀୟ ଖାଦ୍ୟପେୟ, ମଦ୍ୟ,କେଫିନ୍ଯୁକ୍ତ ଖାଦ୍ୟପେୟ ଆଦିଠାରୁ ଦୂରେଇ ରହିବା ଭଲ।



# ରୋଗକୁ ଆମନ୍ତ୍ରିତ କରେ କଳା ପ୍ଲାଷ୍ଟିକ୍ ଡବାର ଗରମ ଖାଦ୍ୟ

ସମ୍ପ୍ରତି ଅଧିକାଂଶ ଅନ୍‌ଲାଇନ୍ ଖାଦ୍ୟ ଅର୍ଡର ଦେଇ ଖାଇବାକୁ ଗୁରୁତ୍ୱ ଦେଉଛନ୍ତି। ବାହାରୁ ମଗାଉଥିବା ଖାଦ୍ୟ ପ୍ରାୟତଃ କଳା ରଙ୍ଗର ପ୍ଲାଷ୍ଟିକ୍ କଣ୍ଟେନର ତଥା ଡବାରେ ପ୍ୟାକ୍ ହୋଇ ଆସିଥାଏ। ଯଦିଓ ଏହାକୁ ଥରେ ବ୍ୟବହାର ପରେ ଫିଙ୍ଗିଦେବା ଉଚିତ, କିନ୍ତୁ ଏମିତି ଅନେକ ଅଛନ୍ତି, ଯେଉଁମାନେ କଳା ପ୍ଲାଷ୍ଟିକ୍ ଡବାକୁ ସାଇତି ବାରମ୍ବାର ଏଥିରେ ଗରମ ଖାଦ୍ୟକୁ ରଖନ୍ତି। ବାରମ୍ବାର ଏହି ଡବାକୁ ବ୍ୟବହାର କରିବା ଦ୍ୱାରା ଏହା କେବଳ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି ତାହା ନୁହେଁ, ମାଇକ୍ରୋବରେ ଖାଦ୍ୟ ଗରମ କରିବାକୁ ଏହି କଳା ପ୍ଲାଷ୍ଟିକ୍ ଡବା ବ୍ୟବହାର ଦ୍ୱାରା କର୍କଟ ପରି ଗମ୍ଭୀର ରୋଗ ହେବାର ଆଶଙ୍କା ରହିଛି। ଶରୀରର କୋଷଗୁଡ଼ିକର ଅନିୟନ୍ତ୍ରିତ ଅଭିବୃଦ୍ଧିକୁ କ୍ୟାନ୍ସର ବା କର୍କଟ କୁହାଯାଏ। ଧୂମପାନ, ମଦ୍ୟପାନ, ତମାଖୁ ସେବନ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ଅସୁରକ୍ଷିତ ଯୌନ ସମ୍ପର୍କ, ମେଦବହୁଳତା, ବଂଶଗତ ଆଦି କର୍କଟ ରୋଗ ବୃଦ୍ଧିର କାରଣ ହୋଇଥିଲେ ହେଁ ଏବେ କଳା ପ୍ଲାଷ୍ଟିକ୍ ଡବାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା କର୍କଟ ପରି ଗମ୍ଭୀର ରୋଗକୁ ଆମନ୍ତ୍ରିତ କରିପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। କିମୋସ୍ଫିୟର ନାମକ ବିଜ୍ଞାନ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରେ ୨୦୩ ଟି କଳା ପ୍ଲାଷ୍ଟିକ୍ ଉତ୍ପାଦକୁ ବିଶ୍ଳେଷଣ କରାଯାଇଥିଲା। ଏଥିରୁ ୮୫ ପ୍ରତିଶତ ଉତ୍ପାଦରେ ଟକ୍ସିକ ଫ୍ଲେମ ତଥା ବିଷାକ୍ତ ଧୂଆଁ ମିଳିଥିଲା। ବିଡ଼ିଆର ଫାର୍ମାସ୍ୟୁଟିକାଲ୍ସ ଟେକନିକ୍ର ନିର୍ଦ୍ଦେଶକ ଡା. ଅରବିନ୍ଦ ବେଡିଗରଙ୍କ କହିବାନୁସାରେ, କଳା ପ୍ଲାଷ୍ଟିକ୍ ବାସନ ତଥା ଡବାରୁ ବିଷାକ୍ତ ଅଗ୍ନିରୋଧ ପଦାର୍ଥ ଖାଦ୍ୟ ମାଧ୍ୟମରେ ପେଟ ମଧ୍ୟକୁ ଚାଲିଯାଏ। ଏହା ଶରୀର ଉପରେ ବିଷାକ୍ତ ପ୍ରତିକ୍ରିୟା ସୃଷ୍ଟି କରିବା ସହ କର୍କଟ ପରି ରୋଗକୁ ଆମନ୍ତ୍ରିତ କରିପାରେ। ସେତିକି ନୁହେଁ, କଳା ରଙ୍ଗର ପ୍ଲାଷ୍ଟିକକୁ ପ୍ଲାଷ୍ଟିକ୍ ରେଜିନ୍‌ରେ କାର୍ବନ ବ୍ଲାକ୍ ପିଗମେଣ୍ଟକୁ ମିଶାଇ ତିଆରି କରାଯାଏ। ଏହି ପିଗ୍‌ମେଣ୍ଟ କଳା ରଙ୍ଗ ହେବାକୁ ସହାୟକ ହୋଇଥାଏ। ଗବେଷଣା ଅନୁଯାୟୀ କାର୍ବନ ବ୍ଲାକ୍ ପିଗମେଣ୍ଟ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ। ସେହିପରି ଇଣ୍ଟରନ୍ୟାସାଲ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନସର ଅନୁଯାୟୀ ଏା କର୍କଟ ବୃଦ୍ଧି ଆଶଙ୍କାକୁ ବଢ଼ାଇପାରେ। କେବଳ ସେତିକି ନୁହେଁ, ଶ୍ୱସନସମ୍ବନ୍ଧୀୟ ସମସ୍ୟାର କାରଣ ସାଜିପାରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କଳା ପ୍ଲାଷ୍ଟିକ୍ ଡବାରେ ଗରମ ଖାଦ୍ୟ ରଖିବା ଦ୍ୱାରା "ଏଣ୍ଡ୍ରୋକ୍ରେନ ଡିଷ୍ଟ୍ରକ୍ଟିଂ' ନାମକ ବିଷାକ୍ତ ସୃଷ୍ଟି ହେଉଥିବାରୁ ଏହା ହର୍ମୋନକୁ ଅସନ୍ତୁଳିତ କରିଥାଏ। ଫଳରେ ହର୍ମୋନ୍ କାମ କରିବା ବନ୍ଦ କରିଥାଏ। ତେଣୁ ଏପରି କଳା ପ୍ଲାଷ୍ଟିକ୍ ଡବା ବ୍ୟବହାର କରୁଥିଲେ ସତର୍କତା ଅବଲମ୍ବନ ଜରୁରି।



# ଫ୍ୟାଟି ଲିଭରର ଆୟୁର୍ବେଦିକ ଉପଚାର

ଖାଦ୍ୟରେ ଅଧିକ ଚର୍ବିଯୁକ୍ତ ଖାଦ୍ୟ, ଶ୍ୱେତସାରଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଯକୃତରେ ଚର୍ବି ଗୁଡିକ ଜମିଯାଏ। ଉଚ୍ଚ କୋଲେଷ୍ଟ୍ରଲ, ମୋଟାପା, ମଦ୍ୟପାନ, ମଧୁମେହ, ବୟସ ବଢ଼ିଲେ ଆଦି କାରଣରୁ ବି ଯକୃତରେ ଚର୍ବି ଜମାହୁଏ। ଏହି ସମୟରେ ଯକୃତ ତା'ର ସ୍ୱାଭବିକ କାର୍ଯ୍ୟକ୍ଷମତା ହରାଇବସେ। ଭୋକ ନ ଲାଗିବା, ଥକ୍କାପଣ, କମ୍‌ଜୋର, ତ୍ୱଚା ଏବଂ ଆଖି ହଳଦିଆ ହେବା ଆଦି ଲକ୍ଷଣ ଦେଖାଯାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଫ୍ୟାଟି ଲିଭରର ଉପଚାର ନ କଲେ, ଏହା ଗମ୍ଭୀର ସମସ୍ୟାର ରୂପ ନେଇଥାଏ। ତେଣୁ କେଉଁ କାରଣରୁ ଯକୃତରେ ଚର୍ବି ଜମୁଛି ତାହା କମ୍ କରିବା ଦରକାର। ଚର୍ବିଜାତୀୟ ଜିନିଷ ଓ ଶ୍ୱେତସାରଜାତୀୟ ଖାଦ୍ୟ ଯେତେ କମ୍ କରାଯିବ ଭଲ। ସେହିପରି ଭୋଜନରେ ନିୟମିତ ତନ୍ତୁଜାତୀୟ ଖାଦ୍ୟ ସାମିଲ କରିବାର ଆବଶ୍ୟକ ରହିଛି। ସାମର୍ଥ୍ୟ ଅନୁଯାୟୀ ଶାରୀରିକ ଶ୍ରମ କରିବା ଦ୍ୱାରା କେବଳ ଯକୃତ ନୁହେଁ, ଶରୀରର ସମସ୍ତ ପ୍ରକାର ଚର୍ବି ଉପରେ ସୁ ପ୍ରଭାବ ପଡ଼େ। ଏହାପରେ ଔଷଧ କଥା ବିଚାର କରାଯାଏ। ଖାଲିପେଟରେ ଉଷୁମ ପାଣିରେ ଏକ ଚାମଚ ମହୁ, ଫାଳେ ଲେମ୍ବୁ ଚିପୁଡ଼ି ସକାଳୁ ପାନ କରାଯାଇପାରେ। ମଧ୍ୟମ ସାଇଜ ପିଆଜ ଓ ଖଣ୍ଡେ ଅଦାକୁ ଲସି ପରି ବାଟି ଉଷୁମ ପାଣିରେ ସେବନ କରିପାରିବେ। ଗୁଗୁଲୁ ଜାତୀୟ ସମସ୍ତ ଔଷଧ ଚର୍ବିକୁ ହଜମ କରିବାରେ ସହାୟତା କରେ। କୋଳଥ ପାଣି କୋଳଥ ଡାଲି ପାଣି ପିଇବା ହିତକର। କେବଳ ସେତିକି ନୁହେଁ, ଖାଦ୍ୟରେ ମୂଳା ସାମିଲ କରିପାରିବେ। ହଳଦୀ, ଗିଲୟ, ଅଁଳା, ଅଦା, ନିମ ଆଦି ଫ୍ୟାଟି ଲିଭର ଉପଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ବରୁଣ ଗଛର ପତ୍ରରସ ୧୦ ମିଲି, ମାତ୍ରାର ଦିନକୁ ଦୁଇଥର ସେବନ କଲେ ମେଦୋରୋଗରେ ଉପକାର ହୁଏ। ଏହାର ପତ୍ରକୁ ଶାଗ କରି ଖାଇଲେ ମଧ ଯକୃତ ଆଦିର ଜମିଥିବା ଚର୍ବିର ହିତକର ହୋଇଥାଏ। ଅରଖ ଫୁଲର ଚୂର୍ଣ୍ଣ ୨୦୦ ମିଗ୍ରାକୁ ଗୁଡ଼ ସହିତ ଦିନକୁ ଥରେ କରି କିଛିଦିନ ସେବନ କଲେ ମେଦୋରୋଗରେ ହିତକର ହୋଇଥାଏ। ସେହିପରି କୋମଳ ଚାବମୂଳ ସଂଗ୍ରହ କରି ତାହାକୁ ଉତ୍ତମ ଭାବରେ ଧୋଇ ତହିଁରୁ ୧୦ ଗ୍ରାମ୍ ନେଇ ସେଥିରେ ଏକ ଚାମଚ ମହୁ ମିଶାଇ ରାତିରେ ଏକ କାଚପାତ୍ରରେ ରଖି ସକାଳେ ତହିଁରୁ ଝରିଥିବା ପାଣିକୁ ପାନକଲେ, ପେଟରେ ଥିବା ମେଦରେ ଉପକାର ହୁଏ। ଗବ ବା ଜଡ଼ା ତ୍ରର ଅନ୍ତର୍ଧୂମ ଭସ୍ମ ୧୦୦ ମିଗ୍ରାର ୧୦୦ ମିଗ୍ରା ଶୋଧିତ ହିଙ୍ଗୁ ମିଶାଇ ଅନ୍ନମଣ୍ଡ (ପେଜ) ସହିତ କିଛିଦିନ ସେବନ କଲେ, ମେଦୋରୋଗରେ ଉପକାର ହୁଏ ବୋଲି ଡାକ୍ତର ପ୍ରଦୀପ କୁମାର ମିଶ୍ର କୁହନ୍ତି।



# ଆୟୁର୍ବେଦରେ ଉଚ୍ଚ ରକ୍ତଚାପର ଉପଚାର

ଅନିୟମିତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟପେୟ ଯଥା- ଅତିଭୋଜନ, ହୀନଭୋଜନ ଏବଂ ଅସମୟ ଭୋଜନ ସଙ୍ଗେ ସଙ୍ଗେ ନିମ୍ନମାନର ଅଳ୍ପ ମିଶ୍ରିତ ଭୋଜନ ସାମଗ୍ରୀରୁ ପ୍ରସ୍ତୁତ ଖାଦ୍ୟ, ଅତ୍ୟଧିକ ଲୁଣ ସେବନ, ଦୁଶ୍ଚିନ୍ତା, ମାନସିକ ଚାପ ସମସ୍ୟା ଆଦି କାରଣରୁ ମନ ପ୍ରସନ୍ନତା ରହିପାରେ ନାହିଁ। ମନର ପ୍ରଭାବ ଶରୀର ଉପରେ ଯଥେଷ୍ଟ ଥିବାରୁ ବୟସାଧିକ କାରଣରୁ ଅଧିକାଂଶ ବ୍ୟକ୍ତିଙ୍କ ଠାରେ ମଧୁମେହ, ଉଚ୍ଚ ରକ୍ତଚାପ, ଆଣ୍ଠୁଗଣ୍ଠି ଯନ୍ତ୍ରଣା ଆଦି ସମସ୍ୟା ଦେଖିବାକୁ ମିଳୁଛି। ବର୍ତ୍ତମାନ ଏହି ସମସ୍ୟା ବୈଶ୍ୱିକ ସ୍ତରରେ ଚିନ୍ତା ସୃଷ୍ଟି କରିଛି। ଉଚ୍ଚ ରକ୍ତଚାପର ପ୍ରଭାବରୁ ଅଧିକାଂଶ ଲୋକଙ୍କୁ ପକ୍ଷାଘାତ, ମସ୍ତିଷ୍କରେ ରକ୍ତକ୍ଷରଣ ଇତ୍ୟାଦି ଭୟଙ୍କର ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଥାଏ। ତେଣୁ ନିଜର ମଧୁମେହ, ରକ୍ତଚାପ, ପରୀକ୍ଷା କରିବା ସହିତ ଚିକିତ୍ସକଙ୍କ ପରାମର୍ଶରେ ଆବଶ୍ୟକୀୟ ଔଷଧପତ୍ର ବ୍ୟବହାର କରିବା ଉଚିତ। ଉଚ୍ଚରକ୍ତଚାପରେ ପୀଡ଼ିତ ବ୍ୟକ୍ତି ସର୍ପଗନ୍ଧା, ଗୁଡୁଚି, ଭୂଇଁଅଁଳାର ୧୦ ଗ୍ରାମ୍ ଲେଖାଏଁ ନେଇ ୨୦୦ ମିଲି ପାଣିରେ ସିଝାଇ ଅବଶେଷ ୫୦ ମିଲି ରଖି କ୍ୱାଥ କରି ୫୦ ମିଲି ପାନ କଲେ, ଉପଶମ ମିଳେ। ସକାଳେ ଖାଲି ପେଟରେ ଉଷୁମପାଣିରେ ଫାଳେ ଲେମ୍ବୁ ଚିପୁଡ଼ି ପାନକଲେ ରକ୍ତଚାପ ସନ୍ତୁଳିତ କରିଥାଏ। ଚିକିତ୍ସକଙ୍କ ପରାମର୍ଶରେ ସର୍ପଗନ୍ଧା ଘନବଟି, ମୁକ୍ତାପିଷ୍ଟି, ଅମୃତାଘନସତ୍ୱ ଆଦି ସେବନ ହିତକର ହୋଇଥାଏ। ରାତିରେ ରସୁଣକୁ ପାଣିରେ ଭିଜାଇ ସକାଳୁ ଦୁଇ/ତିନି କୋଲା ଖାଇବା ଦ୍ୱାରା ଉପକାର ହୁଏ। ସେହିପରି ତ୍ରିଫଳା, ଲେମ୍ବୁପାଣି, ପୁନର୍ନବା ରସ, କାକମାଚି, ଜିରା ଆଦିର ବ୍ୟବହାର ରକ୍ତଚାପକୁ ମଧ୍ୟ ସନ୍ତୁଳିତ କରିବାରେ ସହାୟତା କରେ। ଚିକିତ୍ସକଙ୍କ ପରାମର୍ଶକ୍ରମେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ରୁଦ୍ରାକ୍ଷର ଉପଯୋଗ ମଧ୍ୟ କରାଯାଇପାରେ। ଖାଦ୍ୟରେ ଲବଣ ଜାତୀୟ ଦ୍ରବ୍ୟକୁ କମାଇବା ଆବଶ୍ୟକ। ଅମ୍ଳ, ଲବଣ, କାଟୁରସଯୁକ୍ତ ଖାଦ୍ୟ ସର୍ବଦା କମ୍ ବ୍ୟବହାର କରିବା ଉଚିତ। ମନକୁ ପ୍ରସନ୍ନ ରଖିବା ପାଇଁ ସଙ୍ଗୀତ ଶୁଣିବା, ଯୋଗ ଶିକ୍ଷକଙ୍କ ସହାୟତା ପ୍ରାଣାୟାମ ଆଦି କରିବା, ସ୍ୱାଧ୍ୟାୟ ଆଦି କରିବା କରିବା ଦ୍ୱାରା ମନ ଖୁସି ହୋଇ ରକ୍ତଚାପ ସନ୍ତୁଳିତ ରହିଥାଏ।



● ହର ଘର ତ୍ରିରଙ୍ଗା ଶୋଭାଯାତ୍ରା

## କର୍ମୀଙ୍କ ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର



**କଣାସ,୧୬।୮(ସଂଚାର ବ୍ୟୁରୋ):** ଆଜି ବିଜେପି ପଖରୁ ହର ଘର ତ୍ରିରଙ୍ଗା ମଟରସାଇକେଲ୍ ରାଲି କଣାସରୁ ଜଙ୍କିଆ ଗଡ଼ସାହି ଯାଉଥିବା ବେଳେ ଗଡ଼ସାହି ଗ୍ରାମର ରତ୍ନାକର ବାରିକ ୩୨ବର୍ଷ ନିଜ ପିତାଙ୍କୁ ମଟରସାଇକେଲ୍‌ରେ ବସାଇ ବ୍ୟାଙ୍କକୁ କଣାସ ଆସୁଥିବା ସମୟରେ ଜଣେ ହର ଘର ତ୍ରିରଙ୍ଗା ରାଲିର ଜଣେ କର୍ମୀ ମଟରସାଇକେଲ୍ ଧାରି ତାଙ୍କ ମଟରସାଇକେଲ୍‌ସହିତ ଧକା ହେବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ସଂଗେ ସଂଗେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ତାଙ୍କର ଡାହଣ ହାତ ଓ ଡାହଣ ଗୋଡରେ ଗୁରୁତର ଆଘାତ୍ ଲାଗିଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଡାକ୍ତରଖାନାକୁ ପଠାଇଦିଆଯାଇଛି।

### ରକ୍ଷକ ସାଜିଲା ଭକ୍ଷକ

# ହୋମଗାର୍ଡ ପତ୍ନୀଙ୍କୁ ଦୁଷ୍କର୍ମ, ଏସ୍ଆଇ ଗିରଫ

**ଫିରିଙ୍ଗିଆ,୧୬।୮(ସଂଚାର ବ୍ୟୁରୋ):** ରକ୍ଷକ ସାଜିଲା ଭକ୍ଷକ ନିଜ ଅଧିନସ୍ଥ କର୍ମଚାରୀଙ୍କ ପତ୍ନୀଙ୍କୁ ପ୍ରେମ ନିବେଦନ କରିବା ସହ ଶୁଷ୍କର୍ମ କରିଥିବା ଅଭିଯୋଗରେ ଗିରଫ ହେଲେ ପୁଲିସ ଏସଏଇ ଓ ଶେଷରେ ଦୁଷ୍କର୍ମ ଅଭିଯୋଗ ରେ ପୁଲିସ କୁ ବାନ୍ଧିଲା ପୁଲିସ ଓ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତ କୁ ପଠେଇଦେଲେ ମାନ୍ୟବର ଅଦାଲତ ଓ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲାରେ ଓ ଗିରଫ ହୋଇଥିବା ପୁଲିସ ଏସଏଇ ଙ୍କ ନା ଶ୍ରୁତି ସାଗର ସାମଲ ୩୩ ବର୍ଷ ବୋଲି ଜଣାପଡ଼ିଥିବା ବେଳେ ସେ କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନାରେ



କାର୍ଯ୍ୟରତ ଥିବା ଜଣାପଡ଼ିଛି ଓ ସୂଚନା ଅନୁସାରେ ଅଭିଯୁକ୍ତ ଏସଆଇ ଶ୍ରୁତି ସାଗର ସାମଲ କନ୍ଧମାଳ ଜିଲ୍ଲା ଗୋଛାପଡା ଥାନାରେ କାର୍ଯ୍ୟରତ ଥିବା ସମୟରେ ସେହି ଥାନାରେ ହୋମ ଗାର୍ଡ ଭାବରେ କାର୍ଯ୍ୟରତ ଅଭିରାମ ମହାନନ୍ଦ ନାମକ ଜଣେ ଗୃହ ରାକ୍ଷୀ ଙ୍କ ପତ୍ନୀ ଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ ଓ ବାରମ୍ବାର ଗୋଛାପଡା ଛକ ନିକଟରେ ଥିବା ଗୃହରାକ୍ଷୀ ଙ୍କ ଦୋକାନ କୁ ଯାଇ ତାଙ୍କ ପତ୍ନୀ ଙ୍କୁ ଅଶାଳୀନ ବ୍ୟବହାର କରିଆସୁଥିଲେ ଓ ଏମିତିକି ଜୋର ଜବରଦସ୍ତ ତାଙ୍କ ପତ୍ନୀ ଙ୍କ ସହ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିବା ସହ ବିଭିନ୍ନ ପ୍ରକାର ଧମକ ଚମକ ଦେଇଆସୁଥିଲେ ଓ ପ୍ରେମ ନିବେଦନ କରିବାରେ ବିଫଳ ହେବାପରେ ଗତ ମେ ମାସ ୨୦୨୪ ତାରିଖ ଦିନ ଗୃହ ରାକ୍ଷୀ ଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଥଣ୍ଡା ପାନୀୟ ପିଇବା ବାହାନାରେ ତାଙ୍କ ପତ୍ନୀ ଙ୍କୁ ଦୁଷ୍କର୍ମ ମଧ୍ୟ କରିଥିବା ଭଳି ସଙ୍ଗିନୀ ଅଭିଯୋଗ ଆଣିଛନ୍ତି ଗୃହରାକ୍ଷୀ ଙ୍କ ପତ୍ନୀ ମିନତୀ ମହାନନ୍ଦିଆ ଓ ତେବେ ଏହି ଘଟଣାକୁ ନେଇ ଗୃହ ରାକ୍ଷୀ ଓ ତାଙ୍କ ପତ୍ନୀ ଥାନାରେ ଦ୍ୱାରସ୍ତ ମଧ୍ୟ ହୋଇଥିବା ବେଳେ ସରକାରୀ ଓକିଲ ଙ୍କ କହିବା ଅନୁସାରେ ସେତେବେଳେ ଗୃହରାକ୍ଷୀ ଙ୍କ ଅଭିଯୋଗ କୁ ଥାନା ତରଫରୁ ଗ୍ରହଣ କରାଯାଇନଥିଲା ଓ ଏମିତିକି ଏହି ଘଟଣାକୁ ନେଇ ପୀଡିତା ଜଣକ ଏସପି ଙ୍କ ଦ୍ୱାରସ୍ତ ମଦ୍ୟ ହୋଇଥିଲେ ଓ ତେବେ ଏହି ଘଟଣାକୁ ପ୍ରାୟ ବର୍ଷେ ବିତିଯାଇଥିବା ବେଳେ ପୁଣି ଏସଆଇ ଜଣକ ପୀଡିତା ମହିଳା ଙ୍କୁ ଧମକ ଦେଇଥିଲେ ଓ ଏହି ଘଟଣାକୁ ନେଇ ପୀଡିତା ଓ ତାଙ୍କ ସ୍ୱାମୀ ଗତ ଅଗଷ୍ଟ ୬ତେରେ ତାରିଖ ଗୋଛାପଡା ଥାନାରେ ଏକ ଲିକିତ ଏତଲା ଦେଇଥିଲେ ଓ ଏତଲା କୁ ଆଧାର କରି ଗୋଛାପଡା ଥାନା ପୁଲିସ ଅଭିଯୁକ୍ତ ଏସଆଇ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଓ ଅନ୍ୟପଟେ ଅଭିଯୁକ୍ତ ଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ମାନ୍ୟ ଅଦାଲତ ଙ୍କ ନିର୍ଦ୍ଦେଶ କ୍ରମେ ବିଚାର ବିଭାଗୀୟ ହାଜତ କୁ ପଠେଇ ଦିଆଯାଇଥିବା ସୂଚନା ଦେଇଛନ୍ତି ମାମଲା ଲଢୁଥିବା ସରକାରୀ ଓକିଲ ପଙ୍କଜ ବେହେରା ।

## ସ୍ୱାଧୀନତା ଦିବସ ପାଳିତ

**ବେତନଟୀ,୧୬।୮(ସଂଚାର ବ୍ୟୁରୋ):** ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ଏମପିସି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟଦିବସ ପାଳନ କମିଟି ସଭାପତି ଜୟନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲେଫ୍ଟନାଣ୍ଟ କର୍ଣ୍ଣଲ ସନ୍ତୋଷ ପଣ୍ଡାଙ୍କ ସମେତ ପ୍ରତୀକ୍ଷା ବିଭାଗର ଅବସରପ୍ରାପ୍ତ ଅଧିକାରୀ ପ୍ରମୁଖ ମଧ୍ୟ ଯୋଗ ଦେଇଥିଲେ ଓ ସମ୍ମାନିତ ଅତିଥି ଭାବରେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ। ତେବେ ଲଗାଣବର୍ଷା ପାଇଁ ସାମୁହିକ ପ୍ୟାରେଡ଼ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ଜାତୀୟଦିବସ ପାଳନ କମିଟି ପକ୍ଷରୁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

● ସୋନପୁର ଗଡଜାତ ପାଇଁ ବାହାରିଲା ନୂଆଖାଇ ଲଗ୍ନ

## ଆସନ୍ତା ୨୮ରେ ପାଳନ ହେବ ନୂଆଁଖାଇ ପର୍ବ

**ସୁବର୍ଣ୍ଣପୁର,୧୬।୮(ସଂଚାର ବ୍ୟୁରୋ):** ସୋନପୁର ଗଡ଼ଜାତ ଓ ପଞ୍ଚରା ଅଞ୍ଚଳ ପାଇଁ ନୂଆଁଖାଇ ଲଗ୍ନ ସ୍ଥାନୀୟ ବଡ ଜଗନ୍ନାଥ ମନ୍ଦିର ପରିସରରେ ଥିବା ମୁକ୍ତିମଣ୍ଡପ ରେ ପଣ୍ଡିତ ମହାସଭା ବସି ଲଗ୍ନ ନିର୍ଘଣ୍ଟ ସ୍ଥିର କରାଯାଇଛି। ଏ ନେଇ ସୋନପୁର ମ୍ୟୁନିସିପାଲଟି ଦ୍ୱାରା ଆହୂତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଅଗଷ୍ଟ ୨୮ ତାରିଖ ଗୁରୁବାର ପଞ୍ଚମୀ ଦିନ ଘ.୧୧.୦୯ ମି ରୁ ଘ.୧୧.୨୩ମି ମଧ୍ୟେ ବିଶୁଦ୍ଧ ତୂଳା ଲଗ୍ନ କୁମ୍ଭ ନବାଂଶ ଭୋଗ ସମୟରେ ନୂଆଁଖାଇ ଲଗ୍ନ ସ୍ଥିର ହୋଇଥିବା ବେଳେ ପ୍ରାତଃ ୧୦ ଘଣ୍ଟା ରୁ ୧୦.୫୦ ମି ମଧ୍ୟେ ସମଲେଶ୍ୱରୀ ମନ୍ଦିର ରୁ ମା ସୁରେଶ୍ୱରୀଙ୍କ ପାଇଁ ପାହୁର ଯାତ୍ରା ବାହାରିବ ଓ ଅଷ୍ଟ ଚଣ୍ଡି, ଅଷ୍ଟ ଶମ୍ଭୁ ଓ ଅଷ୍ଟ ବିଷ୍ଣୁ ଙ୍କ ଠାରେ ନବାହ୍ନ ଲାଗି ହେଲା ପରେ ନିଜ ନିଜ ଇଷ୍ଟ ଦେବୀ ଓ ସାଧାରଣ ଜନତା ନବାହ୍ନ ଭକ୍ଷଣ କରିବେ। ବହୁ ପୂର୍ବରୁ ସୋନପୁର ଗଡ଼ଜାତ ରାଜ୍ୟର ନୂଆଖାଇ ପାଇଁ ଏହି ଲଗ୍ନ ପରମ୍ପରା ଚାଲିଆସି ଥିବା ବେଳେ ପ୍ରତିବର୍ଷ ସୋନପୁରର ବଡ ଜଗନ୍ନାଥ ମନ୍ଦିର ର ମୁକ୍ତି ମଣ୍ଡପରେ ବସି ପଣ୍ଡିତ ମାନେ ଲଗ୍ନ ନିର୍ଘଣ୍ଟ ସ୍ଥିର କରିଥାନ୍ତି । ସୋନପୁରର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ନାମ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ତିଥି ଓ ଲଗ୍ନ ନିର୍ଘଣ୍ଟ ଗଣନା କରାଯାଇ ଥାଏ ଚଳିତ ବର୍ଷ ଜ୍ୟୋତିର୍ବିଦ ପଣ୍ଡିତ ରାଜେନ୍ଦ୍ର କୁମାର ମହାପାତ୍ର ଲଗ୍ନ ନିର୍ଘଣ୍ଟ କରିଥିଲେ। ଆଜିର ଏହି ଲଗ୍ନ ନିର୍ଘଣ୍ଟ ସଭାରେ ଜିଲ୍ଲାର ବହୁ ବିଶିଷ୍ଟ ପଣ୍ଡିତ ମାନଙ୍କ ସହ ଗୌରୀ ଶଙ୍କର ରଥ ଉପସ୍ଥିତ ଥିଲେ। ବୈଠକରେ ସୋନପୁର ପୌରାଧ୍ୟକ୍ଷା ତାମସୀ ତାମସ୍ମିତା ନାଏକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝି, ତ୍ରିଲୋଚନ ତରିଆ ପ୍ରମୁଖଙ୍କ ସମେତ ସହରର ବହୁ ଅନେକ ବିଦ୍ୱାନ ଓ ବୁଦ୍ଧିଜୀବି ମାନେ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

**ବୋରିଗୁମ୍ମା,୧୬।୮(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସଦର ଥାନା ଅନ୍ତର୍ଗତ ଜୟପୁର ବ୍ଲକ କେବିଡି ଗ୍ରାମରେ ଜଣେ ୮ ବର୍ଷର ନାବାଳିକା ସହ ଦୁଷ୍କର୍ମ ନେଇ ବୋରିଗୁମ୍ମା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଗ୍ରାମର ୩ ଜଣ ନାବାଳିକା ଗତକାଲି ସନ୍ଧ୍ୟା ସମୟରେ ଗାଁ ନିକଟସ୍ଥ ପୋଖରୀକୁ ଶୌଚ ହେବାକୁ ଯାଉଥିବା ବେଳେ ରାସ୍ତାରେ କେବିଡି ଗ୍ରାମର ସାନ କୁଳଦୀପ ନାମକ ଯୁବକ ସେମାନଙ୍କୁ ଅଟକାଇ ଥିଲାକ୍ଷୁ ଦୁଇ ଜଣ ନାବାଳିକାଙ୍କୁ ଜୀବନରେ ମାରିଦେବାକୁ ଧମକ ଚମକ ଦେଇ ସେହି ସ୍ଥାନରୁ ତଡି ଦେଇଥିଲାକ୍ଷୁଏବଂ ୮ ବର୍ଷର ନାବାଳିକାଙ୍କ ପ୍ରତି ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ଆଣିଛନ୍ତି ପୀଡ଼ିତାଙ୍କ ପରିବାର ସଦସ୍ୟ।ସୂଚନା ଅନୁଯାୟୀ ୧୩ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ଶୌଚ ହେବା ପାଇଁ ଘର ନିକଟସ୍ଥ ପୋଖରୀକୁ ଯାଇଥିଲା। ସେହି ସମୟରେ କେବିଡି ଗ୍ରାମର ସାନ କୁଳଦୀପ ତାଙ୍କୁ ଜୋର ଜବରଦସ୍ତ ଟେକି ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୀଡ଼ିତା ଘରକୁ ଫେରି ଘଟଣା ସମ୍ପର୍କରେ କହିବାରୁ ପରିବାର ଲୋକେ ଏ ସମ୍ପର୍କରେ ଅବଗତ ହୋଇଥିଲେ। ପରେ ଗ୍ରାମର ସମ୍ପର୍କୀୟଙ୍କୁ ନେଇ ଗତକାଲି ଆଲୋଚନା କରି ରାତି ୯ ଟାରେ ବୋରିଗୁମ୍ମା ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତ ଜଣକ ଏବିଷୟରେ କାହାକୁ କିଛି କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବୋରିଗୁମ୍ମା ଥାନା ପୁଲିସ କେସ ନମ୍ବର ୧୭୯/୨୫ ବିଏନଏସ ରେ ମାମଲା ରୁଜୁ କରି ତୁରନ୍ତ ଗାଁକୁ ଯାଇ ତଦନ୍ତ ଆରମ୍ଭ କରିଥିବା ଏଏସଆଇ ରଚିତା ମାଡକାମୀ ସୂଚନା ଦେଇଛନ୍ତି। ଖବର ଲେଖାହେବା ବେଳକୁ ଥାନାରେ ଉଭୟ ପକ୍ଷଙ୍କ ପରିବାର ସହ ଗ୍ରାମବାସୀ ଉପସ୍ଥିତି ଥିଲେ।

## ଦେବଗିରି ମଠରେ ଜନ୍ମାଷ୍ଟମୀ ଉତ୍ସବ



**ନର୍ଲା,୧୬।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ିପଦର ସ୍ଥିତ ଦେବଗିରି ମଠରେ ଜନ୍ମାଷ୍ଟମୀ ପର୍ବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଯାଦବ ରମଣୀମାନେ ରାତିରେ ଗୁମ୍ଫା ମଧ୍ୟରେ କୃଷ୍ଣ ଜନ୍ମ ନିତି ସଂପାଦନ କରିଥିଲେ। ଦେବଗିରିର ପ୍ରାଚୀନ ପରମ୍ପରା ଅନୁଯାୟୀ କେବଳ ଗୋପାଳୁଣୀମାନେ ହିଁ କୃଷ୍ଣ ଜନ୍ମ ନିତି ସଂପାଦନ କରିବାର ଅଧିକାର ପ୍ରାପ୍ତ। ଜନ୍ମାଷ୍ଟମୀ ଦିନ ମଠର ଆରାଧ୍ୟ ଦେବତା ଦଧିବାମନଜୀଉ ଶ୍ରୀକୃଷ୍ଣ ଭାବେ ଉପାସିତ ହୋଇଥାନ୍ତି। ଗୋପାଳୁଣୀମାନେ ସ୍ୱତନ୍ତ୍ର ଭାବେ କୃଷ୍ଣଙ୍କ ପ୍ରତିକକୁ କୋଳରେ ଧରି ନିଷ୍ଠାର ସହ ଏହି ନିତି ସଂପାଦନ କରିଥାନ୍ତି। ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡ଼ାମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମଠର ପୂଜକ ସନ୍ତୋଷ ପାଢ଼ୀ, ସେବାୟତ ତପିବର ଦାସ, ବିଭିଷଣ ଦାସ, ହରି ଦାସ, ଗୋପାଳ ସେବକ ଟିକେ ଗଉଡ ପ୍ରମୁଖ ପୂଜା କାର୍ଯ୍ୟ ସଂପାଦନ କରିଥିଲେ। ଶିକ୍ଷାବିତ ଅଶୋକ ଧଙ୍ଗଡ଼ାମାଝୀ ଓ ଟ୍ରଷ୍ଟ ବୋର୍ଡ଼ର ବରିଷ୍ଠ ସଦସ୍ୟ ଦେବରାଜ ଗଉଡ ପୁରାଣ ପାଠ କରିଥିଲେ। ଦେବଗିରି ମଠ ଟ୍ରଷ୍ଟ ବୋର୍ଡ ସଦସ୍ୟ ସଞ୍ଜୟ ଧଙ୍ଗଡ଼ାମାଝୀ, ରଜନୀ ଗଉଡ, ବିଜୟ ଧଙ୍ଗଡ଼ାମାଝୀ, ବିଷ୍ଣୁ ଗଉଡ, ସତ୍ରୁଘନ ଧଙ୍ଗଡ଼ାମାଝୀ, ପ୍ରଦୀପ କୁମାର ଧଙ୍ଗଡ଼ାମାଝୀ, ବିଭିଷଣ ଧଙ୍ଗଡ଼ାମାଝୀ, ସୁରେନ୍ଦ୍ର ମାଝୀ, ଭରତ ଧଙ୍ଗଡ଼ାମାଝୀ, ଲୋକନାଥ ଗଉଡଙ୍କ ସମେତ ଧନେ ହେର୍ଣ୍ଣା, ଅନିଲ ଧଙ୍ଗଡ଼ାମାଝୀ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ



**ବୈଶିଙ୍ଗା,୧୬।୮(ସଂଚାର ବ୍ୟୁରୋ):** ସାରା ଦେଶରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହେଉଥିବା ପରିପେକ୍ଷୀରେ ରାଇକମା ଆଶ୍ରମ ବିଦ୍ୟାଳୟରେ ଏହି ଉତ୍ସବ କୁ ଖୁବ ଧୂମ୍ ଧାମରେ ପାଳନ କରାଯାଇଥିବା ଜଣାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ଏହି ସ୍ୱାଧୀନତା ଦିବସରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ କର୍ମଚାରୀ ତଥା ଅନ୍ତେବାସୀ ଛାତ୍ର/ଛାତ୍ରୀ ମାନେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରିବା ପରେ ପିଲାମାନେ ବିଭିନ୍ନ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିବା ସହିତ ସ୍ୱଚ୍ଛତା ର ବାର୍ତ୍ତା ପ୍ରଦାନ କରିଥିଲେ। ସ୍ୱାଧୀନତା ଦିବସ ସମ୍ବନ୍ଧୀୟ ଫଟୋଚିତ୍ର, ପ୍ରବନ୍ଧ ପ୍ରତିଯୋଗୀତା କରାଯାଇ କୃତୀ ଛାତ୍ର/ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଭିଭାବକ ମାନେ ମଧ୍ୟ ସହଯୋଗ କରିଥିଲେ। ବିଦ୍ୟାଳୟ ତରଫରୁ ମଧ୍ୟାହ୍ନ ଭୋଜନ ସହିତ କଦଳୀ ସେଓ ଆଦି ବଣ୍ଟନ କରା ଯାଇଥିଲା।

## ବଜ୍ରାଘାତରେ ମୃତ୍ୟୁ

**ବାଲିପାଟଣା,୧୬।୮(ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଅନ୍ତର୍ଗତ ଗୁଆପୁର ସାତବିଶୁଆ ଗ୍ରାମର ବିଚିତ୍ରାନନ୍ଦ ଭୋଇ ବିଲରେ କାମ କରୁଥିବା ସମୟରେ ବଜ୍ରାଘାତର ସଂସ୍ପର୍ଶରେ ଆସି ଗୁରୁତର ଆହତ ହେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତା ରେ ତାଙ୍କୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ରେଫର କରିଥିଲେ। କ୍ୟାପିଟାଲ ରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ଘଟଣା ର ଅଧିକ ତଦନ୍ତ ବାଲିପାଟଣା ପୋଲିସ ଚଳାଇଛି।



## ୭୯ତମ ସ୍ୱାଧୀନତା ଦିବସ ପାଳିତ




**ବିଞ୍ଝାରପୁର,୧୬।୮(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍ଥାନରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଂଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବିଡ଼ିଓ ହୀତାଂଶୁ ଶେଖର ସାମଲ ଅଭିଭାଷଣ ରଖିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସେକ ଇର୍ଷାଦ ଉପସ୍ଥିତ ଥିଲେ।ସେହିପରି ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାସଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି।ତେବେ ସ୍ୱାଧୀନତା ଦିବସ ପାଳନ ଅବସରରେ ମାସଡା ପଞ୍ଚାୟତ ର ସରପଞ୍ଚ କଳିକା ଦାସ ଦ୍ୱାରା ଆୟୋଜିତ ଏକ ସମ୍ବର୍ଦ୍ଧିତ ସଭାରେ ଦିଲ୍ଲୀପ ରାଉଳ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗ ଦେ ଥିବା ବେଳେ ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁଶାନ୍ତ ମିଶ୍ର ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।ତେବେ ଏହି କାର୍ଯ୍ୟକ୍ରମରେ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ମହାପୁରୁଷଙ୍କ ବିଷୟରେ ଆଲୋକପାତ କରାଯାଇଥିଲା।

## ୭୯ତମ ସ୍ୱାଧୀନତା ଦିବସରେ ୭୯ ଔଷଧୀୟ ଚାରାରୋପଣ



**ବୋରିଗୁମ୍ମା,୧୬।୮(ସଂଚାର ବ୍ୟୁରୋ):** ବୋରିଗୁମ୍ମା ଦୁଲ୍ଲାଗୁଡା ରୋଡ଼ରେ ବାସ କରୁଥିବା ବରିଷ୍ଠ ଆଇନଜୀବୀ ଲାଲୁ ଷଡ଼ଙ୍ଗୀ ତଥା ସାଇ ଗାୟତ୍ରୀ ପରିବାର ପକ୍ଷରୁ ଚଳିତ ବର୍ଷ ସାଇ ଭବନ ପରିସରରେ ନିଆରା ଢଙ୍ଗରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏହି ଅବସରରେ ସାଇ ଗାୟତ୍ରୀ ପରିବାର ର ମୁଖ୍ୟ ସାଇସେବକ ଲାଲୁ ଷଡ଼ଙ୍ଗୀଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ମାନେ ମିଳିମିଶି ୭୯ଟି ଔଷଧୀୟ ବୃକ୍ଷ ରୋପଣ କରି ପାଳନ କରିଥିଲେ। ସାଇ ଭବନ ପରିସର ଓ ରାସ୍ତାର ଉଭୟ ପାର୍ଶ୍ୱରେ ଆଜି ୭୯ଟି ବୃକ୍ଷରୋପଣ କରାଯାଇଥିଲା। ଦିନକୁ ଦିନ ଜଙ୍ଗଲ ପରିବେଶ ନଷ୍ଟ ହେଉଥିବା ଓ ଜଳବାୟୁ ପରିବର୍ତ୍ତନ ହେଉ ଥିବା ଦୃଷ୍ଟିରେ ରଖି ଆଜି ସ୍ୱାଧୀନତା ଦିବସ ଅବସରରେ ବୋରିଗୁମ୍ମା ସାଇ ଗାୟତ୍ରୀ ପରିବାର ପକ୍ଷରୁ ୭୯ଟି ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଯଥା ଅଁଳା, କରଞ୍ଜ, ଜାମୁ, ବେଲ, ନିମ୍ବ ଓ ଫାସି ବୃକ୍ଷ ରୋପଣ କରାଯାଇଥିଲା ଏବଂ ଏହି ବର୍ଷ ଶେଷ ସୁଦ୍ଧା ୧ ହଜାର ଗଛ ଲଗାଇବାକୁ ଲକ୍ଷଧାର୍ଯ୍ୟ ଥିବା ମୁଖ୍ୟ ସାଇସେବକ ଲାଲୁ ଷଡ଼ଙ୍ଗୀ ପ୍ରତିକ୍ରିୟା ରଖିଥିବାବେଳେ ତାଙ୍କ ସହଯୋଗ ରେ ପ୍ରଥମ ସୋପାନ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ ହୋଇଥିଲା।

## ନର୍ଲା ଯାଦବ ଭବନରେ ଜନ୍ମାଷ୍ଟମୀ

**ନର୍ଲା,୧୬।୮(ସଂଚାର ବ୍ୟୁରୋ):** ନର୍ଲା ଯାଦବ ଭବନଠାରେ ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ୍ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଥିବାବେଳେ ଭାଗବତିଆ କବି ତଥ ବ୍ଲକ ଯାଦବ ସମିତିର ସାଧାରଣ ସମ୍ପାଦକ ମଧୁସୂଦନ ରାଉତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝୀଙ୍କ ସମେତ ବ୍ଲକର ଅନେକ ଆଞ୍ଚଳିକ ସଭାପତି, ସମ୍ପାଦକ, କାର୍ଯ୍ୟକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ନର୍ଲା ବ୍ଲକ ଯାଦବ ସମିତି ଉପସଭାପତି ସୁନୀଲ କୁମାର ଧଙ୍ଗଡ଼ାମାଝୀ ଓ ମାର୍କଣ୍ଡ ଜାଲ, ସୁଧିର ନାଏକ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭତ୍ତା ବାବଦ ପ୍ରତିଶ୍ରୁତି ପାଳନ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

**କଳାହାଣ୍ଡି,୧୬।୮(ସଂଚାର ବ୍ୟୁରୋ):** ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ଦଳ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ୩୦୦୦-୩୫୦୦ ଟଙ୍କା କରିବା ପାଇଁ ସଂକଳ୍ପ ପତ୍ରରେ ଉଲ୍ଲେଖ କରିଥିଲେ। ତେଣୁ ରାଜ୍ୟର ପାଖାପାଖି ୬୦ଲକ୍ଷରୁ ଉର୍ଦ୍ଧ୍ୱ ଗରିବ ଓ ଅବହେଳିତ ଭତ୍ତାଧିକାରୀମାନେ ଟିକିଏ ଭଲରେ ବଞ୍ଚିବା ଆଶାରେ ଆପଣଙ୍କ ଦଳକୁ ଭୋଟ ଦେଇ ମୋହନ ସରକାର ଗଠନ ହେଲା।ସମସ୍ତ ଭତ୍ତାଧିକାରୀମାନେ ସରକାରଙ୍କ ଉପରେ ଆଶା ପ୍ରକଟ କରି ଚାତକ ଭଳି ଚାହିଁ ବସିଥିଲେ କିନ୍ତୁ ସରକାର ହେବାର ୬ମାସ ପରେ କେବଳ ୮୦ବର୍ଷ ଉର୍ଦ୍ଧ୍ୱ ବୁଢ଼ାବୁଢ଼ୀ ଏବଂ ୮୦% ରୁ ଉର୍ଦ୍ଧ୍ୱ ବିକଳାଙ୍ଗ ପାଇଁ ଭତ୍ତା ୩୫୦୦ଟଙ୍କା ଘୋଷଣା କଲେ ଯାହା ରାଜ୍ୟର କେବଳ ୪ଲକ୍ଷ ୧୭ହଜାର ହିତାଧିକାରୀ ଗତ ଜାନୁଆରୀ ୧୫ତାରିଖରୁ ଲାଭବାନ ହେଲେ। କିନ୍ତୁ ରାଜ୍ୟରେ ବାକି ପାଉଥିବା ୬୦ବର୍ଷରୁ



ଉର୍ଦ୍ଧ୍ୱ ବୁଢାବୁଢି, ବିଧବା, ଅବିବାହିତା ଓ ୪୦% ଉର୍ଦ୍ଧ୍ୱ ବିକଳାଙ୍ଗ ପାଖାପାଖି ୫୬ଲକ୍ଷ ଭତ୍ତାଧିକାରୀମାନେ ୧୪ମାସ ହେଲା ଭତ୍ତା ୩୦୦୦ଟଙ୍କା ଘୋଷଣାକୁ ଚାହିଁ ବସିଛନ୍ତି। ତେଣୁ ଆଜି 'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ସଂଗଠନର ସଂଗଠକ ଇଂ. ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଭବାନିପାଟଣା ସ୍ଥିତ ସାର୍କିଟ୍ ହାଉସ୍ ରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମହୋଦୟଙ୍କୁ ଭେଟି ୪ଦଫା ଦାବି ପତ୍ର ପ୍ରଦାନ କରିଥିଲେ। ପ୍ରତିଶ୍ରୁତି ଭତ୍ତା ୩୦୦୦ଟଙ୍କା କେବେ ଘୋଷଣା କରିବେ ବୋଲି ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରଶ୍ନ କରିବାରୁ ମନ୍ତ୍ରୀ ମହୋଦୟ ସନ୍ତୋଷଜନକ ଉତ୍ତର ନ ରଖି ଆଗାମୀ ଦିନରେ ରାଜ୍ୟର ରାଜସ୍ୱକୁ ଦେଖି ବିଚାର କରାଯିବ ବୋଲି କହିଥିଲେ। ଯଦି ସରକାର ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଁଖାଇ ପୁର୍ବରୁ ଘୋଷଣା ନ କରନ୍ତି ତା ହେଲେ ସଂଗଠନ ହିତାଧିକାରୀଙ୍କୁ ଧରି ରାଜାରାସ୍ତାକୁ ଓହ୍ଲାଇବେ ବୋଲି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ସଂଗଠନର ନାରୀନେତ୍ରୀ କବିତା ରାଉତ, ନିରୋଦ କୁମାର ରାଉତ, ଏଡଭୋକେଟ କ୍ଷୀରୋଦ ନାଗ, ସସ୍ମିତା ସିଂ, ରାଜେନ୍ଦ୍ର ମହାରଣା, ଟଙ୍କଧର ସାହୁ, ମଧୁଲାଲ ନାଏକ, ସୌମ୍ୟରଞ୍ଜନ କର, କୁନୁ ଗଉଡ ପ୍ରମୁଖ ଉପସ୍ଥିତ ଥିଲେ।

## ଆଧ୍ୟାତ୍ମିକ ଚିନ୍ତନ ଛାତ୍ରଛାତ୍ରୀଙ୍କ ସଫଳତାର ଚାବିକାଠି



**ବାଲିଆପାଳ,୧୬।୮(ସଂଚାର ବ୍ୟୁରୋ):** ଆଧୁନିକ ଯୁଗରେ ଛାତ୍ର ଛାତ୍ରୀଙ୍କୁ ଗୋଡ଼ି ତୋଲିବାର ଚାବିକାଠି ହେଉଛି ଶ୍ରୀମତ ଭାଗବତ ଗୀତା। ଭାରତୀୟ ସଂସ୍କୃତି, ପରମ୍ପରା, ଭଗବତ ବିଶ୍ୱାସୀ ହେବା ପାଇଁ ଭଗବତ୍ ଗୀତ ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବାଲିଆପାଳ ବ୍ଲକ ନୂଆଁ ଜନ୍ମାଷ୍ଟମୀ ଉତ୍ସବରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ।ବିଦ୍ୟାଳୟର ର ପ୍ରଧାନ ଶିକ୍ଷକ ପ୍ରଭାକର ବେହେରା ଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରର ପବିତ୍ର ଙ୍କ ତତ୍ତ୍ୱାବଧାନରେ ଶନିବାର ପୂର୍ବାହ୍ନ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ପାଲା ଗାୟକ ମହେଶ୍ୱର ଘଡାଇ, ସମ୍ମାନିତ ଅତିଥି ସଂସ୍କୃତ ପଣ୍ଡିତ ଶୁକଦେବ ପାଣିଗ୍ରାହୀ, ଆଧ୍ୟାତ୍ମିକ ବାଦୀ ଭୁବନ ଜେନା, ବିଦ୍ୟାଳୟ ର ସଭାପତି ପ୍ରମଥ ଜେନା ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ କୃଷ୍ଣ ନାମ, ସଂକୀର୍ତ୍ତନ, ପୂଜ୍ୟପୂଜାର ପରମ୍ପରା, ପିଲାଙ୍କ ଦ୍ୱାରା ଗାୟତ୍ରୀ ମନ୍ତ୍ର, ଗୀତା ରେ ବର୍ଣ୍ଣିତ ତୃତୀୟ ଅଧ୍ୟାୟରେ ୩୫ ତମ ଶୋଲ୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁନି କୁନି ପିଲାମାନେ କୃଷ୍ଣ ଓ ରାଧା ବେଶରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ମହାଭାରତ ଯୁଦ୍ଧରେ ପ୍ରଭୁ କୃଷ୍ଣ ସତ୍ ମାର୍ଗରେ ଚାଲିବା ଓ ଜୀବନରେ କର୍ମଙ୍କୁ ବିଶ୍ୱାସ କରିବା ପାଇଁ ଯୋଦ୍ଧା ଅର୍ଜୁନଙ୍କୁ ବୁଝାଇଥିବା କଥା ଅତିଥି ମାନେ ଆଲୋଚନା କରିଥିଲେ। ବିଦ୍ୟାଳୟର ଗୁରୁଜୀ ଗଦାଧର ବେହେରା, ନିବାସୀ ରଣଜିତ, ପରାମାନନ୍ଦ ପରିଡା, ବସନ୍ତ ପ୍ରଧାନ, ଗୁରୁମା ଅଞ୍ଜୁବାଳା ମିଶ୍ର, ଶାନ୍ତି ଲତା ଜେନା, ରଶ୍ମିତା ପାଢୀ, ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ସମ୍ପାଦକ ରଞ୍ଜନ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମୁକୁଳା ପଡ଼ିଚି ଟ୍ରାନ୍ସଫର୍ମର, ଶୋଇଛି ବିଭାଗ

**ମ.ରାମପୁର,୧୬।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ମଦନପୁର ବ୍ଲକ ଅନ୍ତର୍ଗତ ତୁଜଙ୍ଗ ଗ୍ରାମର ସ୍କୁଲ ଯିବା ରାସ୍ତା କଡ଼ରେ ରହିଛି ୧୧ କେଭି ବିଶିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଏହି ଟ୍ରାନ୍ସସଫର୍ମରରୁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି।ମାତ୍ର ଏହି ଉଚ୍ଚ ଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର ଏବେ ମୁକୁଳା ପଡ଼ିଥିବା ସହ ରଖା ଯାଇଥିବା ପିଣ୍ଡି ଭଗ୍ନ ଅବସ୍ଥାରେ ଝୁଲି ରହିଛି। ଟ୍ରାନ୍ସଫର୍ମରଠାରୁ ଟାଟା ପାୱାର କାର୍ଯ୍ୟାଳୟ ୨ କିମି ଦୂରରେ ରହିଛି ଅଥଚ ହେଲେ ଏଥିପ୍ରତି ବିଭାଗର ନିଘା ନଥିବା ଅଭିଯୋଗ ହୋଇଛି।ନିୟମାନୁଯାୟୀ ଟ୍ରାନ୍ସଫର୍ମରଗୁଡିକ ଜନବସତିଠାରୁ ଦୂରରେ ବସାଇବା ସହିତ ଏହାର ଚତୁଃପାର୍ଶ୍ୱ ଆବଦ୍ଧ କରାଯିବାର ପ୍ରାବଧାନ ରହିଛି।ଫଳରେ ବାହାରର କୌଣସି ଜୀବଜନ୍ତୁ ସେହି ପରିସରକୁ ପ୍ରବେଶ କରିପାରିବେ ନାହିଁ। କିନ୍ତୁ ଏହି ଟ୍ରାନ୍ସଫର୍ମର ଟି କୁନି କୁନି ଛାତ୍ର ଛାତ୍ରୀ ସ୍କୁଲ ଯିବା ବାଟ ସହ



ନୁନୁପୁର୍ ଗ୍ରାମ କୁ ସଂଯୋଗ କରୁଛି। ଏହାବଦ୍ ଦୈନନ୍ଦିନ ଉକ୍ତ ଗ୍ରାମବାସୀ ଙ୍କ ଗାଧେଇବା ପାଇଁ ପୋଖରୀ ଯିବା ବାଟ ରହିଥିବାବେଳେ ଉକ୍ତ ସ୍ଥାନରେ କୌଣସି ବାଡ ଘେରା ଯାଇନାହିଁ। ଅପରପକ୍ଷେ ଏହା ମଧ୍ୟକୁ ଅନାୟସରେ ଗୃହପାଳିତ ପଶୁ, ବୁଲାକୁକୁର ମାନସିକ ବିକୃତ ବ୍ୟକ୍ତି ଅବାଧରେ ପ୍ରବେଶ କରୁଛନ୍ତି। ଏପରି ସ୍ଥଳେ ଟ୍ରାନ୍ସଫରମର ବିଦ୍ୟୁତ୍ ସଂସ୍ପର୍ଶରେ ଆସି କେତେବେଳେ କାହାରି ଜୀବନ ଯିବ ତାହା କହିହେବ ନାହିଁ ଟ୍ରାନ୍ସଫରମର ରଖା ଯାଇଥିବା ପିଣ୍ଡି ଫାଟି ଭାଙ୍ଗିବା ଅବସ୍ଥାରେ ରହିଛି।ଏନେଇ ବିଭିନ୍ନ ସମୟରେ ଗାଁ ଲୋକେ ବିଦ୍ୟୁତ ବିଭାଗ କୁ ଜଣେଇ ଥିଲେ ହେଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ତେବେ କେବଳ ଯେ ତୁଜୁଙ୍ଗ ଗ୍ରାମ ନୁହଁ ଉକ୍ତ ବ୍ଲକ ଅଞ୍ଚଳର ଅଧିକାଂଶ ଟ୍ରାନ୍ସଫରମର ଖୋଲା ପଡ଼ିଥିବା ସହ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଦେଖିବାକୁ ନଜିର ରହିଛି। ଅନ୍ୟପକ୍ଷେ ବିଦ୍ୟୁତ୍ ବିଭାଗ ବିଦ୍ୟୁତ ମରାମତି ଆଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ୍ କରୁଛି କିନ୍ତୁ ଏଭଳି ଟ୍ରାନ୍ସଫର୍ମରଗୁଡିକର ରକ୍ଷଣାବେକ୍ଷଣ ଠିକ୍‌ରେ କରିପାରୁ ନାହିଁ। କେଉଁଠି ଟ୍ରାନ୍ସଫର୍ମରରେ ଗଛ ଲତା ଗୁଳ୍ମ ମାଡ଼ିଗଲାଣି ତ ଆଉ କେଉଁଠି କେଉଁଠି ଘେରା ଯାଇଥିବା କଣ୍ଟା ତାରରେ କଳଙ୍କି ଲାଗି ଭାଙ୍ଗି ଗଲାଣି।

## ଆମ୍ଭେ-୮୩ ତରଫରୁ ସ୍ୱାଧୀନତା ଦିବସ ପାଳନ ଓ ଚାରା ବଣ୍ଟନ

**ବେତନଟୀ,୧୬।୮(ସଂଚାର ବ୍ୟୁରୋ):** ବେତନଟୀ ଏମ୍.ପି.ସି. ଉଚ୍ଚ ବିଦ୍ୟାଳୟର ୧୯୮୩ ମସିହା ମାଟ୍ରିକ ବ୍ୟାଚ ଛାତ୍ର ସଂଗଠନ ଆମ୍ଭେ-୮୩ ତରଫରୁ ସ୍ଥାନୀୟ ଜ୍ଞାନଦୀପ ପ୍ରେସ ପ୍ରାଙ୍ଗଣରେ ୭୯ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠାନର ସଭାପତି ସତୀଶ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ସହଯୋଗ କରିଥିଲେ ସଂପାଦକ ସଞ୍ଜୟ କୁମାର ଭୂୟାଁ। ସମବେତ ସମସ୍ତ ସଦସ୍ୟଗଣ ଜାତୀୟ ସଂଗୀତ ଗାନ କରି ଜୟଧ୍ୱନୀ ଦେବା ପରେ ସଭାପତି ଆଜି ଦିନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ପରେ ପରେ ଅନୁଷ୍ଠାନ ତରଫରୁ ୨୦୦ ଟି ବିଭିନ୍ନ ପ୍ରକାର ଫଳ, ପୁଷ୍ପ ଓ ଔଷଧୀୟ ବୃକ୍ଷ ଚାରା ସମ୍ପୂର୍ଣ୍ଣ ମାଗଣାରେ ଜନସାଧାରଣ ତଥା ପରିବେଶବିତ୍ ମାନଙ୍କୁ ବଣ୍ଟନ କରାଯାଇ ଥିଲା। ଆମ୍ଭେ-୮୩ର ଉପସଭାପତି ରଞ୍ଜନ କୁମାର ମହାନ୍ତି ଓ ସୂର୍ଯ୍ୟାନନ୍ଦ ନାୟକ, କୋଷାଧ୍ୟକ୍ଷ ଶ୍ୟାମ ପ୍ରସାଦ ମଡୁଆଳ, ସଦସ୍ୟ ସୁକାନ୍ତ କୁମାର ବେହେରା, କ୍ଷେତ୍ରମୋହନ ବେହେରା, ଅରବିନ୍ଦ ପାତ୍ର, ଗଣେଶ୍ୱର ବିନ୍ଧାଣୀ, କରୁଣାକର ସାହୁ, ମନୋରଞ୍ଜନ ସାହୁ, ରୁଦ୍ରପ୍ରସାଦ ନାୟକ, କାଳିଶଙ୍କର ସାହା ପ୍ରମୁଖ ସହଯୋଗ କରିଥିଲେ। ବେତନଟୀ ରୋଟାରୀ କ୍ଲବର ସଭାପତି ଗିରିଧାରୀ ସାହୁ, ପଦ୍ମମାଳୀ କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳି ଭୂୟାଁ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।